


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-5 • BHUBANESWAR • SUNDAY • 29 JUNE 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୫ • ଭୁବନେଶ୍ୱର • ରବିବାର • ୨୯ ଜୁନ୍ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)


# ଗୁଣ୍ଡିଚା ଦୁଆରେ ତିନି ରଥ

## ଆଜି ଆଡ଼ପ ମଣ୍ଡପ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି

■ ପୁରୀ, ୨୮।୬ (ସମିସ): ନବଦିନାତ୍ମକ ଯାତ୍ରାରେ ବାହାରି ବଡ଼ଦାଣ୍ଡରେ ଭାଇ-ଭଉଣୀଙ୍କ ସହ ଅଟକି ରହିଥିଲେ କାଳିଆ ଠାକୁର। ରାତିରେ ରଥାରୂଢ଼ ଠାକୁରଙ୍କୁ ମନଲୋଭା ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଶନିବାର ସକାଳୁ ନିର୍ଘଣ୍ଟ ନୀତିକାନ୍ତି ପରେ ପୁନଶ୍ଚ ଆରମ୍ଭ ହୋଇଥିଲା ରଥଟଣା। ଝିପିଝିପି ବର୍ଷା ସାଙ୍ଗକୁ ଅନୁକୂଳ ପାଗ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ ହଜାରହଜାର ଶ୍ରଦ୍ଧାଳୁ। ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚି ଯାଇଛନ୍ତି ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଶନିବାର ରାତି ଏବଂ ରବିବାର ଦିନବ୍ୟାପୀ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ଣରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀ ତଥା ଆଡ଼ପ ମଣ୍ଡପକୁ ବିଜେ କରିବେ।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଥିଲା ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ଶୁକ୍ରବାର ନିର୍ଘଣ୍ଟ ସମୟରେ ଚାଲିଥିଲା ନୀତିକାନ୍ତି। ଧାର୍ଯ୍ୟ ସମୟରେ ରଥଟଣା ବି ଆରମ୍ଭ ହୋଇଥିଲା। ହେଲେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ବାଟସାରା ବିଭିନ୍ନ ସ୍ଥାନରେ ମୋଡ଼ ନେଇଥିଲା। ତେଣୁ ରଥଟଣା ବନ୍ଦ ବେଳକୁ ତାଳଧ୍ୱଜ ରଥ ବଳଗଣ୍ଡି ଛକ, ଦର୍ପଦଳନ ମରୀଚିକୋଟ ଏବଂ ନନ୍ଦିଘୋଷ ରଥ ସିଂହଦ୍ୱାର ନିକଟରେ ଅଟକି ରହିଥିଲା। ରଥାରୂଢ଼ ଠାକୁରଙ୍କୁ ବିଳମ୍ବିତ ରାତି ଯାଏ ମନଭରି ଦର୍ଶନ କରିଥିଲେ ଭକ୍ତ।

ଶନିବାର ପ୍ରାତଃରେ ରଥ ଉପରେ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ସକାଳ ୯ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଓ ଘଣ୍ଟୁଆଙ୍କ ଘଣ୍ଟର ତାଳେ ତାଳେ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥ ଆଗକୁ ଆଗକୁ ମାଡ଼ି ଚାଲିଥିଲା। ବଡ଼ କଥା ହେଲା, ଶୁକ୍ରବାର



## ଝିପିଝିପି ବର୍ଷା ସାଙ୍ଗକୁ ଅନୁକୂଳ ପାଗ


## ବଡ଼ଦାଣ୍ଡରେ ରଥଟାଣିଲେ ଲକ୍ଷାଧିକ ଭକ୍ତ

ଭଳି ଶନିବାର ବି ପାଗ ବେଶ୍ ଅନୁକୂଳ ରହିଥିଲା। ଆଦୌ ଖରା ନଥିଲା। ଏପରିକି, ରଥ ଗଡ଼ୁଥିବା ବେଳେ ଝିପିଝିପି ବର୍ଷା ହୋଇଥିଲା। ଶ୍ରଦ୍ଧାଳୁମାନେ ଭିଜିଭିଜି ରଥ ଟାଣୁଥିଲେ। ଅବଶ୍ୟ ବାଟରେ କିଛି ଜାଗାରେ ରଥ ମୋଡ଼ ନେଇଥିଲା। ହେଲେ ସେମିତି ବେଶି ଅଝଟ ହୋଇନଥିଲେ ଭାଇ-ଭଉଣୀ। ପ୍ରଥମେ ପୂର୍ବାହ୍ଣ ୧୧ଟା ୧୬ରେ ତାଳଧ୍ୱଜ ରଥ ଲାଗିଥିଲା ଗୁଣ୍ଡିଚା ମନ୍ଦିର ସମ୍ମୁଖରେ। ପରେ ମଧ୍ୟାହ୍ନ ୧୨ଟା ୧୭ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ଣ ୧ଟା ୧୦ରେ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ସଙ୍ଗେସଙ୍ଗେ ଉଭୟ ରଥ ଚତୁଃପାର୍ଶ୍ୱରେ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ରଥ ଉପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିଥିବା ବେଳେ ଦର୍ଶନ ପାଇଁ ଶରଧାବାଲି ମଧ୍ୟ ଲୋକାରଣ୍ୟ ହୋଇପଡ଼ିଥିଲା। ରବିବାର ଦିନତମାମ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବିଗ୍ରହ। ଅପରାହ୍ଣ ପ୍ରାୟ ୫ଟା ପରେ ଗୋଟିପହଣ୍ଡିରେ ଆଡ଼ପମଣ୍ଡପ ଯାତ୍ରା କରିବେ ବିଶ୍ୱନିୟନ୍ତା। ସୋମବାରଠାରୁ ଶ୍ରଦ୍ଧାଳୁଙ୍କୁ ମିଳିବ ଆଡ଼ପ ଅବଢ଼ା।

## ରଥଯାତ୍ରା ମହାବିଭ୍ରାଟ; ନବୀନଙ୍କ ଉଦ୍‌ବେଗ

# ବିଶୃଙ୍ଖଳା ପାଇଁ ଦାୟୀ ବ୍ୟକ୍ତିଙ୍କୁ ମହାପ୍ରଭୁ କ୍ଷମା କରିଦିଅନ୍ତୁ

■ ଭୁବନେଶ୍ୱର, ୨୮।୬ (ସମିସ): ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ ଏବଂ ଭିଡ଼ ନିୟନ୍ତ୍ରଣକୁ ନେଇ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ୁଛି। ରାଜ୍ୟ ସରକାରଙ୍କ ଅପାରଗତା ରାଜ୍ୟ ତଥା ଜାତୀୟସ୍ତରରେ ଚର୍ଚ୍ଚାର କାରଣ ପାଲଟିଥିବା ବେଳେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଚାହୁଁନାହୁଁ ବୋଲି ନବୀନ କହିଥିବା ବେଳେ ଭୟଙ୍କର ବିଭ୍ରାଟ ଓ ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ କ୍ଷମା କରିଦିଅନ୍ତୁ ବୋଲି "ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଚକା ଆଖି ସବୁ ଦେଖୁଛି। ତେଣୁ କଣ ପାଇଁ ଏମିତି ଅଘଟଣ ଘଟିଲା, ଭୟଙ୍କର ବିଭ୍ରାଟ ହେଲା ସେନେଇ ସରକାର ଆତ୍ମଚିନ୍ତନ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି। ନବୀନଙ୍କ ପରାମର୍ଶକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ସରକାର ଅଯଥା ଯୁକ୍ତି ନକରି ନିଜର ତ୍ରୁଟିକୁ ସ୍ୱୀକାରନ୍ତୁ ବୋଲି ମତ ପ୍ରକାଶ ପାଇଛି। ଆଡ଼ପ ମଣ୍ଡପ ଦର୍ଶନଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରିବିଜେ ଯେପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେନେଇ ସରକାର ସଚେତନ ଭାବେ କାମ ▶ପୃଷ୍ଠା-୭



### ଚକା ଆଖି ସବୁ ଦେଖୁଛି

**ନନ୍ଦିଘୋଷ ରଥଟଣା ପାଇଁ ପ୍ରଶାସନକୁ ଦୋଷାରୋପ କରୁନାହୁଁ**

**ଯେଉଁ ଅଘଟଣ ଘଟିଲା, ସେନେଇ ଚିନ୍ତା ପ୍ରକାଶ ବିନା ରହି ହେଉନାହିଁ**

**ବିଭ୍ରାଟ, ଅଘଟଣ ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ ଓ ହତାଶ କରିଛି**

**ସରକାର ଆତ୍ମଚିନ୍ତନ କରନ୍ତୁ**

## ଶୁଭାଂଶୁଙ୍କ ସହ କଥାହେଲେ ମୋଦୀ

# ମହାକାଶରୁ ଭବ୍ୟ ଦିଶୁଛି ଭାରତ

■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ପହଞ୍ଚିଥିବା ଶୁଭାଂଶୁ ଶୁକ୍ଲାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସନ୍ଧ୍ୟା ୫ଟା ୪୯ରେ ଏହି କଥାବାର୍ତ୍ତାର ଭିଡିଓ ଜାରି କରାଯାଇଛି। ଉଭୟେ ୧୮ ମିନଟ୍ ୨୫ ସେକେଣ୍ଡ ପର୍ଯ୍ୟନ୍ତ ଚର୍ଚ୍ଚା କରିଛନ୍ତି। ଶୁଭାଂଶୁ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି ଯେ ଦିନକୁ ୧୬ ଥର ପୃଥିବୀ ପରିକ୍ରମା କରୁଛୁ। ଘଣ୍ଟା ପ୍ରତି ୨୮ ହଜାର କିମିରେ ଗତି କରୁଛୁ। ୧୬ ଥର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖୁଛୁ। ମହାକାଶରୁ ଭାରତ ଭବ୍ୟ ଦେଖାଯାଉଛି। ଆମ ଦେଶ କେଉଁ ବେଗରେ ଆଗକୁ ବଢ଼ୁଛି ତାହା ଏହି ଗତି ଦର୍ଶାଉଛି। ମୋଦୀ ପଚାରିଥିଲେ ଯେ ଗାଜର ହାଲୱା ନେଇ ମହାକାଶକୁ ଯାଇଥିଲେ। ଏହା ସହଯୋଗୀଙ୍କୁ ଦେଇଛନ୍ତି କି ନାହିଁ? ଏହା ଉତ୍ତରରେ ମହାକାଶଚାରୀ କହିଥିଲେ ଯେ ଗାଜର ହାଲୱା, ମୁଗ ଡାଲି ହାଲୱା ଏବଂ ଆମ୍ବ ରସ ଆଣିଛି। ଆମେ ସମସ୍ତେ ଏକାଠି ବସିକି ଖାଇଛୁ। ସମସ୍ତଙ୍କୁ ଏହା ଭଲ ଲାଗିଛି।

ଫୋନ ବାର୍ତ୍ତାଳାପ ଆରମ୍ଭ ହେବାପରେ ମୋଦୀ ଭାରତୀୟଙ୍କ ପକ୍ଷରୁ ଶୁଭାଂଶୁଙ୍କୁ ଶୁଭକାମନା ଜଣାଇଥିଲେ। ଏଥିପାଇଁ ଧନ୍ୟବାଦ ଦେଇ ଭଲରେ ଏବଂ ସୁରକ୍ଷିତ ଥିବା ମହାକାଶଚାରୀ କହିଥିଲେ। ଏହା କେବଳ ମୋର ନୁହେଁ, ସାରା ଦେଶର ଯାତ୍ରା। ପୃଥିବୀ କେମିତି ଲାଗୁଛି ଉତ୍ତରରେ ଶୁଭାଂଶୁ କହିଥିଲେ ଯେ ପ୍ରଥମେ ଧରିତ୍ରୀ ସମାନ ଭଳି ଲାଗିଥିଲା। ପୃଥିବୀରେ ବିଭିନ୍ନତାରେ ଏକତା ଦେଖାଯାଉଛି। ମାନଚିତ୍ରଠାରୁ ଭାରତ ଅଧିକ ଭବ୍ୟ ଏବଂ ସୁନ୍ଦର ଦିଶୁଛି। ଯୋଗର ପ୍ରଭାବ ବିଷୟରେ ପଚାରିବାରୁ ଏହାର ବହୁତ ଭଲ ପ୍ରଭାବ ପଡ଼ୁଛି ବୋଲି ଶୁଭାଂଶୁ କହିଛନ୍ତି। ଏହି ଯାତ୍ରା ଅଦ୍ଭୁତ ଥିଲା। ସେ ଶିଶୁଙ୍କ ▶ପୃଷ୍ଠା-୭




ଦିନକୁ ୧୬ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଦେଖୁଛି

## ପରାଗ ଜୈନ 'ର' ମୁଖ୍ୟ



■ ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଭାରତ ସରକାର ଶନିବାର ୧୯୮୯ ବ୍ୟାଚ୍‌ର ଆଇପିଏସ ଅଧିକାରୀ ପରାଗ ଜୈନଙ୍କୁ ଗୁଇନ୍ଦା ଏଜେନ୍ସି ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ(ର)ର ନୂଆ ମୁଖ୍ୟ ନିଯୁକ୍ତ କରିଛନ୍ତି। ପାକିସ୍ତାନ ବିରୋଧରେ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର'।।ରେ ଜୈନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆସନ୍ତା ୩୦ ତାରିଖରେ ଅବସରଗ୍ରହଣ କରୁଥିବା 'ର' ମୁଖ୍ୟ ରବି ସିହ୍ନାଙ୍କ ସ୍ଥାନ ନେବେ ଜୈନ। ସେ ଜୁଲାଇ ୧ରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏବେ ସେ 'ର'ର ଆଭିଏସନ ରିସର୍ଚ୍ଚ ସେଣ୍ଟର (ଏଆରସି) ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଆକାଶ ମାର୍ଗର ସର୍ବେକ୍ଷଣ ଏବଂ ତତ୍ ସମ୍ବନ୍ଧିତ ଅଭିଯାନ ପାଇଁ ଏଆରସି କାର୍ଯ୍ୟ କରୁଛି। ଏହି ପଦରେ ରହି ସେ ପାକିସ୍ତାନର ଆତଙ୍କବାଦୀ ଶିବିର ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ଦୁଇ ଦଶନ୍ଧି ହେଲା 'ର'ରେ କାର୍ଯ୍ୟ କରୁଛନ୍ତି। 'ର'ର ପୂର୍ବତନ ମୁଖ୍ୟ ସାମନ୍ତ ଗୋୟଲଙ୍କ ସହ ଶ୍ରୀ ଜୈନ କାମ କରିଥିଲେ। ସେ ପାକିସ୍ତାନ ଡେସ୍କ ଦାୟିତ୍ୱରେ ଅଛନ୍ତି। ଧାରା ୩୭୦ ଉଚ୍ଛେଦ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକ ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ମଧ୍ୟ କାମ କରିଛନ୍ତି। ସେ ଏସ୍‌ଏସ୍‌ପି ଚଣ୍ଡିଗଡ଼ ଏବଂ ଡିଆଇଜି ଲୁଧିଆନା ପଦରେ ମଧ୍ୟ ଥିଲେ।

## ଅଧା ରହିଗଲା ଜଗା ଦର୍ଶନ

# ଚାପିଦେଲା ବସ୍; ୩ ଛାତ୍ରୀ ମୃତ

■ ପିପିଲି, ୨୮।୬(ସମିସ): ଅଧା ରହିଗଲା ଜଗା ଦର୍ଶନ। ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଉଥିବା ବେଳେ ଏକ ଦୁର୍ଘଟଣାରେ ଆଜି ଦୁଇ ଭଉଣୀଙ୍କ ସମେତ ୩ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ପୁରୁଣା ଭୁବନେଶ୍ୱର



ରଥରୋଡ୍ ବାରିକସାହିରେ ରମେଶ ସାହୁଙ୍କ ଝିଅ ରିମ୍‌ଝିମ୍ ସାହୁ (୨୦) ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ଦୁଇ ଭଉଣୀ ଏଲିନା ଦାଶ (୨୦) ଓ କାଜଲ ଦାଶ (୨୨)। ୩ଜଣ ଯାକ ଆଜି ଏକ ସ୍କୁଟିରେ ପୁରୀ ଯାଉଥିବା ବେଳେ ପିପିଲି ଓଭରବ୍ରିଜ୍ ▶ପୃଷ୍ଠା-୭

## ଦୁଇଟି ଦୁର୍ଘଟଣାରେ ୫ ମୃତ

**ଗୋଟିଏ ପରିବାରର ବାପା ଓ ୨ ଝିଅ ମୃତ**

■ ନୂଆପଡ଼ା, ୨୮।୬(ସମିସ): ଜଗା ଦର୍ଶନ କରିବାକୁ ଯାଉଥିଲେ। ରଥ ଦଉଡ଼ି ଛୁଇଁବା ସହ ନିଜ ପରିବାରର ଆଶିଷ ଭିକ୍ଷା କରିଥା'ନ୍ତେ। କିନ୍ତୁ ସେମାନଙ୍କର ଏ ଆଶା ଆଶାରେ ହିଁ ରହିଗଲା। କାଳିଆର ଚକାଆଖି ଦେଖିବା ଆଗରୁ ସେମାନେ ଆଖି ବୁଜିଛନ୍ତି। ନୂଆପଡ଼ା ଜିଲ୍ଲା ୩୫୩ ନମ୍ବର ଜାତୀୟ ରାଜପଥର ପଲସିପାଣି ଛକ ନିକଟରେ ଶନିବାର ଦୁଇଟି ପୃଥକ୍ ଦୁର୍ଘଟଣାରେ ୩ଶିଶୁଙ୍କ ସମେତ ମୋଟ ୫ଜଣଙ୍କ ମୃତ୍ୟୁ ହୋଇଛି। ଗୋଟିଏ ଘଟଣାରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୩ଜଣ ସଦସ୍ୟ ରହିଛନ୍ତି। ମୃତକମାନେ ହେଲେ, କୋମନା ଥାନା ଅଧୀନ ପଲସିପାଣି ଗାଁର ଲଳିତ ଶବର (୩୫), ତାଙ୍କ ଝିଅ ସୁନାଫୁଲ (୧୨), ଡୋଳେଶ୍ୱରୀ(୮), ପାଇକମାଲ ଥାନା ଚୁହାପାଲି ଗାଁର କ୍ଷୀର ରାଉଳ(୨୫), ଲଖନା ▶ପୃଷ୍ଠା-୭

## କାଳ ହେଲା ବର୍ଷା

## ଗଛରେ ବାଇକ୍ ପିଟିହୋଇ ୨ ମୃତ

■ ବିଷମ କଟକ, ୨୮।୬ (ସମିସ): ବର୍ଷା ସାଜିଲା କାଳ। ଘରକୁ ଫେରିବା ବେଳେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ଗଛରେ ପିଟି ହେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ବିଷମକଟକ ଥାନା ଅନ୍ତର୍ଗତ ଡୁମୁରିନେଲି ଗ୍ରାମର ମନୋଜ ସାରକା(୩୦) ଏବଂ ଗାହିଁ ହୁଇକା(୨୮)। ସେହିପରି ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ୩ଜଣ ଯାକ ଏକ ବାଇକ୍‌ରେ ମୁନିଗୁଡ଼ାରୁ ନିଜ ଗାଁ ଡୁମୁରିନେଲିକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପାଇକଡାକୁଲୁଗୁଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତାକଡ଼ରେ ଥିବା ଏକ ଗଛରେ ଧକ୍କା ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଅନ୍ୟ ୨ଆହତଙ୍କୁ ଆମ୍ବୁଲାନ୍ସରେ ମୁନିଗୁଡ଼ା ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ▶ପୃଷ୍ଠା-୭

# ତିନି ଦିନରେ ରାଜ୍ୟ ବିଜେପି ମୁଖିଆ ବଛା

**ଆଜିଠୁ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ**

**ରାଷ୍ଟ୍ରୀୟ ସଭାପତି ନିର୍ବାଚନ ଖୁବ୍‌ଶୀଘ୍ର**

■ ଭୁବନେଶ୍ୱର, ୨୮।୬ (ସମିସ): ବହୁପ୍ରତୀକ୍ଷିତ ବିଜେପିର ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତା ୩ ଦିନ ମଧ୍ୟରେ ଅର୍ଥାତ୍ ଜୁଲାଇ ୧ ତାରିଖ ସୁଦ୍ଧା ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ନିର୍ବାଚନ ସମ୍ପର୍କରେ ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସୂଚନା ପରେ ରାଜ୍ୟ ବିଜେପିର ଆଭ୍ୟନ୍ତରୀଣ ରାଜନୀତି ଜୋର୍ ଧରିଛି। ବର୍ତ୍ତମାନ ସଭାପତି ଦାୟିତ୍ୱ ତୁଲାଉଥିବା ମନମୋହନ ସାମଲଙ୍କୁ ପୁନଃ ସୁଯୋଗ ମିଳିବ ଅବା ସଂଗଠନକୁ ନୂଆ ମୁହଁ ମିଳିବ, ତାହା ଦଳୀୟ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚାର କାରଣ ପାଲଟିଛି।

ନୂତନ ରାଜ୍ୟ ସଭାପତି ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ପ୍ରଥମେ ମଣ୍ଡଳ ସଭାପତି ଏବଂ ପରେ ଜିଲ୍ଲା ସଭାପତି ନିର୍ବାଚନ ସମ୍ପନ୍ନ ହୋଇଥିଲା। ତେବେ ଏକାଧିକ କାରଣ ଯୋଗୁଁ ▶ପୃଷ୍ଠା-୭

**ରଥଟଣାରେ ମହାବିଭ୍ରାଟ**

# କାରଣ କ'ଣ, ଉତ୍ତରଦାୟୀ କିଏ?

**ଭିଡ଼ ଆଳରେ ଖସିଯାଉଛନ୍ତି କି ସରକାର!**

**ପାଳନ ହେଉନି କି କାର୍ ଫେଷ୍ଟିଭାଲ୍ କୋଡ୍**

**ରଥ ମୋଡ଼ନେବାକୁ ଗୁରୁତ୍ୱ ଦେଲେନି କାହିଁକି**

**କୁଆଡ଼େ ଗଲା ମହାକୁମ୍ଭ ଭିଡ଼ ନିୟନ୍ତ୍ରଣ ମଡେଲ୍**

**ବିଫଳ ହେଲା କି ଡ୍ରୋନ୍, ଏଆଇ କ୍ୟାମେରା**

■ ଭୁବନେଶ୍ୱର, ୨୮।୬ (ସମିସ): ଚଳିତ ରଥଯାତ୍ରାରେ ବିଭ୍ରାଟ ଦେଶବିଦେଶର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ପହଞ୍ଚାଇଛି। ମହାପ୍ରଭୁଙ୍କ ଘୋଷଯାତ୍ରା ସୁପରିଚାଳନାକୁ ନେଇ ରାଜ୍ୟ ସରକାର ପୁଣିଥରେ କାଠଗଡ଼ାକୁ ଟାଣି ହୋଇଆସିଛନ୍ତି।


ସରକାର ରଥଯାତ୍ରା ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ଠିକ୍ ଭାବେ ଚାଲିଛି ବୋଲି କହିଥିଲେ। କିନ୍ତୁ କିଛି ଠିକ୍ ନାହିଁ ଓ ବିଭାଗ-ବିଭାଗ ମଧ୍ୟ ଆଦୌ ସମନ୍ୱୟ ନାହିଁ ବୋଲି ଜଳଜଳ ଦେଖାଯାଇଥିଲା। ଏବେ ରଥଟଣା ବିଳମ୍ବକୁ ଲୁଚାଇବା ପାଇଁ ସରକାର ଆଶାଠାରୁ ଅଧିକ ଭିଡ଼ ହୋଇଥିବା କହି ନିଜ ମୁଣ୍ଡରୁ ଦୋଷ ଖସାଇଦେବାକୁ ଉଦ୍ୟମ କରୁଛନ୍ତି। ବାସ୍ତବରେ କ'ଣ ପାଇଁ ଏଭଳି ଅସୁବିଧା ଘଟିଲା, ତା'ର ପ୍ରକୃତ କାରଣ ଖୋଜିବାକୁ ସାମାନ୍ୟତମ ଚେଷ୍ଟା କରୁନାହାନ୍ତି। ଚଳିତବର୍ଷ ଆରମ୍ଭରୁ ଏଭଳି ବିଭ୍ରାଟ ହେଲାଣି। ତେଣୁ ଆଗକୁ ଏହି ନବ ଦିନାତ୍ମକ ଯାତ୍ରା ସୁରୁଖୁରରେ ସରିବ କି ନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶୁକ୍ରବାର ରଥଟଣା ବିଳମ୍ବକୁ ନେଇ ହଟଚମଟ ହେବା ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ ସାମ୍ନାକୁ ଆସି କହିଲେ, ଆଶାଠୁ ଅଧିକ ଭିଡ଼ ଯୋଗୁଁ ଏଭଳି ଘଟିଲା। ହେଲେ ମନ୍ତ୍ରୀଙ୍କ ଏଭଳି ହାଲୁକା ଟିପ୍ପଣୀକୁ ସଚେତନ ନାଗରିକ ସହଜରେ ଗ୍ରହଣ କରିପାରୁନାହାନ୍ତି। କାରଣ ନିକଟ ଅତୀତରେ ଅନୁଷ୍ଠିତ ପ୍ରୟାଗରାଜ ମହାକୁମ୍ଭରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରୟାଗରାଜରେ ଭିଡ଼ ନିୟନ୍ତ୍ରଣ ପାଇଁ ଉତ୍ତର ପ୍ରଦେଶ ସରକାର ଡ୍ରୋନ୍ ଓ ଏଆଇ କ୍ୟାମେରା ନିୟୋଜିତ କରିଥିଲେ। ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରୟାଗରାଜ ମଡେଲ୍‌ରେ ଡ୍ରୋନ୍ ଓ ଏଆଇ କ୍ୟାମେରା ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ। ବିଶେଷକରି ଡ୍ରୋନ୍ ସାହାଯ୍ୟରେ ରଥ ସହ ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା କରିଥିଲେ। ହେଲେ ମାତ୍ର ▶ପୃଷ୍ଠା-୭

## ଘରେ ପଶି ଛାତ୍ରୀଙ୍କୁ ଦୁଷ୍କର୍ମ




■ ବୈଶିଙ୍ଗା, ୨୮।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ପଞ୍ଚାୟତ ଅଞ୍ଚଳରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବୈଶିଙ୍ଗା ପୁଲିସ୍ ଅଭିଯୁକ୍ତ ଟାରଜନ୍ ମାଝୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ କରିଛି। ସୂଚନାନୁଯାୟୀ, ଷଷ୍ଠ ଶ୍ରେଣୀରେ ପଢ଼ୁଥିବା ଏହି ଛାତ୍ରୀଜଣଙ୍କ ମା'ଙ୍କ ସହ ବୈଶିଙ୍ଗା ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଗତକାଲି ତାଙ୍କ ମା' କୌଣସି କାମରେ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦାହିବାଡ଼ି ଗ୍ରାମର ଟାରଜନ ତାଙ୍କ ଘରକୁ ଆସିଥିଲା। ମୋବାଇଲ୍ ଚାର୍ଜ ▶ପୃଷ୍ଠା-୭






# ଶ୍ରୀଗୁଣ୍ଡିଚା ମନ୍ଦିରରୁ ହୋଇଥିଲା ପ୍ରଥମ ରଥଯାତ୍ରା

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଶରଧାବାଲିରେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ରବିବାର ଅପରାହ୍ଣରେ ପହଣ୍ଡି ହୋଇ ଆଡ଼ପମଣ୍ଡପ ଯିବେ ଦାରୁବିଗ୍ରହ। ତେବେ ରଥଯାତ୍ରା କଥା ଉଠିଲେ ସମସ୍ତଙ୍କ ମନରେ ଆସେ ଶ୍ରୀମନ୍ଦିରରୁ ଦାରୁବିଗ୍ରହ ଶ୍ରୀଗୁଣ୍ଡିଚା ମନ୍ଦିରକୁ କାହିଁକି ଯାତ୍ରା କରିଥା'ନ୍ତି। ହେଲେ ଅନେକ ବୋଧହୁଏ ଜାଣି ନ ଥିବେ ପ୍ରଥମ ରଥଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିରରୁ ହିଁ ଆରମ୍ଭ ହୋଇଥିଲା। ଅର୍ଥାତ୍ ଦାରୁବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରୁ ରଥରେ ବସି ଶ୍ରୀମନ୍ଦିରକୁ ଯାତ୍ରା କରିଥିଲେ।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ଚତୁର୍ଦ୍ଧାବିଗ୍ରହଙ୍କ ଜନ୍ମସ୍ଥାନ। ଏଠାରେ ଦାରୁବିଗ୍ରହ ପ୍ରଥମେ ଆବିର୍ଭୂତ ହୋଇଥିଲେ। ଏଠାରୁ ରଥରେ ବସି ଶ୍ରୀମନ୍ଦିରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ରଥରୁ ଜଣେ ଜଣେ ଦିଅଁ ଯାଇ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ହୋଇଥିଲେ ବୋଲି ସ୍କନ୍ଦ ପୁରାଣରେ ଏପରି ବର୍ଣ୍ଣନା ରହିଛି। ମହାପ୍ରଭୁଙ୍କ ରଥଯାତ୍ରାକୁ ନବଦିନାତ୍ମକ ଯାତ୍ରା ମଧ୍ୟ କୁହାଯାଏ। ଏହି ୯ ଦିନ ମଧ୍ୟରୁ ଯିବା ଏବଂ ଆସିବା ଦୁଇଦିନକୁ ଛାଡ଼ିଦେଲେ ଠାକୁରମାନେ ଏକ ସପ୍ତାହ ଧରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥା'ନ୍ତି। କିନ୍ତୁ ଚଳିତବର୍ଷ ଅଧିକ ଗୋଟିଏ ଦିନ ରଥ ଉପରେ ରହିବେ ଠାକୁର। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଅପେକ୍ଷା ଆଡ଼ପମଣ୍ଡପରେ ଦର୍ଶନ କଲେ ଅଧିକ ପୁଣ୍ୟ ମିଳିଥାଏ। ଅର୍ଥାତ୍ ଶ୍ରୀମନ୍ଦିରରେ ୧୦ବର୍ଷ ମହାପ୍ରଭୁଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳିଥାଏ ଆଡ଼ପମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ ସେତି କି ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ଆଡ଼ପମଣ୍ଡପ ନିକଟରେ ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ଇନ୍ଦ୍ରଦ୍ୟୁମ୍ନ ସରୋବର ରହିଛି।

ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଶ୍ରୀନୀଳକଣ୍ଠେଶ୍ୱର ରହିଛନ୍ତି। ଏହି ନବଦିନାତ୍ମକ ଯାତ୍ରା କାଳରେ ଅନେକ ଭକ୍ତ ପ୍ରତିଦିନ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ କରି ଶ୍ରୀନୀଳକଣ୍ଠଙ୍କୁ ଦର୍ଶନ କରିଥା'ନ୍ତି। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ କରି ବ୍ରତ ପାଳିଥା'ନ୍ତି। ସେହିପରି ଗୁଣ୍ଡିଚା ମନ୍ଦିରକୁ ଲାଗି ଶ୍ରୀନୃସିଂହ ଦେବଙ୍କ ମନ୍ଦିର ରହିଛି। ଏହି ସମୟରେ ଶ୍ରୀନୃସିଂହ ଦେବଙ୍କୁ ଦର୍ଶନ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ ଅନନ୍ତ ପୁଣ୍ୟଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଠାକୁରମାନେ ଏଠାରେ ଅବସ୍ଥାନ କରୁଥିବା ସମୟରେ ଅନେକ ବ୍ୟକ୍ତି ବ୍ରାହ୍ମଣଙ୍କୁ ମହାପ୍ରସାଦ ଭୋଜନରେ ମଧ୍ୟ ଆପ୍ୟାୟିତ କରିଥା'ନ୍ତି। ହେରାପଞ୍ଚମୀରେ ମହାଲକ୍ଷ୍ମୀ ଠାକୁରାଣୀ ସ୍ୱୟଂ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି। ସେଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ହେରାଗୋହିରୀ ବାଟ ଦେଇ ପୁଣି ଶ୍ରୀମନ୍ଦିରକୁ ଫେରି ଯାଇଥା'ନ୍ତି। ଆଷାଢ଼ ଶୁକ୍ଳ ନବମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଦୁର୍ଲଭ ସନ୍ଧ୍ୟା ଦର୍ଶନ ମଧ୍ୟ ଅନୁଷ୍ଠିତ ହୋଇଥାଏ।









# ସପରିବାର ମହାପ୍ରଭୁଙ୍କୁ ଦର୍ଶନ କଲେ ଗୌତମ ଆଦାନୀ

ସପରିବାର ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ। ଶନିବାର କଡ଼ା ସୁରକ୍ଷାବଳୟ ମଧ୍ୟରେ ଧର୍ମପତ୍ନୀ ଓ ପୁଅଙ୍କ ସହ ଆଦାନୀ ପୁରୀରେ ପହଞ୍ଚିଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ପରେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ନିକଟକୁ ଯାଇ ପ୍ରତ୍ୟେକ ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଆଦାନୀ ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱରେ ଥିବା ସୁଷମା ଗାର୍ଡେନରେ ପହଞ୍ଚିଥିଲେ। ସେଠାରେ ଆଦାନୀ ପକ୍ଷରୁ ଆୟୋଜିତ ହୋଇଥିବା ନିଃଶୁଳ୍କ ପ୍ରସାଦ ସେବା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁଷୁମା ଗାର୍ଡେନ ପ୍ରାଙ୍ଗଣରେ ଥିବା ମହାପ୍ରଭୁଙ୍କୁ ପ୍ରଥମେ ଗୌତମ ଆଦାନୀ ଓ ତାଙ୍କ ପରିବାର ସଦସ୍ୟ ଦର୍ଶନ ପରେ ରୋଷଶାଳାକୁ ଯାଇ ନିଜେ ଖାଦ୍ୟ ରାନ୍ଧିଥିଲେ। ନିଜେ ରନ୍ଧା ଯାଇଥିବା ପ୍ରସାଦକୁ ଭକ୍ତ, ଶ୍ରଦ୍ଧାଳୁଙ୍କୁ ବାଣ୍ଟିଥିଲେ।



ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଦାନୀ କହିଥିଲେ, ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ବେଶ୍ ଖୁସି ଅନୁଭବ କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରାରେ ଲୋକଙ୍କ ନିକଟକୁ ଆସିଛନ୍ତି। ଏହା ପ୍ରମାଣିତ କରୁଛି ଅହଂକାର ଆଗରେ ନମ୍ରତାର ବେଶ୍ ଗୁରୁତ୍ୱ ରହିଛି। ମହାପ୍ରଭୁଙ୍କ ଚରଣକୁ ଆସିବାର ମୋର ସୌଭାଗ୍ୟ ମିଳିଲା। ଏହି ମୁହୂର୍ତ୍ତ ମୋ ସାରା ଜୀବନ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ। ମୋ ପାଖରେ ଦିନ ଥିଲା କିଛି ନ ଥିଲା, ହେଲେ ଲୋକଙ୍କ କୃପା ଓ ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏବେ ମୋ ପାଖରେ ସବୁ କିଛି ଅଛି। ଦେଶର ଉନ୍ନତି ଓ ଓଡ଼ିଶାର ସମୃଦ୍ଧି ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛି। ମହାକୁମ୍ଭରେ ପ୍ରଥମେ ଲୋକଙ୍କ

**ରଥାରୂଢ଼ ଠାକୁରଙ୍କୁ ଦେଖିଲେ, ଭକ୍ତଙ୍କୁ ପ୍ରସାଦ ବାଣ୍ଟିଲେ**

ସେବା ପାଇଁ ପ୍ରୟାସ ଆରମ୍ଭ କରିଥିଲି। ଆଗାମୀ ଦିନରେ କିଭଳି ଏହି ସେବା ଜାରି ରହିବ ସେ ନେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଂକଳ୍ପ ନେଇଛି। ରଥଯାତ୍ରାକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ସଫେଇ କର୍ମଚାରୀଙ୍କ ସହ ଅନେକ ଅନୁଷ୍ଠାନ ଲାଗିଛନ୍ତି। ମୁଁ ତାଙ୍କୁ ଅଭିବାଦନ ଜଣାଉଛି ବୋଲି କହିଥିଲେ ଶିଳ୍ପପତି ଆଦାନୀ। ଏହାପରେ ସେ ବେଳାଭୂମିକୁ ଯାଇ ଲାଇଫ୍‌ଗାର୍ଡଙ୍କ ସହ କଥା ହୋଇଥିଲେ। ସେମାନଙ୍କ ଜୀବନଶୈଳୀ ଏବଂ ପର୍ଯ୍ୟଟକଙ୍କୁ କିପରି ସେବା ଯୋଗାଉଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ।

ସୂଚନାଥାଉ କି, ଆଦାନୀ ପକ୍ଷରୁ ପୁରୀରେ ସମୁଦାୟ ୨୧ଟି ଷ୍ଟଲ୍ ହୋଇଥିବା ବେଳେ ସକାଳ, ଦ୍ୱିପ୍ରହର ଓ ସନ୍ଧ୍ୟାରେ ଭକ୍ତଙ୍କୁ ଖାଦ୍ୟ ବିତରଣ କରାଯାଉଛି। ରଥଯାତ୍ରା ପୂର୍ବଦିନଠାରୁ ଆସନ୍ତା ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଆଦାନୀ ପକ୍ଷରୁ ମାଗଣା ବା ନିଃଶୁଳ୍କ ଖାଦ୍ୟ, ଜୁସ୍ ବଣ୍ଟନ କରାଯାଉଥିବା ସହ ସମୁଦାୟ ୪୦ଲକ୍ଷ ଲୋକଙ୍କୁ ଏହି ପ୍ରସାଦ ସେବା ପ୍ରଦାନ କରାଯିବ। ଆଦାନୀ ପକ୍ଷରୁ ଅନୁଷ୍ଠିତ ପ୍ରସାଦ ସେବା କାର୍ଯ୍ୟକ୍ରମରେ ୫ହଜାରରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। ପ୍ରସାଦ ସେବାରେ ରଥଯାତ୍ରାରେ ସାମିଲ୍ ରହିଥିବା ସରକାରୀ ଅଧିକାରୀ ଓ ପୁଲିସ ଅଧିକାରୀଙ୍କୁ ମଧ୍ୟ ନିଃଶୁଳ୍କରେ ଖାଦ୍ୟ ବଣ୍ଟନ କରାଯାଉଛି। ଅନ୍ୟପଟେ ଦେଶୀ ପଦ୍ଧତିରେ ଚୁଲାରେ ରୁଟି, ଡାଲମା, ଭାତ, ରାଜମା, ଛୋଲେ, ପୁରୀ, ମିଠା ଇତ୍ୟାଦି ପ୍ରସ୍ତୁତ କରାଯାଉଥିବା କହିଛନ୍ତି ଇସ୍କନର ମୁଖପାତ୍ର ବଲ୍ଲୀ ମୁରାରୀ ଦାସ।

## ଅନୁଭୂତିରେ ଜଗନ୍ନାଥ...

### ■ ଡୋରି ଲଗାଇ ଆଫ୍ରିକାରୁ ଟାଣି ଆଣିଲା ଜଗା




ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କରୁଣା ବିଷୟରେ ବହୁ ଶୁଣିଥିଲେ ମଧ୍ୟ ଠାକୁରଙ୍କ ଡୋରି ଲାଗୁନଥିବାରୁ ମୁଁ ଆସି ପାରୁନଥିଲି। ପ୍ରଥମଥର ପାଇଁ ମୁଁ ଆଫ୍ରିକାରୁ ଧାଇଁ ଆସିଛି। ପୁରୀ ଆସିବାର ସୌଭାଗ୍ୟ ମିଳି ଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଗତକାଲି ଜଗନ୍ନାଥଙ୍କୁ କେବଳ ଦର୍ଶନ କରିଥିଲି। ହେଲେ ଆଜି ରଥ ଟାଣିବାର ସୌଭାଗ୍ୟ ପାଇଲି। ସେଥିପାଇଁ ନିଜକୁ ଧନ୍ୟ ମନେ କରୁଛି। ଦର୍ଶନ କରିବା ସହ ରଥ ବି ଟାଣିଲି। ଏଠାରେ ମୋତେ ଅପୂର୍ବ ଆନ୍ଦ ଲାଗୁଛି।

-ସୁଲାସି ମହାରାଣୀ, ଭକ୍ତ

### ■ ଅପୂର୍ବ ଦୃଶ୍ୟ, କେବେ ଦେଖିନଥିଲି



ମୁଁ ୨୦ ଦିନ ହେଲା ପୁରୀରେ ରହିଛି। ଗତକାଲି ପ୍ରଥମଥର ରଥଯାତ୍ରା ଦେଖିବାର ସୁଯୋଗ ପାଇଥିଲି। ଲକ୍ଷଲକ୍ଷ ଭକ୍ତଙ୍କ ସାମାଗମ ଏକ ଅଭୂତପୂର୍ବ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବରୁ ଏଭଳି ଦୃଶ୍ୟ କେବେ ବି ଦେଖିନଥିଲି। ଆଜି ମଧ୍ୟ ରଥଯାତ୍ରା ଦେଖିବି। ସାଧାରଣତଃ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ମନ୍ଦିର ଯାଇଥା'ନ୍ତି। ହେଲେ ରଥଯାତ୍ରାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେବା ଆସନ୍ତି।

-ଗୌରାଙ୍ଗୀ ଗନ୍ଧାର୍ବିକା ଦେବୀ ଦାୟିସୀ, ଭକ୍ତ

### ■ ରଥରେ ଠାକୁର ଦର୍ଶନ ଭାଗ୍ୟରେ ଥିଲେ ମିଳେ



ମୁଁ ବୃନ୍ଦାବନ ଆଶ୍ରମରେ ରହୁଛି। ମୋର ଗୁରୁମାନେ ମଧ୍ୟ ଗଜନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଛନ୍ତି। ଜଗନ୍ନାଥଙ୍କ ନିଟକରେ ମୋର ବହିଗୁଡ଼ିକ ଅର୍ପଣ କରିବି। ପୂର୍ବରୁ କେବେ ମୁଁ ଏତେ ନିଟକରୁ ରଥଯାତ୍ରା ଦେଖି ନଥିଲି। ଠାକୁରଙ୍କୁ ରଥରେ ଦେଖିବା ପରେ ବହୁତ ଖୁସି ଲାଗୁଛି। ସତରେ ମୁଁ ଭାଗ୍ୟବାନ। ଗୁଣ୍ଡିଚା ମନ୍ଦିର ମଧ୍ୟ ଦର୍ଶନ କରିଛି।

-ସୂର୍ଯ୍ୟଶ୍ୱରୀ ଦାୟିସୀ, ଭକ୍ତ

### ■ କାଳିଆ ମୋ ଆଖି ଲୁହ ନିଶ୍ଚିତ ବୁଝିପାରିବ



ଗତକାଲି ରଥଯାତ୍ରାରେ ବଡ଼ଦାଣ୍ଡରେ ରଥ ଅଟକି ଯାଇଥିଲା। ଅନେକ ଭକ୍ତ ରଥ ଟାଣି ନ ପାରିବାରୁ ତାଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ରାଜ୍ୟ ବାହାରୁ ପ୍ରତିବର୍ଷ ରଥଯାତ୍ରାରେ ଧାଇଁ ଆସୁଥିବା ଜଣେ ମହିଳା ଭକ୍ତ କାନ୍ଦି କାନ୍ଦି କହିଛନ୍ତି ଯେ ମୁଁ ପିଲାଦିନରୁ ଟିଭିରେ ରଥଯାତ୍ରା ଦେଖିବା ସହ ପିତାମାତାଙ୍କଠାରୁ ରଥଯାତ୍ରା ବିଷୟରେ ଶୁଣିଥିଲି। ଏହାପରେ ବିଗତ କିଛି ବର୍ଷ ହେବ ମୁଁ ରଥଯାତ୍ରାରେ ରଥ ଟାଣିବାର ସୌଭାଗ୍ୟ ଅର୍ଜନ କରିଛି। ବଡ଼ଦାଣ୍ଡରେ ରଥ ଉପରେ ମହାପ୍ରଭୁଙ୍କ ଦିବ୍ୟଦର୍ଶନ ମନକୁ ଶାନ୍ତି ଦେଇଥାଏ। କିନ୍ତୁ ଏଥର ଠାକୁରଙ୍କୁ ରଥରେ ଦର୍ଶନ କରିଥିଲେ ବି ରଥ ଟାଣିପାରିନାହିଁ। ଜଗନ୍ନାଥ ମୋ ଆଖିର ଲୁହକୁ ନିଶ୍ଚିତ ବୁଝିପାରିବେ। ମୁଁ ନିଶ୍ଚିତ ଭାବେ ରଥ ଟାଣିବି। ସାରା ବିଶ୍ୱ ଦେଖୁଛି ଜଗନ୍ନାଥ ରଥ ଅଟକାଇ ଛିଡ଼ା ହୋଇଛନ୍ତି, ଜଗନ୍ନାଥ ବି ପ୍ରତିଟି ଭକ୍ତଙ୍କ ଆଖିର ଲୁହକୁ ଦେଖିପାରୁଛନ୍ତି। ମୋର ବିଶ୍ୱାସ, ଜଗନ୍ନାଥ ମୋତେ ଏଥର ରଥ ଟାଣିବାର ସୁଯୋଗ ଦେବେ।

# ଆଜି ଲଘୁଚାପ: ୪ ତାରିଖ ଯାଏଁ ବର୍ଷା

ଭୁବନେଶ୍ୱର,୨୮।୬(ସମିସ): ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଏବଂ ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ଉତ୍ତର-ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

କେନ୍ଦ୍ର ପକ୍ଷରୁ ଜାରପି ବୁଲେଟିନ ଅନୁଯାୟୀ ଆସନ୍ତାକାଲି ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଏବଂ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାବ୍ୟତୀତ ଝାରସୁଗୁଡା, ଦେବଗଡ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା, ପବନ ସହ ଘଡଘଡିର ସମ୍ଭାବନା ରହିଛି। ୩୦ ତାରିଖରେ ସମାନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ କରାଯାଇଥିବା ବେଳେ ଅନ୍ୟ ଜିଲ୍ଲାମାନଙ୍କରେ ବର୍ଷା, ପବନ ନେଇ ସୂଚନା ଜାରି କରିଛି ପାଣିପାଗ କେନ୍ଦ୍ର।

# ବୈତରଣୀରେ ବନ୍ୟା ଆଶଙ୍କା



ଭଦ୍ରକ,୨୮।୬(ସମିସ): ଭଦ୍ରକ ଜିଲ୍ଲାରେ ଗତକାଲିଠାରୁ ଆଜି ପୂର୍ବାହ୍ନ ଯାଏଁ ଅବିଶ୍ରାନ୍ତ ବର୍ଷା ଲାଗି ରହିଥିଲା। ଆଜି ମଧ୍ୟାହ୍ନ ଯାଏଁ ଜିଲ୍ଲାରେ ଝିପିଝିପି ବର୍ଷା ଲାଗିରହିଥିଲା। ଫଳରେ ବୈତରଣୀରେ ବନ୍ୟା ଆଶଙ୍କା ଦେଖାଦେଇଛି। ଗତକାଲି କରାଯାଇଥିବା ବର୍ଷା ରେକର୍ଡ ଅନୁଯାୟୀ ଭଦ୍ରକରେ ସର୍ବାଧିକ ୭୭.୨ ମିମି ବର୍ଷା ହୋଇଥିବା ବେଳେ ତିହିଡିରେ ୬୮ମିମି, ବନ୍ତରେ ୫୨ମିମି, ଧାମନଗରରେ ୩୮ମିମି, ଭଣ୍ଡାରିପୋଖରୀରେ ୩୦ ମିମି, ବାସୁଦେବପୁରରେ ୨୧ ମିମି ଓ ଚାନ୍ଦବାଲିରେ ୧୯ମିମି ବର୍ଷା ରେକର୍ଡ ହୋଇଛି।

**ଭଦ୍ରକରେ ୭୭.୨ ମିମି ବର୍ଷା**

ତେବେ ସର୍ବାଧିକ ବର୍ଷା ଯୋଗୁଁ ଭଦ୍ରକ ସହରର ବିଭିନ୍ନ ୱାର୍ଡ ତଥା ସହର ଉପକଣ୍ଠ ସମରାଇପୁରର ବହୁ ଅଞ୍ଚଳ ଜଳବନ୍ଦୀ ହୋଇଛି। ରାସ୍ତାଘାଟରେ ୩/୪ଫୁଟର ବର୍ଷା ଜଳ ଲହଡି ମାରୁଥିବା ବେଳେ ବହୁଲୋକଙ୍କ ଘରେ ବର୍ଷାଜଳ ପ୍ରବେଶ କରିଛି। ଆରଡି ଛକ ଓ ମୋଟେଲ ଛକ ସର୍ଭିସ୍ ରୋଡ୍‌ରେ ୩/୪ଫୁଟରୁ ଅଧିକ ବର୍ଷାଜଳର ସ୍ରୋତ ବୋହି ଯାତାୟାତରେ ସମସ୍ୟା ସୃଷ୍ଟି କରିଛି। ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରେ ସାମାନ୍ୟ ଜଳସ୍ତର ବୃଦ୍ଧି ପାଇଛି। ନଦୀର ଆଖୁଆପଦା ଆନିକଟ ଠାରେ ୧୬.୯୦ ପର୍ଯ୍ୟନ୍ତ ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଶନିବାର ସନ୍ଧ୍ୟା ୭ଟା ବେଳେ ଆନିକଟ ଠାରେ ୧୬.୮୧ ମିଟରରେ ଜଳ ପ୍ରବାହିତ ହେଉଥିଲା। ଏଠାରେ ସୂଚିତ ଆନିକଟଠାରେ ବିପଦ ସତର୍କ ସୂଚନା ୧୭.୮୩ ମିଟର ରହିଥିବା ବେଳେ ବିପଦ ସଂକେତ ରହିଛି ୧୮.୩୩ମିଟର। ଏପଟେ ଆସନ୍ତା ୩୦ ତାରିଖଠାରୁ ବର୍ଷା ବଢ଼ିବା ସମ୍ଭାବନା ରହିଛି। ବିଶେଷକରି ନଦୀର ଉପରମୁଣ୍ଡ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯଦି ପୂର୍ବାନୁମାନ ଠିକ୍ ହୁଏ, ତା'ହେଲେ ଚଳିତବର୍ଷ ବୈତରଣୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବାହିତ ହେବ, ଏଥିରେ ସନ୍ଦେହ ନାହିଁ। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ଲଗାଣ ବର୍ଷାରେ ବାଲେଶ୍ୱର ବେହାଲ



ବାଲେଶ୍ୱର,୨୮।୬(ସମିସ): ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ସହର ଅବସ୍ଥା ବେହାଲ ହୋଇପଡ଼ିଛି। ଦୁଇ ଦିନରେ ୮୮ ମିମିରୁ ଊର୍ଦ୍ଧ୍ୱ ବର୍ଷା ହେବାରୁ ବାଲେଶ୍ୱର ସହର ସମେତ ରେମୁଣା ଗୋଲେଇଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ଅଢ଼େଇ ଫୁଟ୍‌ର ପାଣି ପ୍ରବାହିତ ହେଉଛି। ଫଳରେ ଲୋକେ ଯାତାୟାତରେ ନାକେଦମ୍ ହେଉଥିବା ଦେଖିବାକୁ ମିଳିଛି।

ସୂଚନାନୁସାରେ, ଲଘୁଚାପ ଜନିତ ଲଗାଣ ବର୍ଷା ଶୁକ୍ରବାରଠାରୁ ଲାଗି ରହିଛି। ଗତକାଲି ରାତିରୁ ପ୍ରବଳ ବର୍ଷା ହୋଇଥିବା ବେଳେ ଆଜି ମଧ୍ୟ ଦିନସାରା ବର୍ଷା ଲାଗି ରହିଥିଲା।

## ରଥଯାତ୍ରା ଅଘଟଣ, ବିଭ୍ରାଟ

# ସରକାରଙ୍କୁ ସଂତୃପ୍ତଙ୍କ ୮ ପ୍ରଶ୍ନ

ଭୁବନେଶ୍ୱର,୨୮।୬(ସମିସ): ଚଳିତବର୍ଷ ରଥଯାତ୍ରାରେ ଅଘଟଣ, ବିଶୃଙ୍ଖଳା ଓ ବିଭ୍ରାଟକୁ ନେଇ ସରକାରଙ୍କୁ ସମାଲୋଚନା ଥମୁନାହିଁ। ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ୮ଟି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ପ୍ରକୃତ ଚିହ୍ନ ହେଲେ ମହାପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଆ ଅସ୍ମିତାର ଅଭୂତ ପରିଚୟ ହେଲା ମହାପ୍ରଭୁଙ୍କ ରଥଯାତ୍ରା। ସେ ଯେଉଁ ପ୍ରଶ୍ନ ଉଠାଇବାକୁ ଯାଉଛନ୍ତି, ସେଗୁଡିକ ରାଜନୈତିକ ନୁହେଁ। ଏହା ଓଡ଼ିଆ ଅସ୍ମିତା ସହିତ ଜଡିତ ପ୍ରଶ୍ନ। ସରକାର ଗଭୀର ଆତ୍ମଚିନ୍ତନ ପରେ ସମସ୍ତ ପ୍ରଶ୍ନର ଉତ୍ତର ରଖିବା ପାଇଁ ସାହସ ଜୁଟାଇବେ ବୋଲି ଶ୍ରୀ ମିଶ୍ର ଏକ୍ସରେ ଆଶା ପ୍ରକାଶ କରିଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ ଗତବର୍ଷ ପହଣ୍ଡି ସମୟରେ ବଳଭଦ୍ର ମହାପ୍ରଭୁ ତଳେ ପଡ଼ିଯାଇଥିବା ଭଳି ଅଘଟଣ ଘଟିଥିଲା। ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ବର୍ଷେ ହେଲାଣି, ତଦନ୍ତ ରିପୋର୍ଟ କେଉଁଠି? କୌଣସି ଦାୟିତ୍ୱ ନିର୍ଣ୍ଣୟ ବା କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇନି? ଦ୍ୱିତୀୟ ପ୍ରଶ୍ନ : ରଥଯାତ୍ରାର ୪୨ ବର୍ଷର ଇତିହାସରେ ପ୍ରଥମ ଥର ତିନୋଟି ରଥ ବଡଦାଣ୍ଡରେ ଅଟକି ଯିବା ଓ ନନ୍ଦିଘୋଷ ରଥ ତା ନିଜର ନିର୍ଦ୍ଧାରିତ ସ୍ଥାନରୁ ବାହାରିପାରିନଥିବା ଦେଖିବାକୁ ମିଳିଲା। ସନ୍ଧ୍ୟା ୭.୪୫ ପରେ ରଥ ଟାଣିବା ନିଷ୍ପତ୍ତି ଏବଂ ଏହି ବିଧି ଭଙ୍ଗ କାହା ଅନୁମତିରେ ଘଟିଲା ? ସମସ୍ତେ ଜାଣନ୍ତି ଯେ ସନ୍ଧ୍ୟା ପରେ ରଥ ଟାଣିବା ଆରମ୍ଭ ହୁଏ ନାହିଁ। ତେଣୁ ଏମିତି ଅନିୟମିତତା କେମିତି ହେଲା? ତୃତୀୟ ପ୍ରଶ୍ନ: ପାଞ୍ଚ ଦିନ ପୂର୍ବରୁ ଅନୁଷ୍ଠିତ ନୀତିକାନ୍ତି ଦ୍ୱାରା ସ୍ପଷ୍ଟ ଭାବରେ ଜଣାଯାଏ ଯେ କେବେ ପହଣ୍ଡି ଆରମ୍ଭ ଓ ଶେଷ ହେବ। ତଦନୁଯାୟୀ ରଥଟଣା ଆରମ୍ଭ ହେବାର ଥିଲା। ଏହି ଅନୁଷ୍ଠାନ ଓ ପ୍ରବନ୍ଧନ ଉପରେ ଦୃଷ୍ଟି ରଖିବା ଦାୟିତ୍ୱ କାହାର ଥିଲା ? ଲକ୍ଷ-ଲକ୍ଷ ଭକ୍ତଗଣ ଓଡ଼ିଶା ବାହାରୁ ଏହି ମହାପ୍ରଭୁଙ୍କ ଅଭୂତ ଲୀଳା ଦେଖିବାକୁ ଆସିଥିଲେ। କିନ୍ତୁ ରଥ ଟଣା ଦେଖି ନ ପାରି ନିରାଶ ହୋଇ ଘରକୁ ଫେରିଯାଇଛନ୍ତି। ଏହା ଏକ ଓଡ଼ିଶାର ଆତ୍ମଗର୍ବ ଉପରେ କଳଙ୍କ। ଭକ୍ତଙ୍କ ମନରେ ସବୁଦିନ ପାଇଁ ଏହି ବ୍ୟଥା ରହିଯିବ। ଏଥିପାଇଁ ଦାୟୀ କିଏ? ପଞ୍ଚମ ପ୍ରଶ୍ନ: ଏତେ ଦୁଃଖଦ ଘଟଣା ଏବଂ ବ୍ୟବସ୍ଥାର ଅଭାବ କାହାର ଅପାରଗତା ପାଇଁ ଘଟିଲା? ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନେ(ଭିଆଇପି) ଯେଉଁମାନେ ବାହାରୁ ନିମନ୍ତ୍ରିତ ହୋଇ ଆସିଥିଲେ। ସେମାନଙ୍କୁ ଅଧିକ ଧ୍ୟାନ ଦେବାକୁ ଯାଇ, ପୁଲିସ ପ୍ରଶାସନର ନଜର ରଥଯାତ୍ରା ରୁ ହଟିଗଲା କି ? ଷଷ୍ଠ ପ୍ରଶ୍ନ: କର୍ଡନ ଭିତରେ ଅନୁମତି ବିନା ବହୁ ଲୋକ ପଶିଯାଇଥିଲେ। ଅନୁମତି ବିନା ଏତେ ଲୋକ କେମିତି ପ୍ରବେଶ କଲେ? ଅନେକ କହୁଛନ୍ତି, ଯେଉଁମାନେ କର୍ଡନ ଭିତରେ ପଶିଯାଇଥିଲେ ସେମାନେ ଶାସକ ଦଳର ସମର୍ଥକ ଏବଂ ତାଙ୍କର ପୁଲିସର ଅନୁମତି ଦରକାର ନଥିଲା। ଏହା ଓଡ଼ିଆ ଅସ୍ମିତା ପାଇଁ ଅନ୍ୟାୟ ଓ ଅପମାନ ନୁହେଁ କି? ସପ୍ତମ ପ୍ରଶ୍ନ: ରଥଯାତ୍ରାରେ ହୋଇଥିବା ଦଳଚକଟାରେ ୬୦୦ରୁ ଅଧିକ ଭକ୍ତ ଆହତ ହେବା ଏହା ପ୍ରଶାସନର ବିଫଳତା ନୁହେଁ କି ? ଏଭଳି ଘଟଣା ଘଟିବା ପରେ ଆଗକୁ ଆସୁଥିବା ଯାତ୍ରାରେ ସେମାନେ ଘରେ ରହି ପ୍ରାର୍ଥନା କରିବେ ବୋଲି ଭକ୍ତଙ୍କଠାରୁ ଶୁଣିବାକୁ ମିଳୁଛି। ଜଗନ୍ନାଥ ଧାମ ଆସିବେ ନାହିଁ। ଏହା ଓଡ଼ିଆ ଅସ୍ମିତାର ଅପମାନ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ନିଜ ଶେଷ ପ୍ରଶ୍ନରେ ଶ୍ରୀ ମିଶ୍ର କହିଛନ୍ତି ଯେ ବର୍ଷେ ପରେ ମଧ୍ୟ ଶ୍ରୀମନ୍ଦିରର ପରିଚାଳନା କମିଟିର ପୁନର୍ଗଠନ କରାଯାଇ ପାରି ନାହିଁ କାହିଁକି ? ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ସରକାର କ୍ଷମତାକୁ ଆସିଛନ୍ତି। ଓଡିଶାବାସୀଙ୍କୁ ଓଡ଼ିଆ ଅସ୍ମିତା ନାମରେ ଆହ୍ୱାନ ଦେଇଥିଲେ। ମୋ ମନରେ ପ୍ରଶ୍ନ ଉଠୁଛି ଏହି ଓଡ଼ିଆ ଅସ୍ମିତା ପ୍ରତି ସମ୍ମାନ କେବଳ ଭୋଟ ପାଇଁ ଥିଲା କି ? ଯଦି ଓଡ଼ିଆ ଅସ୍ମିତାର ପ୍ରତୀକ ଜଗନ୍ନାଥଙ୍କ ରଥଯାତ୍ରାରେ ଏତେ ବିଚ୍ୟୁତି ହୋଇପାରେ, ତାହେଲେ ଏହି ସରକାରଙ୍କୁ ଓଡ଼ିଆ ଅସ୍ମିତା ର ସଂରକ୍ଷକ ଭାବେ ଆମେ ଗ୍ରହଣ କରି ପାରିବା କି ବୋଲି ସେ ପ୍ରଶ୍ନ କରିଛନ୍ତି।

- ଗତବର୍ଷ ମହାପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ଅଘଟଣ ତଦନ୍ତ ରିପୋର୍ଟ କାହିଁ?
- ସନ୍ଧ୍ୟା ୭ଟା ୪୫ ମିନିଟ ପରେ ରଥ ଟାଣିବା ନିଷ୍ପତ୍ତି କାହାର?
- ବିନା ଅନୁମତିରେ ଲୋକେ କର୍ଡନ ଭିତରେ ପଶିଲେ କେମିତି?



# ଲାଞ୍ଚୁଆ ଫାର୍ମାସିଷ୍ଟଙ୍କୁ ୨ ବର୍ଷ ଜେଲ୍‌ଦଣ୍ଡ

ସୁନ୍ଦରଗଡ଼, ୨୮।୬ (ସମିସ): ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଅଦାଲତର ସ୍ୱତନ୍ତ୍ର ବିଚାରପତି ସସ୍ମିତା ପାଢ଼ୀ ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଖଏଲଟୋଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ସନତ କୁମାର ମହାନ୍ତି (୫୫)ଙ୍କୁ ୨ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ, ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

୨୦୧୩ ମସିହାରେ ଫାର୍ମାସିଷ୍ଟ ସନତ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ବେଳେ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ବଡ଼ଗାଁଓର ଜଉରା ଓରାମ ତାଙ୍କ ମା' ଜିଦ୍ଧି ଓରାମଙ୍କୁ ଡାକ୍ତରଖାନା ଆଣିଥିଲେ। ସେତେବେଳେ ଫାର୍ମାସିଷ୍ଟ ଶ୍ରୀ ମହାନ୍ତି ତାଙ୍କୁ ଭଲ ଔଷଧ ଯୋଗାଇ ଦେବାକୁ ୧୨୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଜଉରା ଏତେ ଟଙ୍କା ଦେବାକୁ ଅସାମର୍ଥ୍ୟତା ପ୍ରକାଶ କରି ୨୦୦ଟଙ୍କା ଦେବାରୁ କିଛିଟା ଔଷଧ ପ୍ରଦାନ କରିଥିଲେ। ବାକି ଏକ ହଜାର ଟଙ୍କା ଦେଲେ ଭଲ ଔଷଧ ଯୋଗାଇଦେବେ ବୋଲି କହିଥିଲେ।

# ଦୋଷ ଛଡ଼ାଇବାକୁ ମହାପ୍ରଭୁଙ୍କୁ ଆଳ

ପୁରୀ,୨୮।୬(ସମିସ): ଚଳିତବର୍ଷ ରଥଯାତ୍ରା ଆରମ୍ଭରୁ ଉପୁଜିଛି ବିଭ୍ରାଟ। ରଥ ନିର୍ମାଣଠାରୁ ଗଡ଼ିବା ପର୍ଯ୍ୟନ୍ତ ନାନା ପ୍ରକାର ବିଭ୍ରାଟ ଦେଖିବାକୁ ମିଳିଛି। ମନୁଷ୍ୟକୃତ ତ୍ରୁଟି ପାଇଁ ଏଭଳି ପରିସ୍ଥିତି ଉପୁଜିଥିଲେ ହେଁ ଭକ୍ତ, ଭଗବାନଙ୍କୁ ଆଳ କରାଯାଉଛି। ରଥ କାହିଁକି ଗଡ଼ିଲାନି ବୋଲି ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଭକ୍ତ ଟାର୍ଗେଟ୍ କରୁଥିବା ବେଳେ ଖୁବ୍ ସନ୍ତର୍ପଣରେ ଖସିଯିବାକୁ ଚେଷ୍ଟା କରିଛନ୍ତି ଆଇନ ମନ୍ତ୍ରୀ ଏବଂ ମୁଖ୍ୟ ପ୍ରଶାସକ। "ସବୁ ମହାପ୍ରଭୁଙ୍କ ଇଚ୍ଛା। ଏମିତି ବି ଏଥର ଦେଢ଼ଗୁଣା ଭକ୍ତ ହୋଇଯିବା" କହି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହାତ ଝାଡ଼ି ଦେଇଛନ୍ତି। ସେହିପରି ମୁଖ୍ୟ ପ୍ରଶାସକ "ପୂର୍ବରୁ ଏମିତି ହୋଇଛି, ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି ଭାବିବା" କହି ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ଚେଷ୍ଟା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଚଳିତବର୍ଷ ରଥଯାତ୍ରାକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବହୁ ବୈଠକ ବସିଥିଲା। ମନ୍ତ୍ରିସ୍ତରୀୟ କମିଟି ଏକାଧିକଥର ସମୀକ୍ଷା କରିଥିବା ବେଳେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ବି ହୋଇଥିଲା ମାନସମନ୍ଥନ। ଏଥର ତ୍ରୁଟିଶୂନ୍ୟ ରଥଯାତ୍ରା କରିବା ଉପରେ ମୁଖ୍ୟମନ୍ତ୍ରୀ ବି ଜୋର୍ ଦେଇଥିଲେ। ହେଲେ ଠିକଣା ବେଳକୁ ସବୁ ପ୍ରସ୍ତୁତି, ସବୁ ଯୋଜନା ଫେଲ୍ ମାରିଛି। ରଥଟଣାରେ ବିଭ୍ରାଟ ଯୋଗୁଁ ଶୁକ୍ରବାର ଗଡ଼ିପାରି ନ ଥିଲା ନନ୍ଦିଘୋଷ ରଥ। ତାଳଧ୍ୱଜ ଏବଂ ଦର୍ପଦଳନ ରଥ ଅଳ୍ପ କିଛି କିଛି ବାଟ ଯାଇ ଅଟକି ରହିଥିଲେ।

କାହିଁକି ଏମିତି ହେଲା? ଏହାର କାରଣ ଖୋଜୁଛନ୍ତି ଭକ୍ତ, ସେବାୟତ ଓ ଅଧିକାରୀ। ଠିକଣା ସମୟରେ ଠାକୁର ରଥାରୂଢ଼ ହେଲେ, ଗଜପତି ମହାରାଜା ଧାର୍ଯ୍ୟ ସମୟରେ ଛେରାପହଁରା ସାରିଲେ। ଏପରିକି, ନିର୍ଘଣ୍ଟ ସମୟରେ ବି ଗଡ଼ିଥିଲା ବଡ଼ଠାକୁରଙ୍କ ତାଳଧ୍ୱଜ ରଥ। ହେଲେ ସ୍ୱାଭାବିକ ଭାବେ ବଡ଼ଦାଣ୍ଡରେ ଗଡୁ ନଥିଲା ରଥ। ବାରମ୍ବାର ତାଳଧ୍ୱଜ ରଥ ମୋଡ଼ ନେଉଥିବାରୁ ନାକେଦମ୍ ହୋଇପଡ଼ିଥିଲେ ଭୋଇ ଓ ମହାରଣା ସେବକ। ଶେଷରେ ରାତି ହେବାରୁ ରଥଟଣା ବନ୍ଦ କରାଯାଇଥିଲା। ବଳଗଣ୍ଡିରେ ତାଳଧ୍ୱଜ, ମରୀଚିକୋଟରେ ଦର୍ପଦଳନ ରଥ ଅଟକି ରହିଥିବା ବେଳେ ନନ୍ଦିଘୋଷ ରଥ ପାହୁଣ୍ଡେ ଗଡ଼ି ସିଂହଦ୍ୱାର ଆଗରେ ଠିଆ ହୋଇଥିଲା। ଏହି ବିଭ୍ରାଟକୁ ନେଇ ଏବେ ଦୋଷ ଠେଲାଠେଲି ଚାଲିଛି।

ଶାସକ ଦଳ ରଥଯାତ୍ରାର ପୁରୁଣା ଇତିହାସକୁ ଘାଣ୍ଟୁଥିବା ବେଳେ ବିରୋଧୀମାନେ ବିଫଳତାକୁ ଧରି ଶାଣିତ ଆକ୍ରମଣ କରୁଛନ୍ତି। ଏଭଳି ସ୍ଥିତିରେ ଆଇନ ମନ୍ତ୍ରୀ କହିଛନ୍ତି, ଧାର୍ଯ୍ୟ ସମୟ ମଧ୍ୟରେ ସୁରୁଖୁରୁରେ ସବୁ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ହେଲେ ଅନୁକୂଳ ପାଗ ଯୋଗୁଁ ଦେଢ଼ଗୁଣା ଭକ୍ତ ହୋଇଗଲେ। ତେଣୁ ରଥଟଣାରେ କିଛିଟା ବିଳମ୍ବ ହେଲା। ବଡ଼ଠାକୁରଙ୍କ ରଥ ବାରମ୍ବାର ମୋଡ଼ ନେଲା। ବିଗତ ବର୍ଷରେ ଏମିତି ହୋଇଛି। ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି କହିଛନ୍ତି। ସେହିପରି ମୁଖ୍ୟ ପ୍ରଶାସକ ମଧ୍ୟ ମହାପ୍ରଭୁଙ୍କ ଇଚ୍ଛା କହି ହାତ ଟେକି ଦେଇଛନ୍ତି।

ଏଠାରେ ପ୍ରଶ୍ନ ଉଠୁଛି, ଯଦି ରଥଟଣା ସ୍ୱାଭାବିକ ହୋଇଥା'ନ୍ତା, ଗୁଣ୍ଡିଚା ମନ୍ଦିରରେ ଗୋଟିଏ କିମ୍ବା ଦୁଇଟି ଅବା ତିନିଟିଯାକ ରଥ ଲାଗିଯାଇଥା'ନ୍ତା ତେବେ ଏହାର ବାହାବା ନେଇଥାନ୍ତେ କିଏ? ନିଶ୍ଚିତ ରାଜ୍ୟ ସରକାର ସଫଳତାର ଶ୍ରେୟ ନେଇଥା'ନ୍ତେ। ସମାନ ଭାବେ ଯଦି ରଥଟଣାରେ ବିଭ୍ରାଟ ହେଲା ଏବଂ ରଥଗୁଡ଼ିକ ବିଶେଷ ଭାବେ ଆଗକୁ ବଢ଼ିପାରିଲେ ନାହିଁ, ସେଥିପାଇଁ ସରକାର ଏବଂ ପ୍ରଶାସନ ନିଜ ଦୋଷ ସ୍ୱୀକାର କରି ମହାପ୍ରଭୁଙ୍କ ଚରଣରେ ସମର୍ପିତ ହେବା କଥା। କିନ୍ତୁ ତାହା ନ କରି ଦୋଷ ଛଡ଼ାଇବାରେ ବ୍ୟସ୍ତ ବୋଲି କହିଛନ୍ତି ଶ୍ରଦ୍ଧାଳୁ ସନ୍ତୋଷ କୁମାର ମହାନ୍ତି। ସେ କହିଛନ୍ତି, କାଲି ଯେଉଁ ରଥ ଗଡୁନଥିଲା, ଆଜି ଘରଘର ହୋଇ ବଡ଼ଦାଣ୍ଡରେ ଗଡ଼ିଲା କେମିତି? ଆଜି ତ କାହିଁ କାଲିଭଳି ସେମିତି ମୋଡ଼ ନେଲା ନାହିଁ। ଏ କଥାକୁ ବି ସମସ୍ତେ ଭାବିବା ଦରକାର। କର୍ଡନ ପାସ୍ ଏତେ ପରିମାଣରେ ବାଣ୍ଟି କାହିଁକି ବିଭ୍ରାଟ କରାଯାଉଛି। ମହାପ୍ରଭୁଙ୍କ ନିକଟରେ ସମସ୍ତେ ସମାନ। ଏଭଳି ମାନସିକତା ନେଇ କାମ ନ କଲେ ଭଲ। ଠାକୁର କାହାର ଅହଂ ଭାବ ରଖିନାହାନ୍ତି କି ଆଗକୁ ରଖିବେ ନାହିଁ ବୋଲି କହିଛନ୍ତି ସନ୍ତୋଷ।

# ସାନଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ

ବରପାଲି, ୨୮।୬(ସମିସ): ସଂପତ୍ତି ବିବାଦକୁ କେନ୍ଦ୍ର କରି ସାନଭାଇର କାଠଫାଳିଆ ମାଡ଼ରେ ବଡ଼ଭାଇର ମୃତ୍ୟୁ। ବରଗଡ଼ ଜିଲ୍ଲା ବରପାଲି ବ୍ଲକ୍ ମହୁଲପାଲି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ବିବିଧ ଗଣିତ (୪୦)। ସେ ଗତକାଲି ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପଛପଟେ ଶୋଇଥିବା ବେଳେ ତାଙ୍କ ସାନଭାଇ ଛାୟାକାନ୍ତ ଗଣିତ (୩୫) ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲା। ଏଥିରେ ବିବିଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ପଡ଼ୋଶୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ପୈତୃକ ଜମି ବିକ୍ରି ଟଙ୍କା ନେଣଦେଣକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା। ପୂର୍ବ ରାଗରୁ ଅଭିଯୁକ୍ତ ଏହି କାଣ୍ଡ ଭିଆଇଥିବା ସେମାନେ କହିଛନ୍ତି। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଛାୟାକାନ୍ତକୁ ଗିରଫ କରି ପଚରାଉଚରା କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

**ରଥଯାତ୍ରା ମହାବିଭ୍ରାଟ୍**

# ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ଭୁବନେଶ୍ୱର,୨୮।୬(ସମିସ): ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ଏବଂ ଏକ ଦିବ୍ୟ ଅନୁଭୂତି ନେଇ ଭକ୍ତମାନେ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମାତ୍ର ରଥଯାତ୍ରା ଅବ୍ୟବସ୍ଥିତ ଓ ମହାବିଭ୍ରାଟରେ ସମ୍ପନ୍ନ ହେଲା। ବିଶେଷକରି ଗତବର୍ଷ ଅଘଟଣ ଏବଂ ବିଭ୍ରାଟରୁ ସରକାର କିଛି ଶିଖିଲେ ନାହିଁ। ସରକାରଙ୍କ ଏପରି ହେୟଜ୍ଞାନ ମନୋବୃତ୍ତି ଏବଂ ଅପାରଗତା ପାଇଁ ଯାହା କେବେ ଘଟିନଥିଲା ତାହା ଚଳିତ ବର୍ଷ ଘଟିଛି। ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ଏହାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଦାବି କରିଛି ବିଜେଡି।

ଶନିବାର ଶଙ୍ଖ ଭବନରେ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି (ମୁଖ୍ୟାଳୟ) ତଥା ପୂର୍ବତନ ଆଇନ ମନ୍ତ୍ରୀ ପ୍ରତାପ ଜେନା ସରକାରଙ୍କୁ ରଥଯାତ୍ରା ଅଘଟଣ ପାଇଁ ପ୍ରବଳ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଯଥା ସମୟରେ ସେବାୟତଙ୍କ ଦ୍ୱାରା ପହଣ୍ଡି ସମ୍ପନ୍ନ ହୋଇଥିଲେ ମଧ୍ୟ ସରକାରଙ୍କ ଅପାରଗତା ଲାଗି ଶରଧାବାଲିରେ ୩ ରଥ ପହଞ୍ଚିବା ତ ଦୂରର କଥା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରୁ ଘୁଞ୍ଚି ପାରିଲା ନାହିଁ। ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ମଧ୍ୟ ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଦ୍ୱାରା ପ୍ରଥମଥର ପାଇଁ ଅତ୍ୟଧିକ ସଂଖ୍ୟାରେ କର୍ଡନ ପାସ୍ ବଣ୍ଟନ, ରଥଟଣାରେ ବିଭ୍ରାଟ ସୃଷ୍ଟି କଲା। ରଥ ନିକଟରେ ବହୁ ସଂଖ୍ୟାରେ ଦଳୀୟ ନେତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ସାମ୍ବାଦିକମାନଙ୍କୁ ସରକାର ନିମନ୍ତ୍ରଣ କରି ପୁଲିସ ଦ୍ୱାରା ମାଡ଼ ମରାଇ ଲହୁଲୁହାଣ କରିବା ରଥଯାତ୍ରା ଇତିହାସରେ ପ୍ରଥମ ଅଟେ। ଅନେକ ବରିଷ୍ଠ ଓ ମହିଳା ସାମ୍ବାଦିକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଭିଡ଼ ନିୟନ୍ତ୍ରଣରେ ସରକାରଙ୍କ ପାରଦର୍ଶିତା ଅଭାବରୁ ଶହ ଶହ ସଂଖ୍ୟାରେ ଭକ୍ତ ଆହତ ହୋଇଛନ୍ତି ଓ କିଛି ଭକ୍ତ ମଧ୍ୟ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ପ୍ରଶାସନ ତୁରନ୍ତ ସ୍ପଷ୍ଟ କରନ୍ତୁ ରଥଯାତ୍ରାରେ କେତେ ସଂଖ୍ୟକ ଭକ୍ତ ମୃତାହତ ହୋଇଛନ୍ତି। ଶ୍ରୀ ଜେନା ଆହୁରି କହିଥିଲେ ଯେ ବିଡ଼ମ୍ବନାର ବିଷୟ ଏହି ଘଟଣା ପରେ ଉଭୟ ଆଇନ ମନ୍ତ୍ରୀ ଓ ଶ୍ରୀମନ୍ଦିର ପ୍ରଶାସକ କହିଛନ୍ତି 'ଏହା ପ୍ରଭୁଙ୍କ ଇଚ୍ଛା'ରୁ ହୋଇଛି। ଯାହା କେବେ ଘଟିନଥିଲା, ସେଭଳି ବିଭ୍ରାଟ ଚଳିତବର୍ଷ ରଥଯାତ୍ରାରେ ଘଟିଲା। ମହାପ୍ରଭୁ ଅଣସର ଘରେ ଥିବା ସମୟରେ ୩ ଠାକୁରଙ୍କ ପାଇଁ ଲାଗି ହେବା ମୋଦକ ଚୋରି ହେଲା ଓ ମାରା ମୋଦକ ମହାପ୍ରଭୁଙ୍କୁ ଅର୍ପଣ କରାଗଲା ବୋଲି ସେବାୟତଙ୍କ ଅଭିଯୋଗକୁ ଆଇନ ମନ୍ତ୍ରୀ ଓ ପ୍ରଶାସନ ଅସ୍ୱୀକାର କଲେ। ଗତବର୍ଷ ରଥଯାତ୍ରା ପହଣ୍ଡି ସମୟରେ ବଡ଼ ଠାକୁର ରଥରୁ ପଡିଯିବାର ତଦନ୍ତ ରିପୋର୍ଟ ଆଜିଯାଏଁ ସାର୍ବଜନୀନ ହେଲା ନାହିଁ। ଗତବର୍ଷର ଅଘଟଣରୁ ଶିକ୍ଷାଲାଭ କରି ସରକାର ଯଦି ସତର୍କ ହୋଇଥାନ୍ତେ, ତାହେଲେ ଚଳିତବର୍ଷ ଏଭଳି ବିଭ୍ରାଟ ହୋଇନଥାନ୍ତା। ଏହି ବିଭ୍ରାଟର ନୈତିକ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।



- ରଥଯାତ୍ରା ସ୍ମରଣୀୟ ଓ ଦିବ୍ୟ ଅନୁଭବ ହେବ ବୋଲି କହି ମହାବିଭ୍ରାଟ କଲେ
- ଦଳୀୟ ନେତାଙ୍କୁ ଅତ୍ୟଧିକ କର୍ଡନ ପାସ୍ ରଥଟଣାରେ ବାଧକ
- ମୃତାହତଙ୍କ ସଂଖ୍ୟା ସ୍ପଷ୍ଟ କରନ୍ତୁ ସରକାର

**କାହା ପ୍ରତି ଏତେ ଅନୁକମ୍ପା?**

# ବଡ଼ଦାଣ୍ଡ ଗହଳିରେ ଛତିଶଗଡ଼ ଇନୋଭା

## ଚାଳକ କହିଲେ ଏମ୍‌ଏଲ୍‌ଏ; ଟ୍ରାଫିକ୍ ଡିଏସ୍‌ପି କହୁଛନ୍ତି ଏନ୍‌ଏସ୍‌ଜି କମାଣ୍ଡୋ

ପୁରୀ,୨୮।୬(ସମିସ): ଭିଡ଼ ନିୟନ୍ତ୍ରଣରେ ବିଫଳ ଯୋଗୁଁ ଶୁକ୍ରବାର ରଥଯାତ୍ରାରେ ଦେଖିବାକୁ ମିଳିଥିଲା ବିଭ୍ରାଟ। ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ସିଂହଦ୍ୱାରରୁ ଗଡ଼ି ନଥିଲା ନନ୍ଦିଘୋଷ ରଥ। ଏପରିକି, ଚଳିତ ରଥଯାତ୍ରାରେ ନାନାପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଭିଡ଼ ଏବଂ ଠେଲାପେଲା ଯୋଗୁଁ ପ୍ରାୟ ୬୦୦ଶ୍ରଦ୍ଧାଳୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହା ସତ୍ତ୍ୱେ ଟ୍ରାଫିକ୍ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅଧିକାରୀଙ୍କର ଚେତା ପଶି ନଥିଲା। ଶନିବାର ସକାଳେ ବଡ଼ଦାଣ୍ଡରେ ରଥଟଣା ଯାଉଥିବା ବେଳେ ଭଡ଼ ଭିତରେ ଗଡୁଥିଲା ଛତିଶଗଡ଼ ପଞ୍ଜିକୃତ ଏକ ଇନୋଭା କାର୍। ଏହାକୁ ଦେଖିବା ପରେ ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପଣ୍ଡା ସମ୍ପୃକ୍ତ କାର୍ ଚାଳକଙ୍କୁ ପ୍ରଶ୍ନ କରିଥିଲେ। ଆପଣ ରଥଟଣା ଚାଲିଥିବା ବେଳେ ବଡ଼ଦାଣ୍ଡ ଭିଡ଼ ଭିତରକୁ ପଶିଲେ କିପରି? ଏହି ଗାଡ଼ିରେ କିଏ ଆସିଛନ୍ତି? ହେଲେ ଡ୍ରାଇଭର ଜଣକ ଚୁପ୍ ରହିବାର କିଛି ସମୟ ପରେ ଏମ୍‌ଏଲ୍‌ଏ ଆସିଛନ୍ତି କହି ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ। ତେବେ ରାଜ୍ୟ ବାହାରର ଜଣେ ବିଧାୟକଙ୍କୁ କିପରି ଏମିତି ଅହେତୁକ ଅନୁକମ୍ପା ମିଳିଲା ଏବଂ କିଏ ତାଙ୍କୁ ଏଭଳି ଅନୁକମ୍ପା ଦେଖାଇଲା ତାହାକୁ ନେଇ ସମସ୍ତଙ୍କ ଭିତରେ ଚାଲିଛି ଚର୍ଚ୍ଚା।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ, ଶନିବାର ସକାଳ ସାଢ଼େ ୯ଟାରେ ଆରମ୍ଭ ହୋଇଥିଲା ରଥଟଣା। ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ଥିଲା। ତାଳଧ୍ୱଜ ରଥ ମେଡିକାଲ ଛକ ଅତିକ୍ରମ କରିସାରିଥିଲା। ପୂର୍ବାହ୍ଣ ପ୍ରାୟ ୧୦ଟା ୪୫ରେ ବଳଗଣ୍ଡି ଛକରୁ ଗହଳି ଭିତରେ ଏକ ଇନୋଭା କାର୍ ବଗଲା ଧର୍ମଶାଳା ଆଡ଼କୁ ଯାଉଥିଲା। ଅର୍ଥାତ୍ ଏହି




କାର୍‌ଟି ନନ୍ଦିଘୋଷ ଏବଂ ଦେବଦଳନ ରଥ ମଧ୍ୟରେ ଥିଲା। ଛତିଶଗଡ଼ ପଞ୍ଜିକୃତ ଏହି ଇନୋଭାର ନମ୍ବର ଥିଲା ସିଜି୦୪ଏନ୍‌କେ-୦୦୧୦।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କିଭଳି ସମ୍ପୃକ୍ତ କାର୍‌କୁ ପାସ୍ ମିଳିଥିଲା। ଯଦି ବି ପାସ୍ ଥିଲା, ରଥ ଗଡୁଥିବା ବେଳେ ବଡ଼ଦାଣ୍ଡକୁ ପଶିଲା କେମିତି? ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ କରୁଥିଲେ କ'ଣ? ନା କାହା ଚାପରେ ସବୁ ନିୟମକାନୁନ୍‌କୁ ଦଳିମକଚି ଦିଆଯାଇଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଥିବା ବେଳେ ସେହି କାର୍‌ରେ ଆସିଥିବା ବ୍ୟକ୍ତିଜଣଙ୍କ କିଏ; ତାକୁ ନେଇ ସମସ୍ତଙ୍କ ଭିତରେ ଚାଲିଛି ଚର୍ଚ୍ଚା। ଯେଉଁଠି ପାସ୍ ପାଇଥିବା ସାମ୍ବାଦିକଙ୍କୁ ପୁଲିସ୍ କର୍ଡନ ଭିତରକୁ ନଛାଡ଼ି ଦୁର୍ବ୍ୟବହାର କରୁଛି ଏବଂ ସେମାନଙ୍କ ଗାଡ଼ିକୁ ଛାଡୁନାହିଁ; ସେଠି ଛତିଶଗଡ଼ର କାର୍‌କୁ କିପରି ଭିଡ଼ ଭିତରକୁ ଛାଡ଼ିଲା, ତାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ାଙ୍କୁ ପଚାରିବାରେ ତାହା ଏନ୍‌ଏସ୍‌ଜି କମାଣ୍ଡୋଙ୍କ କାର୍ ଥିଲା। ସେମାନଙ୍କ କାମ ଥିବାରୁ ବଡ଼ଦାଣ୍ଡକୁ ଆସିଥିଲେ। ଅନୁଧ୍ୟାନ ପରେ ସେମାନେ ଚାଲିଯାଇଥିଲେ ବୋଲି ସଫେଇ ଦେଇଛନ୍ତି। ଏପଟେ କାର୍‌ଚାଳକ ଏମ୍‌ଏଲ୍‌ଏ କହୁଥିବା ବେଳେ ଟ୍ରାଫିକ୍ ଡିଏସ୍‌ପି ସେହି ଗାଡ଼ିରେ ଏନ୍‌ଏସ୍‌ଜି କମାଣ୍ଡୋ ଆସିଥିଲେ କହିବା ଘଟଣା ଆହୁରି ଦ୍ୱନ୍ଦ୍ୱ ବଢ଼ାଇଛି।

# ଅବସରର ୩ଦିନ ପୂର୍ବରୁ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଭୁବନେଶ୍ୱର,୨୮।୬(ସମିସ): ଆଉ ୩ଦିନ ପରେ ନେଇଥା'ନ୍ତେ ଅବସର। ହେଲେ ତା' ପୂର୍ବରୁ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି। ଚାକିରି କାଳରେ ସରକାରୀ ବାବୁ ଯେତିକି କଳାଧନ ଅର୍ଜନ କରିଥିଲେ ତାହାକୁ ଠାବ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ବ୍ଲକର ସହକାରୀ ଯନ୍ତ୍ରୀ ସୁଶୀଲ ପଣ୍ଡାଙ୍କ ଘରେ ଭିଜିଲାନ୍ସ ଆଜି ଚଢ଼ଉ କରିଛି। ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ସମେତ ୭ରୁ ଅଧିକ ସ୍ଥାନରେ ଚଢ଼ଉ ହୋଇଛି। ବ୍ରହ୍ମପୁର ରାମହରି ନଗରରେ ଥିବା ତିନି ତାଲା କୋଠା, ଅଙ୍କୁଲି, ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଥିବା ଦୁଇଟି ଫ୍ଲାଟ୍, ପୁରୀରେ ଥିବା ଫ୍ଲାଟ୍, କବିସୂର୍ଯ୍ୟନଗରରେ ଥିବା ପୈତୃକ ବାସଭବନ, ପୁରୁଷୋତ୍ତମପୁରରେ ଥିବା ଶଶୁର ଘର ଏବଂ ଗଞ୍ଜାମ ବ୍ଲକ୍ ଅଫିସ୍‌ରେ ଚଢ଼ଉ କରାଯାଇଛି। ଚଢ଼ଉରେ ୬ଜଣ ଡିଏସ୍‌ପି, ୭ ଇନ୍ସପେକ୍ଟର୍ ଏବଂ ଅନ୍ୟ ଷ୍ଟାଫ୍ ସାମିଲ ଥିଲେ। ଚଢ଼ଉ ବେଳେ ଯନ୍ତ୍ରୀଙ୍କର ରାମହରି ନଗରରେ ଗୋଟିଏ ୩ତାଲା କୋଠା, ଅଙ୍କୁଲିରେ ଗୋଟିଏ ୨ ବିଏଚ୍‌କେ ଫ୍ଲାଟ୍, ପୁରୀରେ ଗୋଟିଏ ୧ବିଏଚ୍‌କେ ଫ୍ଲାଟ୍ ଠାବ କରାଯାଇଛି। ତାଙ୍କ ନାମରେ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ବ୍ରହ୍ମପୁରରେ ୬ଟି ପ୍ଲଟ୍ ଠାବ କଯରାଯାଇଛି। ତାହାର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ। ଏହି ପ୍ଲଟ୍‌ଗୁଡ଼ିକର ସଠିକ୍ ମୂଲ୍ୟାଙ୍କନ ପାଇଁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଲାଗି ପଡ଼ିଛନ୍ତି। ତାଙ୍କ ଘରୁ ନଗଦ ୨ଲକ୍ଷ ୫ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଘରୁ ୧୨୬ ଗ୍ରାମର ସୁନା ଅଳଙ୍କାର, ବ୍ୟାଙ୍କ୍‌ରେ ୫୦ଲକ୍ଷ ଜମା ରହିଛି। ସେହିପରି ବ୍ରହ୍ମପୁର ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ୍‌ରେ ସୁଶୀଲ ଏବଂ ତାଙ୍କ ପତ୍ନୀଙ୍କ ନାମରେ ଏକ ଲକର ରହିଛି। ତାହାକୁ ଖୋଲିବା ପାଇଁ ଭିଜିଲାନ୍ସ ଟିମ୍ ପକ୍ରିୟା ଆରମ୍ଭ କରିଛି। କୋଟି କୋଟି ଟଙ୍କାର କଳାଧନ ସମ୍ପର୍କରେ ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରୁଥିଲେ ମଧ୍ୟ ସେ ତାହାର ଉତ୍ତର ଦେଇପାରିନଥିଲେ। ଫଳରେ ଭିଜିଲାନ୍ସ ଟିମ୍ ତାଙ୍କୁ ଉଠାଇ ନେଇ ଏକ ଡିଏ ମାମଲା ରୁଜୁ କରି ତଦନ୍ତ କରୁଛି।

- ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍, ୬ଟି ପ୍ଲଟ୍ ଠାବ
- ନଗଦ ୨.୫ଲକ୍ଷ ଜବତ, ଆକାଉଣ୍ଟରେ ରହିଛି ୫୦ଲକ୍ଷ



## ଧାନ କିଣିଲାନି ସେବା ସମବାୟ ସମିତି

# ଉତ୍ତ୍ୟକ୍ତ ଚାଷୀଙ୍କ ରାସ୍ତାରୋକ

ସାକ୍ଷୀଗୋପାଳ,୨୮।୬(ସମିସ)

ପୁରୀ ସଦର ବ୍ଲକ୍ ଅନ୍ତର୍ଗତ କାଳିକା ନୂଆପଡ଼ା ସେବା ସମବାୟ ସମିତିର ଧାନମଣ୍ଡି ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଶୁକଳ ପଞ୍ଚାୟତର ନୂଆ ଜଗନ୍ନାଥ ସଡ଼କ ପାର୍ଶ୍ୱରେ ଚୁରାଳୀ ଛକ ନିକଟରେ ଖୋଲିଛି। ମାତ୍ର ମାସେ ହେବ ଚାଷୀମାନେ ଧାନ କ୍ରୟ ନିମନ୍ତେ ସେବା ସମବାୟ ସମିତି କିମ୍ବା ମିଲରମାନେ ନ ଆସିବାରୁ ଧାନ ବିକ୍ରୟ ନିମନ୍ତେ ଅପେକ୍ଷା କରିଥିବା ଶତାଧିକ ଚାଷୀ ଶତାଧିକ ଧାନ ଟ୍ରାକ୍ଟର ସହ ଚୁରାଳୀ ଛକ ନିକଟରେ ଅପରାହ୍ଣ ୪ଟାରେ ନୂଆ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଖବର ପାଇ ସତ୍ୟବାଦୀ ଆଇଆଇସି ବିଜୟ କେତନ



ବେହେରା ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳକାରୀଙ୍କ ସହିତ ଆଲୋଚନା କରିଥିଲେ। ସେବା ସମବାୟ ସମିତି ଅଧିକାରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିବେ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା। ଆନ୍ଦୋଳନ ଯୋଗୁଁ ରଥଯାତ୍ରା ଦର୍ଶନ ନିମନ୍ତେ ଯାଉଥିବା ଓ ରଥଯାତ୍ରା ଦର୍ଶନ ସାରି ଫେରୁଥିବା ଯାତ୍ରୀମାନେ ଦୀର୍ଘ ଅଢ଼େଇ ଘଣ୍ଟା ଧରି ଅଟକି ରହିଥିଲେ। ଆନ୍ଦୋଳନ ପ୍ରତ୍ୟାହାର ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୁରେନ୍ଦ୍ର ବେହେରା, ବୈଦ୍ୟନାଥ ବେହେରା, କୁମର ବେହେରା, କାଳୁ ଚରଣ ସ୍ୱାଇଁ, ପ୍ରଭାତ ବେହେରା, ଶିବ ଜେନା, ଅମର ବେହେରାଙ୍କ ସମେତ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ।

## ମଣ୍ଡି ସମସ୍ୟା ନେଇ ତାତିଲେ ଚାଷୀ

# ଆଲୋଚନା ପାଇଁ ଆସିଥିବା ଯୋଗାଣ ଅଧିକାରୀ ଅଟକ



ବ୍ରହ୍ମଗିରି,୨୮।୬(ସମିସ): ଶନିବାର ମଣ୍ଡି ସମସ୍ୟା ନେଇ ଚାଷୀଙ୍କ ସହ ଆଲୋଚନା ପାଇଁ ଆସିଥିବାବେଳେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଅଟକ ରଖିଛନ୍ତି ସମ୍ପୃକ୍ତ ଚାଷୀମାନେ। ବ୍ରହ୍ମଗିରି ତହସିଲ୍ କାର୍ଯ୍ୟାଳୟ ପରିସରରେ ଚାଷୀମାନେ ଯୋଗାଣ ଅଧିକାରୀଙ୍କୁ ରଖିଥିଲେ। ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ବ୍ରହ୍ମଗିରି ବ୍ଲକ୍ ବିଭିନ୍ନ କୋଅପରେଟିଭ୍ ସୋସାଇଟିର ଚାଷୀମାନେ ଧାନ ସମସ୍ୟା ନେଇ ରାଜରାସ୍ତାକୁ ଓହ୍ଲାଇଥିଲେ। ଗତ ୨୬ ତାରିଖରେ ଚାଷୀମାନେ ଜାତୀୟ ରାଜପଥ ଅବରୋଧ ମଧ କରିଥିଲେ। ଦୀର୍ଘ ୨ ଘଣ୍ଟା ପରେ ଅଡିସ୍‌ନାଲ ତହସିଲ୍‌ଦାର ଶରତ କୁମାର ଦେହୁରୀ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିବା ସହ ଦୁଇ ଦିନ ମଧ୍ୟରେ ଜିଲ୍ଲା ଯୋଗାଣ ବିଭାଗ ସହିତ ଆଲୋଚନା କରିବା ପାଇଁ କହିବାରୁ ଆନ୍ଦୋଳନ ହଟିଥିଲା। ଦୁଇ ଦିନ ପରେ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ଆସି ଚାଷୀମାନଙ୍କ ସହ ଆଲୋଚନା କରୁଥିବାବେଳେ ଆଲୋଚନା ସଫଳ ହୋଇ ନ ଥିଲା। ଏଣୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଚାଷୀମାନେ ଅଟକ ରଖିଥିଲେ। ଦୀର୍ଘ ୪ ଘଣ୍ଟା ଅଟକ ରହିବା ପରେ ଜିଲ୍ଲା ଯୋଗାଣ ଅଧିକାରୀ ଓ ବ୍ଲକ୍ ଯୋଗାଣ ନିରୀକ୍ଷକ ମିଳିତ ଭାବରେ ଦୁଇ ଦିନ ମଧ୍ୟରେ ଧାନ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାହାର ଟୋକନ କଟିବ ନାହିଁ ଏବଂ ସମସ୍ତ ଚାଷୀଙ୍କର ଧାନ ସରକାର କିଣିବେ। ସବୁ ସୋସାଇଟିକୁ ଧାନ ଉଠାଇବା ପାଇଁ ଟାର୍ଗେଟ୍ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଯୋଗାଣ ଅଧିକାରୀଙ୍କୁ ଛାଡ଼ିଥିଲେ। ସେପଟେ ଗତ ୨୩ ତାରିଖରେ ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀ ଆସିଥିଲେ। ବ୍ରହ୍ମଗିରିରେ ଘୋଷଣା କରିଥିଲେ ଯେ ଖୁବ୍‌ଶୀଘ୍ର ବାହାର ଜିଲ୍ଲାରୁ ୧୭ଟି ମିଲର ଆସି ଧାନ ନେବା ପାଇଁ କହିଥିଲେ। କିନ୍ତୁ ଯୋଗାଣ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ବୋଲି ଚାଷୀମାନେ କହିଛନ୍ତି।

## ଖରିଫ ଧାନ ବିହନ ଯୋଗାଣରେ ବିଳମ୍ବ

# ଦରକାର ୩ହଜାର କ୍ୱିଣ୍ଟାଲ; ମିଳିଛି ୫୦୦ କ୍ୱିଣ୍ଟାଲ

ପିପିଲି,୨୮।୬(ସମିସ): ଅଖିମୁଠି ଅନୁକୂଳ ହେବାର ଏହା ମଧ୍ୟରେ ଦୁଇମାସ ବିତିଗଲାଣି। ଅଥଚ ଧାର୍ଯ୍ୟ ସମୟସୀମା ମଧ୍ୟରେ ଧାନ ବିହନ ଯୋଗାଣ ସମ୍ଭବ ହେଲାନାହିଁ। ପୁରୀ ଜିଲ୍ଲା ପିପିଲି ବ୍ଲକ୍‌ରେ ଚାଷୀଙ୍କୁ ବିହନ ଯୋଗାଇବାରେ ବିଫଳ ହୋଇଛି ବିଭାଗ। ଅଦ୍ୟାବଧି ଜୁନ୍ ୨୦ ସୁଦ୍ଧା ୫୦୦ କ୍ୱିଣ୍ଟାଲ ଧାନ ବିହନ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଖରିଫ ଫସଲ ନିମନ୍ତେ ବିହନ ସଂଗ୍ରହ ପାଇଁ ଚାଷୀଙ୍କର ନିଦ ହଜିଯାଇଥିଲାବେଳେ ପ୍ରଶାସନ ଆବଶ୍ୟକ ଅନୁସାରେ ବିହନ ଯୋଗାଣ କରିପାରି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି।

ଗତ କିଛିବର୍ଷ ହେଲା ଧାନ ବିହନ ଯୋଗାଣ ଦାୟିତ୍ୱ ରାଜ୍ୟ ବିହନ ନିଗମ ଉପରେ ନ୍ୟସ୍ତ କରାଯାଇଛି। ମେ' ମାସ ଶେଷ ସୁଦ୍ଧା ଧାନ ବିହନ ଯୋଗାଇବାର ବ୍ୟବସ୍ଥା ରହିଛି। ଏବେ ଜୁନ୍ ମାସ ସରିବାକୁ ବସିଲାଣି, ତଥାପି ଆବଶ୍ୟକ ପରିମାଣର ଧାନ ବିହନ ଯୋଗାଇ ଦିଆଯାଇନାହିଁ। ଚାଷୀମାନଙ୍କର ପ୍ରଥମ ପସନ୍ଦ ଧାନ ବିହନ ମଧ୍ୟରେ ପୂଜା, କଳାଚମ୍ପା, ସ୍ୱର୍ଣ୍ଣ, ସାରଳା, ପ୍ରତୀକ୍ଷା, ୧୦୧୮, ସିଆର୍-୧୦୦୯-ସବ୍-୧ ଆଦି ଧାନ ବିହନ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପାଚିଲା ଧାନ ଯେପରି ମାଟିରେ ଲୋଟି ନ ଯାଇ ସଳଖି ହୋଇ ରହିବ ଏବଂ ପାଣି ବାଜି ଗଜା ନ ହେବ ତାକୁ ଦୃଷ୍ଟିରେ ରଖି ଘରୋଇ ବିହନ ଉତ୍ପାଦନକାରୀ ସଂସ୍ଥା ଗବେଷଣା କରି ବିଭିନ୍ନ କିସମର ଖାଲ ବିଲ ଧାନ ବିହନ ଉଦ୍ଭାବନ କରିଛି। ସରକାର ସେମିତି କିଛି ଧାନ ବିହନ ଉଦ୍ଭାବନ କରିପାରି ନ ଥିବାରୁ ଚାଷୀମାନେ ଚଢ଼ାଦରରେ ମାଳିଫୋର, ୧୦୬୧ ଭଳି ଘରୋଇ କମ୍ପାନୀ ଧାନ ବିହନ କିଣୁଛନ୍ତି। ପିପିଲି କୃଷି ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଚଳିତ ବର୍ଷ ଖରିଫରେ ୧୦ହଜାର ୫୭୦ ହେକ୍ଟର ଜମିରେ ଧାନଚାଷ କରାଯିବ। ଚାଷୀମାନେ ନିଜ ଘରେ ସାଇତି ରଖିଥିବା ଧାନ ବିହନ ଏବଂ ଘରୋଇ କମ୍ପାନୀ ପାଖରୁ କିଣୁଥିବା ଧାନ ବିହନକୁ ହିସାବକୁ ନେଇ ଚଳିତ ଖରିଫ ଋତୁରେ ୩ହଜାର କ୍ୱିଣ୍ଟାଲ ସରକାରୀ ଧାନ ବିହନର ଆବଶ୍ୟକ ଥିବାବେଳେ ଅଦ୍ୟାବଧି ମାତ୍ର ୫୦୦ କ୍ୱିଣ୍ଟାଲ ୬ କେଜି ଧାନ ବିହନ ଯୋଗାଇ ଦିଆଯାଇଥିବାର ସୂଚନା ମିଳିଛି।

## ସିଦ୍ଧେଶ୍ୱର ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଉଦ୍‌ଘାଟିତ



ନିମାପଡ଼ା,୨୮।୬(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ସିଦ୍ଧେଶ୍ୱର ମନ୍ଦିରର ଉନ୍ନତୀକରଣ କାର୍ଯ୍ୟର ଶୁଭ ଉଦ୍‌ଘାଟନ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ହୋଇଯାଇଛି। ପୂର୍ବତନ ବିଜେଡି ସରକାରଙ୍କ '୫-ଟି' ଯୋଜନାରେ ମନ୍ଦିରର ଉନ୍ନତୀକରଣ ନିମନ୍ତେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଥିଲା। ଏହି ପୀଠର ବିକାଶ ଓ ମନ୍ଦିରର ପାରିପାର୍ଶ୍ୱିକ କାର୍ଯ୍ୟର ଉନ୍ନତୀକରଣ, କମ୍ୟୁନିଟି ହଲ୍ ସମେତ ମନ୍ଦିର ପରିସର ଉନ୍ନତୀକରଣ ଆଦି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ସୁଧୀର ରଞ୍ଜନ ଦାଶ, ବାଳକୃଷ୍ଣ ଓଝା, ରାକେଶ ବେହେରାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ମା' ବେଲେଶ୍ୱରୀଙ୍କ ପ୍ରଥମ ବାର୍ଷିକ ଉତ୍ସବ



ଚାରିଛକ,୨୮।୬(ସମିସ): ଚାରିଛକ ନିକଟସ୍ଥ ମାଧବ ପଞ୍ଚାୟତ ତେଲିପାଟଣା ଗ୍ରାମର ମା' ବେଲେଶ୍ୱରୀଙ୍କ ପ୍ରଥମ ବାର୍ଷିକ ଉତ୍ସବ ନିମନ୍ତେ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଧବ ପଞ୍ଚାୟତ ତେଲିପାଟଣା ଗ୍ରାମର ମା' ବେଲେଶ୍ୱରୀ ଠାକୁରାଣୀଙ୍କ ପ୍ରଥମ ବାର୍ଷିକ ଉପଲକ୍ଷେ ନିକଟସ୍ଥ ପ୍ରାଚୀ ନଦୀରୁ ଗ୍ରାମର ୧୭୧ ଜଣ କଳସଧାରୀ ଜଳକଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ଯଥା ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପୂଜାରେ ମୁଖ୍ୟ କର୍ତ୍ତା ଭାବେ ପ୍ରଶାନ୍ତ ସାହୁ ଓ ସରୋଜିନୀ ସାହୁ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଉପେନ୍ଦ୍ର ନାଥ ସାହୁ, ଧ୍ରୁବ ଚରଣ ସାହୁ, ମଙ୍ଗୁଳି ବେହେରା, ସୁକାନ୍ତ ସାହୁ, କୃଷ୍ଣଚନ୍ଦ୍ର ସାହୁ, କାର୍ତ୍ତିକ ବେହେରା, ଦିଲ୍ଲୀପ ପୃଷ୍ଟି, ରମେଶ ପୃଷ୍ଟି, ବାଇଧର ସାହୁ, ନବୀନ ସାହୁଙ୍କ ସମେତ ଗ୍ରାମବାସୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

## ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ନାମକରଣ ଉତ୍ସବ



ନୟାହାଟ,୨୮।୬(ସମିସ): ସର୍ବଧର୍ମସମନ୍ୱୟପୀଠ ପ୍ରାଚୀ ଗୁରୁଧର୍ମକ୍ଷେତ୍ର ପରିସରରେ ଆଶ୍ରମର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ନାମକରଣ ଉତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମନ୍ଦିରରେ ପୂଜାର୍ଚ୍ଚନା ପରେ ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ନାମ କୀର୍ତ୍ତନରେ ଗୁରୁଦେବଙ୍କ ଶ୍ରୀବିଗ୍ରହ ଓ ପାଦୁକା ଶହ ଶହ ଭକ୍ତଙ୍କ ଗହଣରେ ସ୍ୱତନ୍ତ୍ର ପୂଜା ମଣ୍ଡପରେ ସ୍ଥାପନ କରାଯିବା ପରେ ବାବାଜୀ ଅକ୍ଷୟ କୁମାର ଦାସ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ମାଆମାନଙ୍କ ଦ୍ୱାରା ବନ୍ଦାପନା, ଝୁଲଣ ହୋଇଥିଲା। ଚଳିତ ମାସ ପବିତ୍ର ଚମ୍ପକ ଦ୍ୱାଦଶୀ ତିଥି ୬ ତାରିଖରେ ଜନ୍ମ ଉତ୍ସବ ପରେ ପଞ୍ଚୁଆତି ପୂଜା, ଷଠିପୂଜା ଓ ପବିତ୍ର ରଥଯାତ୍ରା ଦିନ ନାମକରଣ ଉତ୍ସବ କରାଯାଇଛି ବୋଲି ସେବକ ପ୍ରୀତି ରଞ୍ଜନ ଦାସ ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ସୁଦୂର ପଶ୍ଚିମାଞ୍ଚଳର ପାଲା ଗାୟକ ସୁରେଶ ଦାସ ଶ୍ରୀ ଗୁରୁଦେବଙ୍କ ଜୀବନୀ ଉପରେ ଆଧାରିତ ପାଲା ପରିବେଷଣ କରିଥିଲେ। ଏଥିରେ ମିତ୍ରଭାନୁ, ପଞ୍ଚାନନ, ଜଳନ୍ଧର, ମୀନକେତନ, ଟିକେଶ୍ୱର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବାବାଜୀ ବିବେକାନନ୍ଦ ଦାସ, ଡ. ରତ୍ନାକର ମହାନ୍ତି, କୃଷ୍ଣ ଚନ୍ଦ୍ର ଓଝା, ରମ୍ୟ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ନୟାହାଟ ଅଞ୍ଚଳରେ ନକଲି କମ୍ପାନୀର ପାଣି କାରବାର

ନୟାହାଟ,୨୮।୬(ସମିସ): ବର୍ତ୍ତମାନ ରାଜ୍ୟରେ ଡାଇରିଆ, ଝାଡ଼ାବାନ୍ତି ବ୍ୟାପିଥିବାବେଳେ ଏହା ଜଳ ଦ୍ୱାରା ବ୍ୟାପୁଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବିଭିନ୍ନ ନକଲି ପାଣି କମ୍ପାନୀଗୁଡ଼ିକ ପରୀକ୍ଷା ନିରୀକ୍ଷା ନକରି ବୋତଲରେ ପାଣି ପ୍ୟାକିଂ କରି ବଜାରକୁ ଛାଡୁଛନ୍ତି। ଏହାକୁ ପିଇ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ନୟାହାଟ ଅଞ୍ଚଳରେ ଥିବା ଯୋଗେଶ୍ୱରପୁର, ନୟାହାଟ, ପଲି ଛକ, ଜହ୍ନିମାଲିଆ, ଶାସନ, ବାଲିଦଣ୍ଡା, ଓଟର ପ୍ରମୁଖ ଅଞ୍ଚଳରେ ମିଳୁଥିବା ବିଭିନ୍ନ କମ୍ପାନୀର ପାଣି ବୋତଲର ଶୁଦ୍ଧତା ନେଇ ସନ୍ଦେହ ସୃଷ୍ଟି ହେଉଛି। ନକଲି କମ୍ପାନୀ ଖୋଲି ବିଭିନ୍ନ ପାଣି ବିତରଣ କମ୍ପାନୀ ପାଣି ବୋତଲ ପ୍ୟାକେଟ୍ କରି ବଜାରକୁ ଛାଡୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉ ନ ଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। ପ୍ରାୟତଃ ଗାଁ ଗହଳିରେ ବିଭିନ୍ନ ବ୍ରାଣ୍ଡର ନକଲି ପାଣି ବୋତଲ ମିଳୁଥିବା ଦେଖିବାକୁ ମିଳୁଛି। ଅଧିକାଂଶ ବିବାହ, ବ୍ରତ, ଜନ୍ମଦିନ, ସଭାସମିତିରେ ଓ ସୁଦ୍ଧିକ୍ରିୟାରେ ପାଣିର ଚାହିଦା ଅଧିକ ଥିବାବେଳେ ଏହା ପ୍ରକୃତ ଶୁଦ୍ଧ ନ ବିଶୁଦ୍ଧ ଗ୍ରାହକମାନଙ୍କ ପାଇଁ ଜାଣିବା କଷ୍ଟକର ହୋଇପଡ଼େ। କେତେକ ପାଣି କମ୍ପାନୀ ଆକର୍ଷଣୀୟ ପ୍ୟାକିଙ୍ଗ୍ କରି ଦୋକାନୀମାନଙ୍କୁ ଅଧିକ ରିଆତିରେ ଯୋଗାଇ ଦେଇ ପାଣି ବିକିବାକୁ ପ୍ରଲୋଭନ ଦେଖାଇଥା'ନ୍ତି। ପ୍ରକୃତରେ ଆଇଏସ୍ଆଇ ଦ୍ୱାରା ପାଣି ପରୀକ୍ଷା କରାନଯାଇ କେବଳ ଷ୍ଟିକର ଲଗାଯାଇ ଲୋକମାନଙ୍କୁ ଠକୁଥିବା ଜଣାପଡୁଛି। ବିନା ଟିକସରେ ବହୁ କମ୍ପାନୀ ବେଧଡ଼କ ବେପାର କରୁଛନ୍ତି। ପାଣିର ମାନ ପରୀକ୍ଷା କରା ନ ଯିବା ଦ୍ୱାରା ଲୋକମାନଙ୍କ ଜୀବନ ସହିତ ଖେଳ ଖେଳାଯାଉଛି।

# ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ସାକ୍ଷୀଗୋପାଳ,୨୮।୬(ସମିସ): ସତ୍ୟବାଦୀ ଯୁଗର ଅନ୍ୟତମ ବରେଣ୍ୟ ପ୍ରତିଭା, ଐତିହାସିକ, ଗବେଷକ, ସତ୍ୟବାଦୀ ଯୁଗର ପଞ୍ଚସଖା ଉତ୍କଳମଣି ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ମଧ୍ୟରୁ ଅନ୍ୟତମ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କର ୧୩୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତିର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବୀରପ୍ରତାପପୁର ଶାସନ ଗ୍ରାମରେ ପାଳିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଶଶାଙ୍କ ଚୂଡ଼ାମଣି ଯୋଗଦେଇ ମଣିଷ ତିଆରି କାରଖାନାରେ ଭଲ ମଣିଷ ଗଢ଼ିବାରେ ପଣ୍ଡିତ ମିଶ୍ରଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ବହୁମୁଖୀ ଅନନ୍ୟ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ସତ୍ୟବାଦୀ ଦାଶ ସ୍ୱବକ୍ତବ୍ୟରେ ବୀରପ୍ରତାପପୁର ଗ୍ରାମକୁ ଐତିହ୍ୟ ଓ ବରପୁତ୍ର ଗ୍ରାମ ଭାବରେ ଘୋଷଣା କରିବା ପାଇଁ ସରକାରଙ୍କ ପାଖରେ ଆମର ଦାବି ରହିବ ବୋଲି ଦୃଢ଼ୋକ୍ତି ରଖିଥିଲେ। ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ହରଚଣ୍ଡୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ମିଶ୍ର ସଭା ସଂଯୋଜନା କରିଥିଲେ। ବୀରପ୍ରତାପପୁର ଗ୍ରାମପଞ୍ଚାୟତର ସରପଞ୍ଚ ମମତାଞ୍ଜଳି ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ କୈଳାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ମଧୁସୂଦନ ନନ୍ଦ, ସିଦ୍ଧେଶ୍ୱର ମିଶ୍ର, ସରୋଜ ମିଶ୍ର, ଦୀନବନ୍ଧୁ ମିଶ୍ର, ନୃସିଂହ ମିଶ୍ର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ଅସରାଏ ବର୍ଷାରେ ବଜାରରେ ଲହଡ଼ି ଭାଙ୍ଗୁଛି ପାଣି

କଣାସ,୨୮।୬(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତାଘାଟ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବର୍ଷା ସମୟରେ ଜଳନିଷ୍କାସନ ଦିଗରେ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉ ନ ଥିବାରୁ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର କଣାସ ବଜାରରେ ଅସରାଏ ବର୍ଷା ହେଲେ ବର୍ଷାଜଳ ନିଷ୍କାସନ ପାଇଁ ବାଟ ନ ଥିବାରୁ ରାସ୍ତା ଉପରେ ବର୍ଷାଜଳ ଲହଡ଼ି ଭାଙ୍ଗୁଛି। ଖବରନେବାରେ ଜଣାପଡ଼ିଛି ଯେ, କଣାସ ବସ୍‌ଷ୍ଟାଣ୍ଡ ବଜାରରେ ବର୍ଷାଜଳ ନିଷ୍କାସନ ପାଇଁ ରାସ୍ତାକଡ଼ରେ ନାଳ ନ ଥିବାରୁ ବହୁଦିନ ତଳେ ବର୍ଷାଜଳ ଜମି ରହୁଥିଲା। ବର୍ଷାଜଳ ଜମି ରହିବା ସମ୍ପର୍କରେ ବିଡିଓ, ତହସିଲ୍‌ଦାରଙ୍କ ନିକଟରେ ଅଭିଯୋଗ କରାଯିବାରୁ ପୂର୍ବତନ କଣାସ ତହସିଲ୍‌ଦାର ସରକାରୀ ଜାଗାକୁ ମାଡ଼ି ଯାଇଥିବାରୁ ମାପଚୁପ କରି ଜଳନିଷ୍କାସନ ପାଇଁ ଜାଗା ବାହାର କରିବା ସହିତ ପଞ୍ଚାୟତ ପକ୍ଷରୁ ନାଳ ଖୋଳାଯାଇଥିଲା। ଉକ୍ତ ନାଳକୁ ଧୀରେ ଧୀରେ କେତେକ ବ୍ୟକ୍ତି ପୋତିଦେବାରୁ ବର୍ତ୍ତମାନ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ କେତେକ ବ୍ୟକ୍ତି କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରି ଏବଂ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧିଙ୍କ ନିକଟରେ ପୋତାଯାଇଥିବା ନାଳକୁ ପୂନରୁଦ୍ଧାର କରିବା ପାଇଁ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ତହସିଲ୍‌ଦାର ଶ୍ରୀ ଗିରିଙ୍କୁ ପଚାରିବାରୁ ରଥଯାତ୍ରା ପରେ ପୁନଶ୍ଚ ନାଳଖୋଳା ଯିବ ବୋଲି କହିଥିଲେ।

## ମୁଖ୍ୟ ରାସ୍ତାରେ ଲହଡ଼ି ଖେଳୁଛି ବର୍ଷା ପାଣି



ନିମାପଡ଼ା,୨୮।୬(ସମିସ): ନିମାପଡ଼ା-କୋଣାର୍କ ମୁଖ୍ୟ ରାସ୍ତାର ପୁରୁଣା ବସ୍‌ଷ୍ଟାଣ୍ଡ ରାସ୍ତା ଉପରେ ଲହଡ଼ି ଖେଳୁଛି ବର୍ଷାଜଳ। ଶୁକ୍ରବାର ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଏହି ରାସ୍ତା ଦେଇ ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ପୁରୀ ଓ କୋଣାର୍କ ଯାଉଥିବା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଡ୍ରେନେଜ୍ ସୁବିଧା ନ ଥିବା ଫଳରେ ରାସ୍ତା ଉପରେ ଜମା ହୋଇ ରହୁଛି ବର୍ଷାଜଳ। ରାଜ୍ୟ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିକାଶ ପାଇଁ କୋଟିକୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏଠାରେ ସଠିକ୍ କାର୍ଯ୍ୟ ହୋଇ ନ ଥିବା ଫଳରେ ରାସ୍ତା ଉପରେ ଜମା ହୋଇ ରହିଛି ବର୍ଷାଜଳ। ଯାହାଫଳରେ ଜନସାଧାରଣଙ୍କ ଯାତାୟାତରେ ଘୋର୍ ଅସୁବିଧା ସୃଷ୍ଟି ହୋଇଛି। ତୁରନ୍ତ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ରାସ୍ତା ଉପରେ ଜମାହୋଇ ରହିଥିବା ଜଳକୁ ନିଷ୍କାସନ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଝୁଲୁଥିବା ଛିଣ୍ଡା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମହିଳା ମୃତ



## କ୍ଷତିପୂରଣ ଦାବିରେ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ବିକ୍ଷୋଭ

ଅସ୍ତରଙ୍ଗ,୨୮।୬(ସମିସ): ଅସ୍ତରଙ୍ଗ ଥାନା ମାଣ୍ଡୁକି ଗ୍ରାମର ଶିବ କାଣ୍ଡିଙ୍କ ଧର୍ମପତ୍ନୀ ଲାବଣ୍ୟ କାଣ୍ଡି (୫୯) ଗୁରୁବାର ରାତି ୩ଟା ସମୟରେ ଘର ବାହାରକୁ ପରିସ୍ରା କରିବାକୁ ଆସୁଥିବାବେଳେ ବାହାରେ ଖୁଣ୍ଟିରୁ ଛିଣ୍ଡି ଝୁଲୁଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଏହାକୁ ନେଇ ମାଣ୍ଡୁକି ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଅସ୍ତରଙ୍ଗ ଉକୁଳେଇସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କ୍ଷତିପୂରଣ ଦାବି କରିଛନ୍ତି।

ପବନରେ ବିଦ୍ୟୁତ୍ ଖୁଣ୍ଟରୁ ଏଲ୍‌ଟି ତାର ଛିଣ୍ଡି ତାଙ୍କ ଅଗଣାରେ ପଡ଼ିଥିଲା। ରାତିରେ ଲାବଣ୍ୟ ଉଠିଥିବାବେଳେ ଉକ୍ତ ତାର ସଂସ୍ପର୍ଶରେ ଆସି ହଠାତ୍ ଜଳିଯାଇଥିଲେ। ତାଙ୍କ ପାଟିଶୁଣି ପରିବାର ଲୋକେ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିବାବେଳେ ସମସ୍ତଙ୍କ ସମ୍ମୁଖରେ ସେ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ବାରମ୍ବାର ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଦୀର୍ଘ ବର୍ଷ ହେବ ଉକ୍ତ ଖୁଣ୍ଟିରେ ବିପଦସଙ୍କୁଳ ଭାବେ ଝୁଲୁଥିବା ତାରକୁ ମରାମତି କରାଯାଇ ନ ଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ତାଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସରେ ଅଣାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମହିଳାଙ୍କ ପୁଅ ପବିତ୍ର କାଣ୍ଡି ବିଦ୍ୟୁତ୍ ବିଭାଗର ଅପାରଗତା ପାଇଁ ଉକୁଳେଇ ଡିଭିଜନ ଯନ୍ତ୍ରୀ, କାକଟପୁର ବିଦ୍ୟୁତ୍ ବିଭାଗ ଅଧିକାରୀ ଓ ଲାଇନ୍‌ମ୍ୟାନ୍‌ଙ୍କୁ ପକ୍ଷ କରି ଅସ୍ତରଙ୍ଗ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି ୧୩୦/୨୫ରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଅସ୍ତରଙ୍ଗ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଏଲ୍‌ଟି ତାରକୁ ଜବତ କରିଛି। ମୃତଦେହକୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ, ମାଣ୍ଡୁକି ସମିତିସଭ୍ୟ ଗଗନ କାଣ୍ଡି ଓ ୧ ନମ୍ବର ଜୋନ୍ ବିଜେପି ମଣ୍ଡଳ ସଭାପତି ଇନ୍ଦ୍ରମଣି ଜେନା ମୃତ ପରିବାରକୁ ଭେଟି ତାଙ୍କୁ ସମବେଦନା ଜଣାଇଛନ୍ତି। ଘଟଣାର କିଛି ଘଣ୍ଟା ପରେ ମୃତ ମହିଳାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ବିଭାଗୀୟ ଅଧିକାରୀଙ୍କ ବହିଷ୍କାର ଦାବିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବିଦ୍ୟୁତ୍ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ସହିତ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ଉକୁଳେଇ ସେକ୍ସନ ଯନ୍ତ୍ରୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇବାକୁ ପ୍ରୟାସ କରି ବିଫଳ ହେବା ପରେ ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଶ୍ରୀ ଛାଟୋଇ ଓ ୧ ନମ୍ବର ଜୋନ୍ ମଣ୍ଡଳ ସଭାପତି ଶ୍ରୀ ଜେନା ପହଞ୍ଚି ଅଧିକାରୀଙ୍କ ସହ ଆଲୋଚନା କରି ଗ୍ରାମବାସୀଙ୍କ ତରଫରୁ ଦାବିପତ୍ର ଦେଇଥିଲେ। ଫୋନ୍ ଯୋଗେ ଶ୍ରୀ ଛାଟୋଇ ନିମାପଡ଼ା ସବ୍‌ଡିଭିଜନ ଅଧିକାରୀଙ୍କ ସହ ବାର୍ତ୍ତାଳାପ କରି ତୁରନ୍ତ ଗ୍ରାମବାସୀଙ୍କ ଦାବିପୂରଣ ପାଇଁ ପ୍ରତିଶ୍ରୁତି ପାଇବା ପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ।

## ଅନିୟମିତ ବର୍ଷା ଯୋଗୁଁ ଧାନଜମି ଘାସମୟ



କଣାସ,୨୮।୬(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ଅନିୟମିତତା ବର୍ଷା ଯୋଗୁଁ ଭାତହାଣ୍ଡି ଭାବେ ପରିଚିତ ପୁରୀ ଜିଲ୍ଲାର କଣାସ ବ୍ଲକ୍ ଅନେକ ଜମି ଘାସମୟ ହୋଇଯାଇଥିବାରୁ ଚାଷୀମାନେ ଆଉ ଶାରଦଧାନ ଫସଲ କରିବା ପାଇଁ ଇଛାପ୍ରକାଶ କରୁ ନ ଥିବା ଦେଖିବାକୁ ମିଳିଛି। ଯେଉଁ ଜମିରେ ଶାରଦଧାନ ଚାଷ ହେଉଥିଲା ସେହି ଜମିରେ ବର୍ତ୍ତମାନ ଗୋରୁ ଚରୁଥିବା ଦେଖିବାକୁ ମିଳୁଛି। ମଜୁରୀ ମୂଲ୍ୟ ବୃଦ୍ଧି ଯୋଗୁଁ ଚାଷୀମାନେ ଶାରଦଧାନ ଫସଲ କରିବାକୁ ଇଛାପ୍ରକାଶ କରୁନାହାନ୍ତି।






୨୮/୬/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ: ଟ. ୬,୧୭,୮୯୫/-, ସୁନା: ୦୧.୦୦୦ ଗ୍ରାମ୍, ରୁପା: ୪୭.୫୦୦ ଗ୍ରାମ୍

## ଭାରାବନ୍ଧା ଶେଷ; ଆଜି ଗର୍ଭଗୃହ ଯାଞ୍ଚ



ପୁରୀ,୨୮।୬(ସମିସ)

ପ୍ରତିବର୍ଷ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କଲେ ସେହି ସମୟରେ ଶ୍ରୀମନ୍ଦିରର ବାର୍ଷିକ ବୈଷୟିକ ନିରୀକ୍ଷଣ ଏବଂ ମରାମତି ହୋଇଥାଏ। ତେଣୁ ରବିବାର ଯାଞ୍ଚ ହେବ ଶ୍ରୀମନ୍ଦିରର ଗର୍ଭଗୃହ। ଏଥିପାଇଁ ଶନିବାର ଭାରା ବନ୍ଧାଯାଇଛି। ଚଳିତ ବର୍ଷ ଗର୍ଭଗୃହରେ କନକମୁଣ୍ଡି ଉପରେ ଥିବା ପୁରୁଣା କାଠଫ୍ରେମ୍ ଜାଲି ବଦଳ କରାଯିବ। ଏହା ବଦଳରେ ସେହି ସ୍ଥାନରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଫ୍ରେମ୍ ସହିତ ଜାଲି ସ୍ଥାପନ କରାଯିବ। ଶ୍ରୀମନ୍ଦିର ବୈଷୟିକ କମିଟି ଅଧ୍ୟକ୍ଷ ପ୍ରଫେସର ଏସ୍.କେ. ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନ, ଏଏସ୍ଆଇ ଏବଂ ପୂର୍ତ୍ତ ବିଭାଗର ମିଳିତ ଟିମ୍ ଏହି ନିରୀକ୍ଷଣ କରିବେ। ବିଶେଷକରି ଗର୍ଭଗୃହର ସ୍ଥିତି ଯାଞ୍ଚ କରାଯିବ। ବାୟୁ ସଞ୍ଚାଳନ ବ୍ୟବସ୍ଥା ଠିକ୍ ଅଛି ନା ନାହିଁ ତାହା ଅନୁଧ୍ୟାନ କରିବେ। ସେହିପରି କୌଣସି ପଥର ଯଦି ଖରାପ ହୋଇଥାଏ ତାହାକୁ ପରିବର୍ତ୍ତନ କରାଯିବ। ଏଥିସହ ଛୋଟ ଧରଣର ଆବଡ଼ା ଖାବଡ଼ା ହୋଇଥିଲେ ତାହାର କେମିକାଲ ଫିଲିଙ୍ଗ୍ ସହ ପାଶ୍ୱର୍ ଦେବଦେବୀ ମନ୍ଦିର ସ୍ଥିତି ମଧ୍ୟ ଯାଞ୍ଚ କରିବ ଯୁଗ୍ମ କମିଟି। ଅନ୍ୟପକ୍ଷରେ ଶନିବାରଠାରୁ ପୁଣି ଆରମ୍ଭ ହୋଇଛି ରତ୍ନଭଣ୍ଡାର ମରାମତି। ବାକି ଥିବା ବାହାର ଭଣ୍ଡାର କାମ ଆରମ୍ଭ କରିଛି ଏଏସ୍ଆଇ।

### ପୁଣି ଆରମ୍ଭ ହେଲା ରତ୍ନଭଣ୍ଡାର ମରାମତି କାମ





## କିଛି ସ୍ଥାନ ସଫାହେଲା; ଆଉ କିଛି ସେମିତି ରହିଲା

ପୁରୀ, ୨୮।୬ (ସମିସ): ରଥଯିବା ପରେ ବଡ଼ଦାଣ୍ଡକୁ ସଫା କରାଗଲା। ହେଲେ କିଛି ସ୍ଥାନ ସେମିତି ଆଳିଆ ଗଦା ହୋଇ ରହିଥିଲା। ବିଶେଷ କରି ସଫା ହୋଇଥିବା ସ୍ଥାନଗୁଡ଼ିକରେ ବ୍ଲିଚିଂ ପାଉଡର ବି ଟିକେ ପଡ଼ି ନ ଥିଲା। ଯାହାଦ୍ୱାରା ସଫା ହୋଇଥିବା କିଛି ସ୍ଥାନରେ ଦୁର୍ଗନ୍ଧ ଆସୁଥିଲା। ଶନିବାର ତିନିରଥ ଟଣାଯିବା ପରେ ବଡ଼ଦାଣ୍ଡରେ ପଡ଼ିଥିବା କୁଢ଼କୁଢ଼ ଆଳିଆ ଆବର୍ଜନାକୁ



ସଫା କରାଯାଇଥିଲା ବିଶେଷ କରି ମାର୍କେଟ୍ ଛକ, ବଳଗଣ୍ଡି ଛକ, ମେଡିକାଲ ଛକ, ବଡ଼ଶଙ୍ଖର କିଛି କିଛି ସ୍ଥାନରେ ଆବର୍ଜନା ସେମିତି ଗଦା ହୋଇଥିବାବେଳେ ଆଉ କିଛି ସ୍ଥାନରେ ପାଣି ମଧ୍ୟ ଜମି ରହିଥିଲା। ଏମିତି ଅସ୍ୱସ୍ତିକର ପରିବେଶ ସତ୍ତ୍ୱେ ଶ୍ରଦ୍ଧାଳୁମାନେ ବସିକି ଖିଆପିଆ କରୁଥିଲେ ତ ଆଉ କିଏ ଥକା ମେଣ୍ଟାଉଥିଲେ। ଏଥିସହିତ ଆଉ କିଛି ଲୋକ ସେମାନଙ୍କ ବେପାର ମଧ୍ୟ ଆରମ୍ଭ କରିଥିଲେ। ପାଣି ଆଉ ଏ ଆଳିଆ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ତଥାପି ଆମେ ଭଗବାନଙ୍କ ଭରସାରେ ପଡ଼ିକି ରହିବା କଥା ବୋଲି ଭଦ୍ରକରୁ ଆସିଥିବା ଶ୍ରଦ୍ଧାଳୁ ସାଗରିକା ସ୍ୱାଇଁ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ସ୍ୱଚ୍ଛ ପୁରୀ କିନ୍ତୁ ବହୁତ ଅପରିଷ୍କାର ହେଉଛି। ଏହି ସବୁକୁ ପରିଷ୍କାର କରିବା ପାଇଁ କେହି ଚିନ୍ତା କରୁନାହାନ୍ତି। ଯଦି ସ୍ୱଚ୍ଛ ପୁରୀ କଥା ଭାବିଥାନ୍ତେ ତେବେ ଏ ସବୁ ଆବର୍ଜନା କି ପାଣି ଏମିତି ପଡ଼ି ରହିନଥାନ୍ତା ବୋଲି ସେ କହିଛନ୍ତି।

## ରେଜେଙ୍ଗାଲା ରାଜ୍ କଳସ ଯାତ୍ରାକୁ ବିପୁଳ ସମ୍ବର୍ଦ୍ଧନା

ପୁରୀ,୨୮।୬(ସମିସ): ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭା ଓ ଉତ୍କଳ ଯାଦବ ମହାସଭା ଆନୁକୂଲ୍ୟରେ ଓଡ଼ିଶା ପରିକ୍ରମାରେ ଥିବା ରେଜେଙ୍ଗାଲା ଯୁଦ୍ଧର ବୀର ଗାଥା ଓ ସହିଦ୍ ଅହିର ଯାଦବମାନଙ୍କ ପବିତ୍ର ରାଜ୍ କଳସ ଶୋଭାଯାତ୍ରାକୁ ପୁରୀ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଳସ ଶୋଭାଯାତ୍ରା ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା ପରେ ମଙ୍ଗଳପୁର ଓ ସାତଶଙ୍ଖଠାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପବିତ୍ର କଳସ ଯାତ୍ରାକୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲ୍ଲା ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ସମ୍ମାନିତ ଅତିଥି ଭାବେ ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ରାଷ୍ଟ୍ରୀୟ ଯୁବ ଅଧ୍ୟକ୍ଷ ଇଂ. ପ୍ରଦୀପ କୁମାର ବେହେରା, ରାଷ୍ଟ୍ରୀୟ ସହ ସଂଯୋଜକ କିରଣ କୁମାର ଯାଦବ, ଉତ୍କଳ ଯାଦବ ମହାସଭାର ସାଧାରଣ ସମ୍ପାଦକ ସମରଜୀତ ବେହେରା, ସମ୍ପାଦକ ଚିତ୍ତରଞ୍ଜନ ଜେନା, ଅଶୋକ ମହାଭୋଇ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ନାଥ ବେହେରା, କୋଷାଧ୍ୟକ୍ଷ ଦେବରାଜ ବେହେରା, ସୁଧାକର ମାର୍ଥା, ବିମ୍ବାଧର ବେହେରା, କାଳୁ ବେହେରା, ସଞ୍ଜୟ ବେହେରା, ଚିତନ୍ ବେହେରା, ପୀତବାସ ବେହେରା, ରମେଶ ବେହେରା, ଶୋଭାକର ବେହେରା, ପ୍ରଦୀପ୍ତ ବେହେରାଙ୍କ ସହ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଯୁବ ଯାଦବମାନେ ଅଂଶଗ୍ରହଣ କରିଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ତ୍ୱଲିପି ଉନ୍ମୋଚିତ

ପୁରୀ,୨୮।୬(ସମିସ): ଅଖିଳ ବ୍ରହ୍ମାଣ୍ଡନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଅବସରରେ ଶୁକ୍ରବାର ସିଂହଦ୍ୱାରଠାରେ ୯୦୫ ପୃଷ୍ଠା ବିଶିଷ୍ଟ ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଗ୍ରନ୍ଥକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି। ଓଡ଼ିଶାର ବିଶିଷ୍ଟ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର ଓ ରାଜ୍ୟ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ଦ୍ୱାରା ଯୁଗ୍ମ ସଂକଳିତ ଏହି ଉପାଦେୟ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ତ୍ୱଲିପିକୁ ରାଜ୍ୟ ସରକାର ୬୯ ବର୍ଷ ତଳେ ଓଡ଼ିଶା ଗେଜେଟ୍‌ରେ ୪ ଖଣ୍ଡରେ ପ୍ରକାଶ କରିଥିଲେ। ଦୀର୍ଘ ୫୦ ବର୍ଷ ଧରି ଏହି ଗ୍ରନ୍ଥ ଦୁଷ୍ପ୍ରାପ୍ୟ ଥିଲା। ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୁଗ୍ମ ସଂକଳକ ଏହାର ସଂକଳନ ଓ ସମ୍ପାଦନା କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ଶେଖାୱତ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ରଥ ଦାଣ୍ଡ ସଫେଇ କଲେ ଶ୍ରଦ୍ଧାଳୁ

ପୁରୀ,୨୮।୬(ସମିସ): ବଗଲା ଧର୍ମଶାଳା ପାଖରେ ସୁଭଦ୍ରାଙ୍କ ରଥ ପହଞ୍ଚିଥିବାବେଳେ କିଛି ଭକ୍ତ ବଡ଼ଦାଣ୍ଡରେ ପଡ଼ିଥିବା ଦୀପଖଣ୍ଡ ସହିତ କିଛି ଆବର୍ଜନାକୁ ସଫେଇ କରୁଥିଲେ। କାଳେ ଏହି ଦୀପଖଣ୍ଡ ରଥ ଗଡ଼ିବାରେ ଅସୁବିଧା ସୃଷ୍ଟି କରିବ ଏହା ଭାବି ଭକ୍ତମାନେ ସଫେଇ କରୁଥିଲେ।



## ରିତସିକା ଫାଉଣ୍ଡେସନ ପକ୍ଷରୁ ଖାଦ୍ୟ, ପାନୀୟ ବଣ୍ଟନ

ପୁରୀ,୨୮।୬(ସମିସ): ବିଶ୍ୱ ରଥଯାତ୍ରା ଉପଲକ୍ଷେ ଭୁବନେଶ୍ୱରର ରିତସିକା ଫାଉଣ୍ଡେସନ ପକ୍ଷରୁ ପୁରୀରେ ଭକ୍ତମାନଙ୍କୁ ଖାଦ୍ୟ, ପାନୀୟଜଳ ବଣ୍ଟନ କରାଯାଇଛି। ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଦୂରଦୂରାନ୍ତରୁ ଆସିଥିବା ଅଗଣିତ ଭକ୍ତଙ୍କ ସେବାରେ ରିତସିକା ଫାଉଣ୍ଡେସନର ୨୦ ଜଣ ସଦସ୍ୟ ଅଂଶ ଗ୍ରହଣ କରିଥିଲେ। ଏହି ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତୁତ ଉପମା, ତରକାରୀ ସହ ପାଣି ବୋତଲ ପାଖାପାଖି ୨୦୦୦ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ପ୍ରବଳ ଗହଳି ଓ ଗୁଳୁଗୁଳି ସତ୍ତ୍ୱେ ସଂଗଠନର ସଦସ୍ୟମାନେ ଖାଦ୍ୟ ବଣ୍ଟନ ସେବା ଜାରି ରଖିଥିଲେ। ପ୍ରଭୁ ଜଗନ୍ନାଥଙ୍କ ଅଶେଷ କୃପାରୁ ସମସ୍ତ ଖାଦ୍ୟ ବଣ୍ଟନ କାର୍ଯ୍ୟ ସଭାପତି ଦେବସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମାପନ ହୋଇଥିଲା। ପୁରୀ ଜିଲ୍ଲା ପ୍ରଶାସନର ସହଭାଗିତା ଏବଂ ସହଯୋଗ ପାଇଁ ଜିଲ୍ଲା ଅଧିକାରୀମାନଙ୍କୁ ଫାଉଣ୍ଡେସନ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।




● ରଥଯାତ୍ରାରେ ଭକ୍ତଙ୍କୁ ଟାର୍ଗେଟ୍

## ବନ୍ଧାହେଲା ଲୁଟେରା; ୧୨ ମୋବାଇଲ୍ ଜବତ

ପୁରୀ,୨୮।୬(ସମିସ): ରଥଯାତ୍ରାରେ ଭକ୍ତଙ୍କୁ ଟାର୍ଗେଟ୍ କରି ପୁରୀରେ ସକ୍ରିୟ ହୋଇଛନ୍ତି ଏକାଧିକ ଲୁଟେରା ଗ୍ୟାଙ୍ଗ୍। ଯେଉଁମାନେ ଭିଡ଼ର ସୁଯୋଗ ନେଇ ଶ୍ରଦ୍ଧାଳୁଙ୍କ ପକେଟ୍‌ମାର୍ କରିବା ସହ ମୋବାଇଲ୍ ଫୋନ୍, ପର୍ସ, ସୁନାଚେନ୍ ଆଦି ଝାମ୍ପି ନେଉଛନ୍ତି। ରଥଯାତ୍ରାରେ ଜଣେ ଭକ୍ତଙ୍କ ପକେଟ୍‌ରୁ ମୋବାଇଲ୍ ଫୋନ୍ ଝାମ୍ପି ନେଇଥିବା ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ବର୍ଦ୍ଧମାନ ଜିଲ୍ଲାର ଶାନ୍ତି ଦେବୀ (୩୨)। ଅଭିଯୋଗ ଅନୁଯାୟୀ, ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲାର ସୋମେଶ୍ୱର ଗୋସ୍ୱାମୀ (୫୪) ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଗ୍ରାଣ୍ଡ ସେଣ୍ଟର ନିକଟ ହୋଟେଲ ଗ୍ରାଣ୍ଡ ପାଖରେ ଛିଡ଼ା ହୋଇଥିବାବେଳେ ଭିଡ଼ର ସୁଯୋଗ ନେଇ ଶାନ୍ତି ଦେବୀ ତାଙ୍କ ପକେଟ୍‌ରୁ ମୋବାଇଲ ଝାମ୍ପି ନେଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତାକୁ ଗିରଫ କରି ତା' ନିକଟରୁ ବିଭିନ୍ନ କମ୍ପାନୀର ୧୨ଟି ଫୋନ୍ ଜବତ କରିଛି। ଶନିବାର ତାକୁ କୋର୍ଟ ଚାଲାଣ କରିଛି ପୁଲିସ।

## ଚୋରି ଚେନ୍ ଜବତ; ୨ ମହିଳା ଗିରଫ

ପୁରୀ,୨୮।୬(ସମିସ): ରଥଯାତ୍ରା ଭିଡ଼ରେ ଜଣେ ମହିଳାଙ୍କ ବେକରୁ ଚେନ୍ ଝାମ୍ପି ନେବା ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ୨ ମହିଳାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ଆଲ୍ଲାବାଦର ଗୀତା ଦେବୀ (୩୦) ଓ ପିଣ୍ଟୁ କୁମାରୀ(୨୯)। ଅଭିଯୋଗ ଅନୁଯାୟୀ, କଟକ ନିଆଳୀ ଅଞ୍ଚଳର କୃଷ୍ଣପ୍ରଭା ସୁନ୍ଦରାୟ ଶନିବାର ପୂର୍ବାହ୍ଣ ୧୧ଟା ସମୟରେ ଗ୍ରାଣ୍ଡ ସେଣ୍ଟର ନିକଟ ହୋଟେଲ ଗ୍ରାଣ୍ଡ ସମ୍ମୁଖରେ ଛିଡ଼ା ହୋଇ ରଥଯାତ୍ରା ଦେଖୁଥିଲେ। ହେଲେ ଭିଡ଼ର ସୁଯୋଗ ନେଇ ଗୀତା ଦେବୀ ତାଙ୍କ ବେକରୁ ୧୫ ଗ୍ରାମ୍ ଓଜନର ସୁନାଚେନ୍ ଝାମ୍ପି ନେଇଥିଲେ। ଏହି ଚେନ୍‌କୁ ଗୀତା ସଙ୍ଗେ ସଙ୍ଗେ ପିଣ୍ଟୁ କୁମାରୀଙ୍କୁ ଦେଇଥିଲେ। ଏହି ଘଟଣାରେ ପୁଲିସ ଏକ ମାମଲା (ନଂ.୯୮/୨୫) ରୁଜୁ କରି ଉଭୟଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ସୁନାଚେନ୍ ଭଙ୍ଗା ଅବସ୍ଥାରେ ଜବତ କରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରିଛି ପୁଲିସ।


यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୭.୦୭.୨୦୨୫ରିଖ ଅପରାହ୍ଣ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର.ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | **ଚାନ୍ଦମଣୀ ପେଣ୍ଟେଇ,** ସ୍ୱାମୀ: ନରୋତ୍ତମ ପେଣ୍ଟେଇ, ଜରୋଳି, ଜଜାଙ୍ଗ, ଯୋଡା, ପିନ୍-୭୫୮୦୩୪ / (୧) **୧୩୬୭୧୬୫୩୦୦୦୦୩୮୧,** | ଟ.୩୧,୨୩୫.୧୬ | ୭.୪୦୪ | ୮.୯୨ |
| | (୨) **୧୩୬୭୧୬୫୩୦୦୦୦୩୮୩** | ଟ.୧୯,୬୧୩.୦୦ | ୪.୩୧୨ | ୫.୭୫ |
| ୨. | **ହରେକୃଷ୍ଣ ପାତ୍ର,** ପିତା: ଲକ୍ଷ୍ମୀଧର ପାତ୍ର, ୧, ସା: ପାଣ୍ଡିଆ, ଜଜାଙ୍ଗ, ପୋ: ଜଜାଙ୍ଗ, ଯୋଡା, ପିନ୍-୭୫୮୦୩୪ / **୧୩୬୭୧୬୫୩୦୦୦୦୩୯୧** | ଟ.୨୭,୪୦୫.୦୦ | ୬.୦୯୫ | ୭.୪୧ |
| ୩. | **ସୁନିତା ପୂର୍ତ୍ତୀ,** ସ୍ୱାମୀ: ସୁକଦେବ ପୂର୍ତ୍ତୀ, କୋହ୍ଲରଇଡା, ଭୂୟାଁରଇଡା, ଯୋଡା, ପିନ୍-୭୫୮୦୩୫ / **୧୩୬୭୧୬୫୩୦୦୦୦୩୮୦** | ଟ.୨୩,୬୩୮.୮୫ | ୫.୫୬୬ | ୬.୬୫ |
| ୪. | **ହେନା ପ୍ରବୀନ,** ପିତା: ଅଖତର ହୁସେନ୍, ସା: ଦିପୁହାଟିଙ୍ଗ, ଯୋଡା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୪ / **୧୩୬୭୧୬୫୪୦୦୦୦୨୨୧** | ଟ.୨୯,୦୭୩.୦୦ | ୬.୧୨୨ | ୭.୫୨ |
| | **ବଡବିଲ ମୁଖ୍ୟ ଶାଖା, ମାୟା କମ୍ପ୍ଲେକ୍ସ, ବଡବିଲ ମେନ୍ ରୋଡ୍, ପିନ୍-୭୫୮୦୩୫, ମୋ.: ୮୦୦୭୯୨୨୩୩୬** | | | |
| ୧. | **ଅଭିକ ଘୋଷ,** ମାର୍ଫତ: ଅଜିତ ମିଶ୍ର, ୱାର୍ଡ ନଂ. ୭, ସା: ପଞ୍ଜାବୀପଡା, କେନ୍ଦୁଝର, ପିନ୍-୭୫୮୦୩୫ / (୧) **୩୧୦୨୨୬୫୩୦୦୦୦୬୩୬,** | ଟ.୯୫,୩୧୯.୦୦ | ୨୧.୦୭୫ | ୨୫.୪୪୫ |
| | (୨) **୩୧୦୨୨୬୫୩୦୦୦୦୬୫୫,** | ଟ.୬୬,୮୦୦.୦୦ | ୧୪.୫୩୫ | ୧୭.୧ |
| | (୩) **୩୧୦୨୨୬୫୩୦୦୦୦୬୩୨** | ଟ.୧୧,୨୦୧.୭୩ | ୨.୫ | ୩.୫୮ |
| ୨. | **ଅରବିନ୍ଦ ସିଂହ,** ପିତା: ମଗନ ସିଂହ, ମାର୍ଫତ: ତେହେରାଇ ଆଇରନ୍ ଆଣ୍ଡ ଏମ୍‌ଏନ୍ ମାଇନ୍ସ, ସା/ପୋ: କୋଇଡା, ବଡବିଲ, ପିନ୍-୭୫୮୦୩୫ / **୩୧୦୨୨୬୫୩୦୦୦୦୫୪୯** | ଟ.୧୧,୩୪୫.୭୭ | ୨.୫୮୫ | ୩.୩୧୫ |
| | **କେନ୍ଦୁଝର ମୁଖ୍ୟ ଶାଖା, ସା: ପ୍ଲଟ୍ ନଂ.: ୪୮୯, ୱାର୍ଡ ନଂ.: ୧୪, କେନ୍ଦୁଝର, ଟାଉନ୍ ପୋଲିସ୍ ଷ୍ଟେସନ୍ ସ୍କୋୟାର ନିକଟ, ମୋ.: ୭୫୬୭୪୩୮୪୪୮** | | | |
| ୧. | **ସତ୍ୟଜିତ ମହାରଣା,** ପିତା: ଦାଶରଥି ମହାରଣା, ଗୋବର୍ଦ୍ଧନ, ରାଇସୁଆଁ, କେନ୍ଦୁଝର, ପିନ୍-୭୫୮୦୧୩ / **୧୨୯୯୧୬୫୪୦୦୦୦୯୭୬** | ଟ.୭୫,୩୦୪.୦୦ | ୧୩.୬୩ | ୧୫.୭ |
| | **ଧାମରା ଶାଖା, ଧାମରା, ପାଇକସାହି, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ଗୁଣଧର କାମିଲା,** ପିତା: ପଞ୍ଚାନନ କାମିଲା, କଇଥଖୋଲା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧ / **୬୨୧୮୦୬୫୪୦୦୦୧୩୪୮** | ଟ.୬୫,୦୦୦.୦୦ | ୩୬.୨ | ୪୩.୦୭ |
| ୨. | **ଶ୍ରୀଧର ସେଠୀ,** ସା: ବଳିଆରପୁର, ପୋ: ବାଁଶଡା, ଭାୟା: ଧାମରା, ଭଦ୍ରକ, ପିନ୍-୭୫୬୧୭୧ / **୬୨୧୮୦୬୫୪୦୦୦୧୯୩୬** | ଟ.୧୬,୫୦୦.୦୦ | ୯.୭ | ୧୨.୫ |
| | **ଉଦଳା ଶାଖା, ୱାର୍ଡ ନଂ.: ୫, ସିନେମା ହଲ ରୋଡ୍, ଉଦଳା, ପିନ୍-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | |
| ୧. | **ପୁରୁଷୋତ୍ତମ ମାଝୀ,** ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଳ, ପୋ: ସାନବିଶୋଳ, ଥାନା: କପ୍ତିପଦା, ମୟୂରଭଞ୍ଜ, ପିନ୍-୭୫୭୦୪୦ / **୨୫୫୪୧୬୫୪୦୦୦୦୨୫୬** | ଟ.୫୯,୯୬୩.୦୦ | ୧୨.୮ | ୧୩.୯୮ |
| | **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଭଦ୍ରକ, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ବାଏପାସ୍ ରୋଡ୍, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | |
| ୧. | **ରବିନ୍ଦ୍ର ମଲ୍ଲିକ,** ପିତା: ବିଦ୍ୟାଧର ମଲ୍ଲିକ, ସା: ତେନ୍ତୁଳିଆ, ପୋ: ବାସୁଦେବପୁର, ଭଦ୍ରକ, ପିନ୍-୭୫୬୧୨୫ / **୩୩୫୬୨୬୫୪୦୦୦୧୦୭୭** | ଟ.୨,୫୩,୨୩୫.୦୦ | ୪୮.୩ | ୫୯.୫ |
| | **ଯାଜପୁର ରୋଡ୍ ଶାଖା, ପ୍ଲଟ୍ ନଂ.: ୩୪୮/୧୧୮୯, ଯାଜପୁର ଚୋରଡା ରୋଡ, ପିନ୍-୭୫୫୦୧୯, ମୋ.: ୮୩୨୮୮୬୯୦୨୫** | | | |
| ୧. | **ରିଙ୍କୁ ଦେବୀ,** ସ୍ୱାମୀ: ସୁନିଲ ରାମଦେବ ଗିରି, ସା: କାଚହୁଡି, ପୋ: ସୋବରା, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯ / **୭୦୪୮୦୬୫୪୦୦୦୦୪୨୯** | ଟ.୨୮,୧୮୬.୦୦ | ୫.୪୯ | ୬.୧ |
| | **୭୦୪୮୦୬୫୪୦୦୦୦୩୮୩** | ଟ.୨୭,୪୬୨.୦୦ | ୫.୩୭ | ୫.୯୭ |
| | **୭୦୪୮୦୬୫୪୦୦୦୦୩୬୦** | ଟ.୨୪,୦୮୭.୦୦ | ୫.୧୭ | ୬ |
| | **୭୦୪୮୦୬୫୪୦୦୦୦୩୨୭** | ଟ.୨୦,୩୪୯.୯୨ | ୩.୬୮ | ୪.୬ |
| | **୭୦୪୮୦୬୫୪୦୦୦୦୪୨୫** | ଟ.୧୬,୩୬୮.୦୦ | ୩.୨୩ | ୩.୫୯ |
| | **୭୦୪୮୦୬୫୪୦୦୦୦୩୩୬** | ଟ.୧୧,୮୦୮.୦୦ | ୨.୬ | ୩.୨୫ |
| | **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | **ମିନତୀ ଜେନା,** ସ୍ୱାମୀ: ଚନ୍ଦ୍ର ମୋହନ ଜେନା, ସା: କହରାକୁଳ, ପୋ: ନଅଗ୍ରାମ, ବାଲେଶ୍ୱର, ପିନ୍-୭୫୬୦୨୭ / **୭୨୩୭୦୬୫୪୦୦୦୦୭୯୬** | ଟ.୩୧,୬୯୫.୪୧ | ୫.୧୫ | ୬.୪୭ |
| | **ବାଲିଚନ୍ଦ୍ରପୁର ଶାଖା, ପାତ୍ରରାଜପୁର, ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୫, ମୋ.: ୭୯୮୦୧୯୮୩୧୩** | | | |
| ୧. | **ରଞ୍ଜିତ କୁମାର ଜେନା,** ପିତା: ନନ୍ଦ କିଶୋର ଜେନା, ସା: କାଳିଆନ୍ତି, ପୋ: ଚାୟାଁପାଳ, କଟକ, ପିନ୍-୭୫୪୨୦୪ / **୭୩୪୫୦୬୫୪୦୦୦୦୨୨୮** | ଟ.୨୩,୦୨୭.୧୭ | ୭.୮୬ | ୧୧.୨୮ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

**ସ୍ଥାନ : ବାଲେଶ୍ୱର**
**ତାରିଖ : ୨୬.୦୬.୨୦୨୫**

**ଶାଖା ପ୍ରବନ୍ଧକ,**
**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**


### ବନ୍ତୀଲୋ ରଥଯାତ୍ରାରେ ନିଆରା ପରମ୍ପରା

## ଘୋଷଯାତ୍ରା ପରଦିନ ହେଲା ରଥଟଣା

ଅସ୍ତରଙ୍ଗ,୨୮।୬(ସମିସ)

ଅସ୍ତରଙ୍ଗ ବ୍ଲକ୍ ବନ୍ତୀଲୋ ଜଗନ୍ନାଥ ମନ୍ଦିର କମିଟି ଓ ସ୍ଥାନୀୟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଶନିବାର ମହାସମାରୋହରେ ରଥଯାତ୍ରା ସମାପନ ହୋଇଛି। ପୁରୀ ଘୋଷଯାତ୍ରାରେ ମହାପ୍ରଭୁ ରଥ ଉପରେ ପହଣ୍ଡି ବିଜେ କରିବା ପରଦିନ ଏଠାରେ ରଥଟଣା ହେବା ପୂର୍ବ ପୁରୁଷରୁ ଏକ ନିଆରା ପରମ୍ପରା ରହିଆସିଛି। ଅନାଦି କାଳରୁ ବନ୍ତୀଲୋ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବାବେଳେ ଅସ୍ତରଙ୍ଗ ଅଞ୍ଚଳର ଏହା ସବୁଠୁ ବଡ଼ ରଥ ବୋଲି କୁହାଯାଉଛି। ପ୍ରତିବର୍ଷ ଭଳି ଏଥର ମଧ୍ୟ ବିଭିନ୍ନ ଅଞ୍ଚଳରୁ ଶହ ଶହ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଏହି ଯାତ୍ରାରେ ଯୋଗଦେଇଥିଲେ। ଠାକୁରଙ୍କ ନୀତିକାନ୍ତି ପରେ ରଥଟଣା ଆରମ୍ଭ ହୋଇ ଡାହୁକର ଡାକ ତାଳେ ତାଳେ ଏଠି ରଥ ଟାଣି ସମସ୍ତେ ଆନନ୍ଦ ବିଭୋର ହୋଇଥିଲେ। ଅପରାହ୍ଣ ୩ଟାରେ ରଥଟଣା ପାଇଁ ଆନୁସଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇ ୫ଟା ସୁଦ୍ଧା ରଥ ପଡ଼ିଆରେ ଠାକୁର ପହଞ୍ଚିଥିଲେ। ରଥ ଉପରେ ତିନି ଠାକୁରଙ୍କୁ ଦର୍ଶନ କରିବା ଓ ଭୋଗରାଗ କରିବାକୁ ଭକ୍ତମାନେ ଭିଡ଼ ଜମାଇଥିଲେ। ସନ୍ଧ୍ୟାରୁ ଠାକୁରଙ୍କ ଦର୍ଶନ ପାଇଁ ସ୍ଥାନୀୟ ଲୋକେ ଆହୁରି ଭିଡ଼ ଜମାଇବା ଓ ରଥ ପଡ଼ିଆରେ ଖୋଲିଥିବା ଦୋକାନରୁ ବିଭିନ୍ନ ଜିନିଷପତ୍ର କିଣିବା ଦେଖିବାକୁ ମିଳିଛି। ରବିବାର ସକାଳୁ ନୀତିକାନ୍ତି ପରେ ତିନି ଠାକୁର ମାଉସୀ ମା' ମନ୍ଦିରକୁ ବିଜେ କରିବେ ବୋଲି ସ୍ଥାନୀୟ କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପରିଡ଼ା ଓ ସମ୍ପାଦକ କେଦାର ରାଉତ ସୂଚନା ଦେଇଛନ୍ତି। ରଥଯାତ୍ରା ସୂଚାରୁ ରୂପେ ସମ୍ପାଦନା ହେବା ସମେତ ଭକ୍ତମାନେ ଆନନ୍ଦର ସହ ଦର୍ଶନ କରିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଅସ୍ତରଙ୍ଗ ଥାନା ପକ୍ଷରୁ ବ୍ୟବସ୍ଥା ହେବା ସମେତ ସମସ୍ତ କାର୍ଯ୍ୟରେ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ।



ସୃଜନିକା

ସକାଳ
THE SAKALA
www.sakalaepaper.com

# ମିଳନ



ମୂଳ ଉର୍ଦ୍ଦୁ: ବୁଲନ୍ଦ ଇକବାଲ
ଅନୁବାଦ : ସୁକୋମଳ ଦାଶ



ଅଲୀର ଆଖି ପତାରେ ଜମି ରହିଥିବା ଲୁହ ବୁନ୍ଦା, କ୍ଷଣିକ ନିମନ୍ତେ ଚକ୍ ଚକ୍ କଲା, ପୁଣି ଢଳ ଢଳ ହେଲା । କିନ୍ତୁ, ଫାତିମାର ଲୁଣିଆ ସ୍ମିତ ହସ ସେ ସବୁକୁ ବୁହାଇ ନେଇ ଅଲୀର ହୃଦୟରେ ଅଜାଡ଼ି ଦେଲାରୁ, ସେ ଲୁହର ଅସ୍ତିତ୍ୱ ନିଜର ପଲକରେ ଆଉ ଅଧିକ ସମୟ ଧରି ରଖି ପାରିଲାନି ଏବଂ ଅସହାୟ ହୋଇ ତା' ସମ୍ମୁଖରେ ମରାମତି ପାଇଁ ରହିଥିବା ଘଣ୍ଟା ଉପରେ ତାକୁ ସିଞ୍ଚି ଦେଲା । କ୍ଷଣିକ ପରେ ସେଥିରେ ଲାଗିଥିବା ଘଣ୍ଟା, ମିନିଟ୍ ଓ ସେକେଣ୍ଡ କଣ୍ଟାକୁ ସେ ଏଭଳି ଭିଜେଇ ଦେଇଥିଲା ଯେ ସେମାନେ ତାଙ୍କ କେନ୍ଦ୍ରବିନ୍ଦୁରେ ଓଲଟା ଦିଗକୁ ଘୂରି ବସିଲେ । ଧୀରେ ଧୀରେ ଘଣ୍ଟାର ଟିକ୍ ଟିକ୍, ଅଲୀର ହୃଦୟର ଧକ୍ ଧକ୍ ସହ ସମଗତି ପ୍ରାପ୍ତ ହେଲା ଓ ସମୟ କିଛି ବର୍ଷ ପୂର୍ବକୁ ଫେରି ପଡ଼ିଲା ।


ଚାନ୍ଦନୀ ଚୌକର ସେଇ ରାତିରେ ଅଲୀର ଆଖିରେ ପୂର୍ଣ୍ଣମୀର ଚାନ୍ଦ ଓହ୍ଲାଇ ଆସିଥିଲା, ଯେଉଁ ରାତିରେ ଫାତିମା ତା'ର ଦୋକାନକୁ ତା'ର ପୁରୁଣା ଘଣ୍ଟା ମରାମତି କରିବାକୁ ଆସିଥିଲା । ସୂତାର ସୂକ୍ଷ୍ମ କାରୁକାର୍ଯ୍ୟ ଭରା କଳା ଓଢ଼ଣି ଧଡ଼ିର ତାରାମାନ ଫାତିମାର ଚନ୍ଦ୍ର ବଦନକୁ ବେଢ଼ି ରହି, ଆକାଶର ନକ୍ଷତ୍ର ଭରା ଚାନ୍ଦ ଅପେକ୍ଷା ଅଧିକ ମନୋରମ କରି ତୋଳିଥିଲେ । ଫାତିମାର ଗୋଲାପୀ ମୁଖକାନ୍ତି ତାର ଅମାନିଆଁ ଚୂର୍ଣ୍ଣ କୁନ୍ତଳର ଅବିଶ୍ରାନ୍ତ ଆଘାତରେ ଅସ୍ତଗାମୀ ସୂର୍ଯ୍ୟ-ଆଭା-ମଣ୍ଡିତ ଦିଗବଳୟଠୁ ଅଧିକ ରକ୍ତିମ ହୋଇ ଉଠିଥିଲା । ଫାତିମାର ଭଅଁର କଳା ଆଖିରେ ଉତୁରି ଆସିଥିବା ଅଲୀର ପ୍ରତିବିମ୍ବ, ସ୍ୱତଃସ୍ଫୂର୍ତ୍ତ ତା'ର ହୃତ୍‌ପିଣ୍ଡର ସ୍ପନ୍ଦନ ବଢ଼ାଇ ଅଲୀକୁ କଣ୍ଠଗତପ୍ରାଣ କରି ଦେଉଥିଲା । ଫାତିମାର ଗଣ୍ଡ ଦେଶର ଭଉଁରୀ, ଅଲୀର ଅସହାୟ ମୁହଁକୁ ଲକ୍ଷ୍ୟ କରି ଅଦମ୍ୟ ହସି ଉଠୁଥିଲା ବେଳେ ସହସା ଫାତିମା ପ୍ରୀତି ଭରା ଦୃକ୍-ପାତ କରି ଅଲୀର ହଜିଲା ହଜିଲା ଆଖି ସମ୍ମୁଖରେ ତାର ଚୁଡ଼ି ପିନ୍ଧା ମଣିବନ୍ଧ ଝଣଝଣେଇ କହିଲା, "ଶୁଣିବେ ଟିକେ, ଆମର ହାତ ଘଣ୍ଟାଟା ଟିକେ ସଜାଡ଼ି ଦିଅନ୍ତୁ ନା, ଚାଲୁ ଚାଲୁ ଏହା ଅଟକି ଯାଉଛି ।" ଏବଂ ଅଲୀର ଏକପଦୀ ଉତ୍ତର 'ଜୀ'କୁ, ତା'ର ଅବରୁଦ୍ଧ କଣ୍ଠରୁ ତା'ର ଓଠରେ ଏରୁଣ୍ଡି ଯାକେ ପହଞ୍ଚିବାରେ ହୁଏତ ଯୁଗଟିଏ ଲାଗିଗଲା । କ୍ଷଣିକ ପାଇଁ ତାକୁ ଅନୁଭୂତ ହେଲା ଯେପରି ତା'ର ହୃତ୍‌ସ୍ପନ୍ଦନ ଯାହାକି, ଫାତିମାର ଘଣ୍ଟାର କଣ୍ଟାମାନଙ୍କ ପରି ନିସ୍ପନ୍ଦ ପଡ଼ି ରହିଥିଲା, ତା'ର ଚୁଡ଼ିର ଝମ୍ ଝମ୍ ଶବ୍ଦରେ ସୁଗଭୀର ନିଦ୍ରାରୁ ଧଡ଼୍‌ପଡ଼୍ ଉଠିପଡ଼ି ତୀବ୍ର ବେଗରେ ଧାଇଁବାରେ ଲାଗିଲା । ଫାତିମା ଦୋକାନରୁ ଫେରିଗଲା ପରେ ବି ଦୀର୍ଘ ମିଆଦ ଧରି ଅଲୀ ଆକାଶର ଚାନ୍ଦକୁ ଚାହିଁ ରହିଥିଲା ଓ ଅଳ୍ପ ସମୟ ପାଇଁ ତ ଅନ୍ତର ଭିତରେ ଆପଣାର ଅସହାୟତା ପ୍ରତି ଅଶ୍ରୁପାତ ବି କରିଥିଲା । କିନ୍ତୁ, ପୁଣି ଯେତେବେଳେ ମଦିନା ମସ୍‌ଜିଦର ଅର୍ଦ୍ଧଚନ୍ଦ୍ରାକାର ଗମ୍ବୁଜର "ଇଶା କୀ ଅଜାନ"ର ଧ୍ୱନୀ ଅଲୀର ଦୋକାନରେ ପ୍ରତିଧ୍ୱନିତ ହେଲା, ଅଲୀ ଦୁଇ ହାତ ପାତି ନିଷ୍ଠାବାନ୍ ହୃଦୟରେ ତାର ଖୁଦାଙ୍କୁ ଏଭଳି କିଛି ପ୍ରାର୍ଥନା କଲା ଯେ, ତା'ର ମାଗୁଣି ଗ୍ରହଣ ଯୋଗ୍ୟତାର ଶ୍ରେଷ୍ଠତମ ଶିଖର ସ୍ପର୍ଶ କରି ଫାତିମାର ହୃଦୟରେ ଅଲୀ ନିମନ୍ତେ ପ୍ରେମ ରୂପେ ଧକ୍ ଧକ୍ ହେଲା । ଫାତିମାକୁ ବି ଘରକୁ ଫେରୁ ଫେରୁ ଅନୁଭବ ହେଲା, ଅଚଳ ଘଣ୍ଟା ସହ ସେ ତା'ର ଜୀବନର ଅବଶିଷ୍ଟ ସମସ୍ତ ସମୟ ଅଲୀର ଜିମାରେ ଛାଡ଼ି ଆସିଥିଲା ।

ହଳକ ଯାକ ତା'ର ଭିଜା ଭିଜା ଆଖି ପତାକୁ ଭୂଲତା ଯାକେ ଟେକି ନେଇ ଅଲୀ ପୁଣି ଆଖି ମିଟ୍ ମିଟ୍ କଲା ଓ ଟେବୁଲ ଉପରେ ରହିଥିବା ଫାତିମାର ହାତ ଘଣ୍ଟାକୁ ଚାହିଁ ରହିଲା, ଯାହାର ଘଣ୍ଟା, ମିନିଟ୍ ଓ ସେକେଣ୍ଡ କଣ୍ଟାଗୁଡ଼ିକ କେନ୍ଦ୍ରବିନ୍ଦୁ ଚାରିପଟେ ଘେରାଏ ବୁଲି ଆସି ତାଙ୍କ ପୂର୍ବ ସ୍ଥିତିକୁ ଫେରି ଆସିଥିଲେ । ଚଉମୁଖୀ ପେଚକଶରେ ମଧ୍ୟସ୍ଥ ସ୍କ୍ରିଉକୁ ହାଲ୍‌କା ଦାବି ଧରି ଧୀରେ ଧୀରେ ଓଲଟା ଦିଗରେ ଘୂରାଇ ନେବାର ଅଳ୍ପ ସମୟ ପରେ ଘଣ୍ଟାର କଣ୍ଟାମାନ ଗତିଶୀଳ ହୋଇ ଉଠିଲେ । ଯଦିଓ ନିଜ ନିଜର ଭିନ୍ନ ଗତି ବଦଳରେ ସମବେଗରେ ତିନିହେଁ ଲଗା ଲଗି ହୋଇ, କେବଳ ସେଇ ଗୋଟିଏ ସ୍ଥାନରେ ଥର୍ ଥରେଇ ଉଠିଲେ । ଅଲୀର ମନେ ହେଲା ସତେ କି ସମସ୍ତ ଶକ୍ତି ତା'ର ଅପଚୟ ହେଲେ ବି ସମୟ ଆଗକୁ ବଢ଼ିବାକୁ ଅସମର୍ଥ.... ଅଲୀ ପୁଣି ଥରେ ଆଖିପତାକୁ ଭୂଲତା ଯାକେ ଟେକି ଧରି ଆଖି ମିଟ୍ ମିଟ୍ କଲା ଓ ଘଣ୍ଟାର ଥର୍ ଥର୍ ହେଉଥିବା କଣ୍ଟାମାନଙ୍କ ଆଢୁଆଳରେ ନିଜର ତଥା ଫାତିମାର ଧୂଆଁଳିଆ ବିମ୍ବକୁ ଚାହିଁ ରହିଲା; ଅତି ବିନମ୍ରତା ସହକାରେ ଯିଏ କି ସାରା ସଂସାରଠୁ ମିଳନର ଅନୁମତି ଯାଚନା କରୁଥିଲେ ।

ଚାନ୍ଦନୀ ଚୌକର ସେ ରାତିରେ ଅଲୀର ଦୋକାନରେ ତା'ର, ତଥା ଫାତିମାର ସମସ୍ତ ଆତ୍ମୀୟ ସ୍ୱଜନ ଜମା ହୋଇଥିଲେ । ଅପରାଧୀଟିଏ ଭଳି ମୁଣ୍ଡ ପୋତି ଭୂଇଁକୁ ଅଲୀ ଅନାଇ ରହିଥିଲା ଓ ଧକ୍ ଧକ୍ ଜଳୁଥିବା ନାଲି ଟହ ଟହ ଅଙ୍ଗାର ଭଳି ଆଖିରେ ଫାତିମା ଆକାଶକୁ । ମଦିନା ମସ୍‌ଜିଦର ଅର୍ଦ୍ଧଚନ୍ଦ୍ରାକାର ଗମ୍ବୁଜରୁ ଭାସି ଆସୁଥିବା ସୁନ୍ନୀ ଆଜାନର ଧ୍ୱନୀ ଓ ଇମାମ ବରଗାହରୁ ଭାସି ଆସୁଥିବା ଶୀହା ଆଜାନର ଧ୍ୱନୀ ମଝିରେ ଝୁଲି ରହି ସାୟାହ୍ନ ସମୟ ଥର୍ ଥର୍ କମ୍ପୁଥିଲା । ଅଲୀ ଓ ଫାତିମା ଉଭୟଙ୍କ ବାପମାନେ ଏକ ସମୟରେ ଦୁହେଁ ଦୁହିଙ୍କ ଆଖିରେ ଆଖି ରଖି, ଆଖି କୋଣରୁ ଅଲୀ ଓ ଫାତିମାଙ୍କୁ ଚୋରେଇ ଦେଖୁ ଦେଖୁ ବିଡ୍ ବିଡ୍ ହେଉଥିଲେ, "ସୁନ୍ନୀ ଓ ଶୀହାଙ୍କ ଏଇ ଗହନ ପ୍ରଭେଦ, ପାର୍ଥକ୍ୟ କେବଳ ଉଭୟଙ୍କ ଆଜାନ୍ ଧ୍ୱନୀ ମଧ୍ୟର ମିନିଟ୍ ଓ ସେକେଣ୍ଡର ତଫାତ୍ ନୁହେଁ ବରଂ ଶତାଧିକ ବର୍ଷର ବ୍ୟବଧାନ ଅଟେ ।" ଭୂଇଁରୁ ଉଠେଇ ଅଲୀ ତା'ର ଫୁଲା ଫୁଲା ଆଖିରେ ଘଣ୍ଟାକୁ ଚାହିଁଲା । କିନ୍ତୁ ପିତୁଳା ଓ ପଲକ ମଝିରେ ଭରି ରହିଥିବା ଲୋତକ ଯୋଗୁଁ ହୁଏତ ତାକୁ ମନେ ହେଲା ସତେକି ଘଣ୍ଟାର ତିନୋଟି ଯାକ କଣ୍ଟା ତାର ଅଶ୍ରୁରେ ପହଁରି ଯାଇ ଶତାଧିକ ବର୍ଷରୁ ଜମାଟ ବନ୍ଧା ସମୟ ଉପରେ ଜଡ଼େଇ ବସି ଯାଇଛନ୍ତି । ପୁଣି ଅଲୀ ତା'ର ଘଣ୍ଟାରୁ ଦୃଷ୍ଟି ହଟାଇ ଆଖ ପାଖକୁ ଚାହିଁଲାରୁ ଭାବିଲା ଯେ, ହୁଏତ ଚାନ୍ଦିନୀ ଚୌକର ସମୁଜ୍ଜ୍ୱଳ ବଜାର, ସହସା କିଛିଟା ପୋଡ଼ା ଇଟା ତିଆରି ଚଉତରା ଓ ପ୍ରାଚୀରରେ ବଦଳି ଯାଇଛି, ଯେଉଁଠି ଚତୁର୍ଦ୍ଦିଗରେ ଆରବୀୟ ମରୁମାଳର ଧୂଳି ବାଲି ଉଡ଼ୁଛି ଓ ତା'ର ସମସ୍ତ ଆତ୍ମୀୟ ସ୍ୱଜନମାନେ, ଲମ୍ବା ଲମ୍ବା ଆରବୀୟ ପୋଷାକ ପରିଧାନ ପୂର୍ବକ ଖଡ୍‌ଗ ହସ୍ତେ ସମସ୍ତେ ସମସ୍ତଙ୍କ ରକ୍ତ ପିପାସୁ ହୋଇ ଉଠିଛନ୍ତି । ଅଲୀର ମନେ ହେଲା ଯେପରି ସାରା ଚାନ୍ଦିନୀ ଚୌକ ହଠାତ୍ ଚଉଦ ଶହ ବର୍ଷ ପୁରୁଣା ମଦିନାର ବଜାରରେ ରୂପାନ୍ତରିତ ହୋଇ ଯାଇଛି ଓ ତା'ର ଦୋକାନ 'ସକୀଫା ବନୀ ସାୟଦା'ର ସେଇ ସଭା ସ୍ଥଳ ଯେଉଁଠି ତା'ର ବିବାହ ପରିବର୍ତ୍ତେ ସମ୍ଭବତଃ ତା'ର ବିରୁଦ୍ଧରେ ପ୍ରଥମ ବିଦ୍ରୋହ ସ୍ଥିରୀକୃତ ହୋଇ ସାରିଛି । ଭୀତତ୍ରସ୍ତ ହୃଦୟରେ ଅଲୀ ଏଥର ଲୁହତକ ପୋଛି ନେଇ ପୁଣି ଥରେ ଘଣ୍ଟା ଉପରେ ତାର ଦୃଷ୍ଟି ନିବଦ୍ଧ କଲା । କିନ୍ତୁ ଘଣ୍ଟାର କଣ୍ଟାମାନ ଯେଉଁଠି କି ସେଇଠି ପଡ଼ି ରହିଥିଲେ ନିସ୍ପନ୍ଦ, ନିଷ୍କମ୍ପ । ଅସହାୟ ଭାବେ ଅଲୀ ଏଥର ତା'ର ସମ୍ପର୍କୀୟମାନଙ୍କୁ ଅନାଇଲା ଓ ଫାତିମା ପଟେ ବି ଥରେ ନିରାଶା ଭରା ଦୃଷ୍ଟିରେ ଚାହିଁ ନେଲା । ହଠାତ୍ କରି ଫାତିମାର ଅନ୍ତରରେ କ'ଣ ହେଲା କେଜାଣି, ସ୍ୱସ୍ଥାନ ଛାଡ଼ି ସେ ଧୀରେ ଧୀରେ ଟେବୁଲ ଉପରେ ରହିଥିବା ତା'ର ଅଚଳ ଘଣ୍ଟା ଉଠେଇ ନେଇ ଅଲୀର ଅଣ୍ଟିରେ ପକେଇ ଦେଲା । ଆଖି ମିଟ୍ ମିଟ୍ କରି ଅଲୀ ଘଣ୍ଟାର ଡାଏଲ୍ ଉପରେ ଦୃଷ୍ଟି ନିବଦ୍ଧ କଲା ଏବଂ ବିସ୍ମିତ ହୋଇ ଘଣ୍ଟା, ମିନିଟ ଓ ସେକେଣ୍ଡ କଣ୍ଟାକୁ ଅପଲକ ଚାହିଁ ରହିଲା । ଯାହାର କି ଅଟକି ରହିଥିବା ସମୟ ତା'ର ନିଜର ଘଣ୍ଟାର ସମୟର ଠିକ୍ ପୂର୍ବବର୍ତ୍ତୀ ସମୟ ସୂଚାଉଥିଲା । ସହସା ଅଲୀ ତା'ର ନିଜ ସ୍ଥାନରୁ ଉଠିଲା । ଫାତିମାର ହାତକୁ ମୁଠାଇ ଧରି ନିଜର ତଥା ଫାତିମାର ଜମିଥିବା ଆତ୍ମୀୟ ସ୍ୱଜନଙ୍କୁ କହିଲା..."'ପୈଗମ୍ବର ମହମ୍ମଦ, ଅଲୀ ଓ ଫାତିମାଙ୍କ ବିବାହକୁ କାହିଁକି ସମର୍ଥନ କରିଥିଲେ ଆପଣମାନେ ସମସ୍ତେ ଜାଣନ୍ତି ତ! ଏଇ କାରଣରୁ ଯେ, ତାଙ୍କର ଅନୁଗାମୀଙ୍କ ମଧ୍ୟରେ କଦାପି ଫାଟ ସୃଷ୍ଟି ନହେଉ...ଆପଣମାନେ କ'ଣ ତାଙ୍କର ଏଇ ସୁନେଲୀ ସୁକୋମଳ ସ୍ୱପ୍ନଟିକୁ ସାକାର ରୂପ ଦେବାରେ ସାହାଯ୍ୟ କରିବେନି?" ■

ମାର୍ଫତ: ଦାଶ ଆଗ୍ରୋ ଏଜେନ୍ସୀ
କଳାପାଣି, ତୋରା , ବରଗଡ଼
ପିନ୍: ୭୬୮୦୪୦
ମୋ: ୯୪୩୭୨୫୮୧୪୨

# ଡବ୍ଲୁ.ବି. ୟେଟ୍‌ସଙ୍କ କବିତାରେ ପ୍ରତୀକବାଦ



ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ

ଡବ୍ଲୁ.ବି. ୟେଟ୍‌ସ ଇଂରାଜୀ କବିତାର ଇତିହାସରେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ । ସେ ଇଂରାଜୀ ସାହିତ୍ୟର ଇତିହାସରେ ପ୍ରତୀକବାଦୀ କବି ଭାବରେ ଏକ ଅଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଇଂଲଣ୍ଡରେ ପ୍ରତୀକବାଦୀ ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା ଭାବରେ ସେ ବେଶ୍ ଲୋକପ୍ରିୟ । ତାଙ୍କର ପ୍ରତୀକଗୁଡ଼ିକ ଅତ୍ୟନ୍ତ ଉଦ୍ଭାବକ ଏବଂ ସୂଚକ । ସ୍ୱଦେଶୀ ଉତ୍ପତ୍ତି- ଫରାସୀ ପ୍ରତୀକବାଦୀ ମାଲାର୍ମେଙ୍କୁ ପ୍ରତୀକର ଉଦ୍ଭାବକ ବୋଲି ମନେ କରାଯାଏ । ମାଲାର୍ମେଙ୍କ ଧର୍ମ ଥିଲା ପରମ ସୌନ୍ଦର୍ଯ୍ୟର ଏକ କଠୋର ଉପାସନା ଯାହା ପ୍ରତୀକଗୁଡ଼ିକର ଉତ୍କଣ୍ଠାପୂର୍ଣ୍ଣ ଚିନ୍ତନ ଦ୍ୱାରା ପହଞ୍ଚିବାକୁ ଚେଷ୍ଟା କରାଯାଇଛି । ତାଙ୍କ କବିତାରେ ସମସ୍ତ ପ୍ରାରମ୍ଭିକ, ବ୍ୟାଖ୍ୟା ଏବଂ ତୁଳନା ବାଦ ଦିଆଯାଇଛି । ୟେଟ୍‌ସ ଫରାସୀ ପ୍ରତୀକବାଦୀ ଆନ୍ଦୋଳନର ନୁହେଁ; ବରଂ ଏକ ସାଧାରଣ ୟୁରୋପୀୟ ଆନ୍ଦୋଳନର ସୃଷ୍ଟି । ଫରାସୀ ପ୍ରତୀକବାଦୀ ଆନ୍ଦୋଳନ ବିଷୟରେ ତାଙ୍କର ଜ୍ଞାନ ଅଥୁର ସାଇମନ୍ସଙ୍କ ମାଧ୍ୟମରେ ପରିଚାଳିତ ହେଉଥିଲା । ଫରାସୀଙ୍କ ବିଷୟରେ ଶୁଣିବା ପୂର୍ବରୁ ସେ କିନ୍ତୁ ବହୁ ପୂର୍ବରୁ ଜଣେ ପ୍ରତୀକବାଦୀ ଥିଲେ । ତାଙ୍କର ପ୍ରତୀକବାଦ ଆଧାରିତ ଥିଲା ବ୍ଲେକ୍, ସେଲି ଏବଂ ରୋସେଟିଙ୍କ କବିତା ଏବଂ ଗୁପ୍ତ ବିଦ୍ୟା ଉପରେ ତାଙ୍କର ପୁସ୍ତକ ପଢ଼ିବା ଉପରେ । ସେ ପତ୍ରବିଜ୍ଞାନର ତତ୍ତ୍ୱ, ସ୍ୱାକ୍ଷରର ତତ୍ତ୍ୱ ଏବଂ ଯାଦୁକରୀ ମନ୍ତ୍ର ଏବଂ ପ୍ରତୀକଗୁଡ଼ିକର ତତ୍ତ୍ୱ ସହିତ ମଧ୍ୟ ପରିଚିତ ହୋଇଥିଲେ ଯାହାର ଯାଦୁରେ ଆଧ୍ୟାତ୍ମିକ ଏବଂ ଭୌତିକ ପରିବର୍ତ୍ତନ ହୋଇଥିଲା ।

ୟେଟ୍‌ସଙ୍କ ପ୍ରତୀକଗୁଡ଼ିକ କୃତ୍ରିମ ନୁହେଁ । ସେଗୁଡ଼ିକ କାର୍ଯ୍ୟାତ୍ମକ । ସେଗୁଡ଼ିକ କବିତାର ଏକ ଅବିଚ୍ଛେଦ୍ୟ ଅଂଶ । ସେଗୁଡ଼ିକ ବିନା କବିତାଟି ଭାଙ୍ଗି ପଡ଼ିବ । ୟେଟ୍‌ସଙ୍କ ଭାଷାରେ, ' ପ୍ରତୀକ ହେଉଛି କିଛି ଅଦୃଶ୍ୟ ତଥ୍ୟର ଏକମାତ୍ର ସମ୍ଭାବ୍ୟ ପ୍ରକାଶନ, ଏକ ଆଧ୍ୟାତ୍ମିକ ଶିଖା ବିଷୟରେ ଏକ ସ୍ୱଚ୍ଛ ଦୀପ ।' "ଦି ସେକେଣ୍ଡ କମିଂ" ଏବଂ "ସେଲିଂ ଟୁ ବାଇଜାଣ୍ଟିୟମ୍"ରେ ପ୍ରତୀକଗୁଡ଼ିକ ସେତେ ପୁରୁଣା ଯେପରି ୟେଟ୍‌ସ ସାଧାରଣତଃ ଅନୁମତି ଦିଅନ୍ତି । ଯଦି ଆମେ ତାଙ୍କ ସାରସ୍ୱତବାଦର ତଥ୍ୟ କିମ୍ବା ତାଙ୍କ ପ୍ରତୀକଗୁଡ଼ିକକୁ ଏକତ୍ର କରିବା, ପ୍ରତୀକଗୁଡ଼ିକ ବାସ୍ତବରେ ବ୍ୟବହାରଯୋଗ୍ୟ ଏବଂ ପ୍ରକୃତରେ ସେମାନଙ୍କର ଉଦ୍ଦିଷ୍ଟ ପ୍ରତିଛବିକୁ ଗତିଶୀଳ କରି ଦେଖିପାରିବା, ତାଙ୍କର କିପରି ବ୍ୟବହାର କରାଯିବ ଏବଂ କିପରି ନ କରାଯିବ ସେ ବିଷୟରେ ଉତ୍କୃଷ୍ଟ ବୁଝାମଣା ଥିଲା । ଉଦାହରଣ ସ୍ୱରୂପ, "ବାଇଜାଣ୍ଟିୟମ୍‌କୁ ନୌବାହନ" ଏକ କବିତା ଯାହା ଜୀବନର ଏକ ସମୟକୁ ସୂଚିତ କରିଥାଏ, ଯେତେବେଳେ ବୃଦ୍ଧାବସ୍ଥାର ଆଗମନ ମରଣ ସମସ୍ୟା ସହିତ ଚିନ୍ତିତ ହୁଏ, ଯେଉଁ ପ୍ରତୀକ ଚାରୋଟି ପଦକୁ ଏକ ଅବିଚ୍ଛେଦ୍ୟ ମୋଡ଼ରେ ଆସେ ତାହା ସଂଗୀତର ପ୍ରତୀକ । ଯୁବପିଢ଼ି ସଙ୍ଗୀତକୁ ଭଲ ପାଆନ୍ତି ଏବଂ ବୟସ ଏକ ଆଧ୍ୟାତ୍ମିକ ସଂଗୀତ ଆଣିଥାଏ, ଦ୍ୱିତୀୟ ଆଗମନରେ ବେଥଲେହେମ୍‌ରେ ପଶୁର ଅନିବାର୍ଯ୍ୟ ଆଗମନ ଯାହା ସମଗ୍ର କବିତାକୁ ବାନ୍ଧି ରଖେ । ୟେଟ୍‌ସଙ୍କ ପ୍ରତୀକଗୁଡ଼ିକ କେବଳ ସୂଚକ ନୁହେଁ, ଅର୍ଥପୂର୍ଣ୍ଣ ଏବଂ ଉଦ୍ଦୀପକ ମଧ୍ୟ । ସେମାନଙ୍କର ଆକ୍ଷରିକ ଅର୍ଥ ବ୍ୟତୀତ, ସେମାନଙ୍କ ମନର ଆଖି ଆଗରେ ଅନେକ ଅଭିଯୋଗ ମଧ୍ୟ ପ୍ରଦାନ କରା ଯାଇଥାଏ ।

କବି ୟେଟ୍‌ସଙ୍କ ଭାଷାରେ, 'କେବଳ ପ୍ରାଚୀନ ପ୍ରତୀକଗୁଡ଼ିକ ପାଇଁ ଯେଉଁ ପ୍ରତୀକଗୁଡ଼ିକର ଅଗଣିତ ଅର୍ଥ ଅଛି, ତାହା ବ୍ୟତୀତ ଲେଖକ ଯେଉଁ ଗୋଟିଏ କିମ୍ବା ଦୁଇଟି ଉପରେ ଗୁରୁତ୍ୱ ଦିଅନ୍ତି, କିମ୍ବା ସେ ଜାଣନ୍ତି ସେହି ଅର୍ଦ୍ଧସ୍କୋର, ଯେକୌଣସି ଅତ୍ୟନ୍ତ ଆତ୍ମନିଷ୍ଠ କଳା ଏକ ଅତ୍ୟଧିକ ସଚେତନ ବ୍ୟବସ୍ଥାର ନିଷ୍କ୍ରିୟତା ଏବଂ ଅଗଭୀରତାରୁ ପ୍ରକୃତିର ଗଭୀରତା ଏବଂ ପ୍ରାଚୁର୍ଯ୍ୟକୁ ପଳାଇ ଯାଇପାରିବ । ତେଣୁ ପ୍ରତୀକଗୁଡ଼ିକ ଭାଷାକୁ ସମୃଦ୍ଧ ଏବଂ ଜଟିଳ କରିଥାଏ । ଉଦାହରଣ ସ୍ୱରୂପ, "ଆତ୍ମ୍ ଏବଂ ଆତ୍ମାର ସଂଳାପ" କବିତାରେ, ସାଟୋଙ୍କ "ତରବାରୀ" ପ୍ରଥମେ 'ଜୀବନ, ଯୁଦ୍ଧ, ପ୍ରେମ ଏବଂ ଯୌନତା'ର ପ୍ରତୀକ, ଯେତେବେଳେ ଏହା 'ଜାପାନୀ ମହିଳାଙ୍କ କୋର୍ଟ ପୋଷାକ'ର ଆବରଣ, ମହିଳା ଲିଙ୍ଗକୁ ପ୍ରତୀକ କରେ । ପରେ ସମାନ କବିତାରେ, ଖଣ୍ଡା "ଆତ୍ମା" କିମ୍ବା "ଜୀବନ୍ତ ନୀତି"କୁ ସଜାଗ କରିଉଠେ, ଯାହା ସମୟ ଦ୍ୱାରା ପ୍ରଭାବିତ ନୁହେଁ । "ଗୋଲାପ: ଶାନ୍ତିର ଗୋଲାପ"ରେ "ପ୍ରୋଟିଆନ"ର ପ୍ରତୀକ, ଏହା "ପାର୍ଥିବ ପ୍ରେମ ଏବଂ ସୌନ୍ଦର୍ଯ୍ୟ" ପାଇଁ ଠିଆ ହୁଏ ଏବଂ ଅନ୍ୟ ସ୍ତରରେ, ଏହା "ଶାଶ୍ୱତ ପ୍ରେମ ଏବଂ ସୌନ୍ଦର୍ଯ୍ୟ" ପାଇଁ ଠିଆ ହୁଏ । "ଯୁଦ୍ଧର ଗୋଲାପ" ହେଉଛି ପଦାର୍ଥ ବିରୁଦ୍ଧରେ ଆତ୍ମାର ଯୁଦ୍ଧରେ ଈଶ୍ୱରଙ୍କ ପକ୍ଷର ପ୍ରତୀକ । ଏହା "ପାର୍ଥିବ ପ୍ରେମରୁ ଆଶ୍ରୟ ପ୍ରଦାନ କରେ ।" ଏହା "ଟୁ ଦି ରୋଜ୍ ଅପନ୍ ଦି ରୋଜ୍ ଅଫ୍ ଟାଇମ୍" କବିତାରେ ପ୍ରକାଶ ପାଇଛି । "ଦି ସାଡୋଇ ୱାଟର୍ସ" ନାଟକରେ, ଏହା ଶରୀର ଏବଂ ଆତ୍ମାର ମିଳନ, ନିଦ୍ରା ଏବଂ ଜାଗ୍ରତ ଅବସ୍ଥାରେ ଜୀବନ ଏବଂ ମୃତ୍ୟୁ ପାଇଁ ଠିଆ ହୋଇଛି ।

"ଟାୱାର" ଆଉ ଏକ ସମୃଦ୍ଧ କିନ୍ତୁ ଅସ୍ପଷ୍ଟ ପ୍ରତୀକ । ୟେଟ୍‌ସଙ୍କ କବିତାରେ ପ୍ରତୀକ । ଦି ୱାଇଲ୍ଡ ହଂସ ଆଟ୍ କୁଲରେ, ଏହା ହେଉଛି 'ପ୍ରକୃତ ଟୁର୍କୁ' । ଏହା ମିଲଟନଙ୍କ ଦ୍ୱିତୀୟ ପେନସେରୋସୋ ଏବଂ ସେଲିଙ୍କ ରାଜକୁମାର ଆଥାନାସେରେ ପ୍ଲାଟୋନିଷ୍ଟଙ୍କ ଏକାକୀ ଟୁର୍କୁ ମନେ ପକାଇଥାଏ । କିନ୍ତୁ 'ଦି ଟାୱାର' କବିତାରେ, ସେ ପ୍ଲାଟୋଙ୍କୁ ଆକ୍ରମଣ କରନ୍ତି । ତଳଟି କେତେବେଳେ ଏକାକୀ ବୁଦ୍ଧର ସ୍ୱର୍ଗୀୟ ଆକାଂକ୍ଷାକୁ ବୁଝାଏ କିନ୍ତୁ ଏଗୁଡ଼ିକ ଆତ୍ମାର ବିଭିନ୍ନ ସ୍ୱର୍ଗୀୟ ଆକାଂକ୍ଷାରେ ମିଶିଯିବା ପରି ମନେହୁଏ ଆତ୍ମ୍ ଏବଂ ଆତ୍ମାର ଏକ ସଂଳାପରେ, ତଳଟି ହେଉଛି 'ରାତ୍ରିର ପ୍ରତୀକ' । ରକ୍ତ ଏବଂ ଚନ୍ଦ୍ରରେ ଏହା ଆତ୍ମର ଦୃଢ଼ତା, ଶାରୀରିକ ଅହଂକାର ଏବଂ ଆତ୍ମ୍ ସନ୍ତୋଷ ପାଇଁ ପୃଥିବୀ ଏବଂ ରକ୍ତକୁ ଆଗ୍ରହ ପାଇଁ ଠିଆ ହୋଇଛି ।

ପକ୍ଷୀ ପ୍ରତୀକଗୁଡ଼ିକ ମଧ୍ୟରେ ହଂସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ୟେଟ୍‌ସଙ୍କ ଅନେକ କବିତାରେ ଦେଖାଯାଏ । ପ୍ରତୀକଗୁଡ଼ିକର ଗତିଶୀଳ ପ୍ରକୃତିର ଏକ ଆକର୍ଷଣୀୟ ଚିତ୍ରଣ ପ୍ରଦାନ କରେ । ଏହି ପ୍ରତୀକଗୁଡ଼ିକ ବଢ଼ନ୍ତି, ପରିବର୍ତ୍ତନ କରନ୍ତି ଏବଂ ଅର୍ଜନ କରନ୍ତି ସେମାନଙ୍କର ପ୍ରଗତିରେ ଅଧିକ ଗଭୀରତା ଏବଂ ଘନତ୍ୱ । ସେମାନେ ଯୁବାବସ୍ଥାର ଅଟଳ ଏବଂ ଅମର ଆତ୍ମା କିମ୍ବା ଏକ ପ୍ରତିଛବିର ଅମରତ୍ୱର ପ୍ରତୀକ । କାଲଭରୀରେ, ସେମାନେ ବସ୍ତୁନିଷ୍ଠ ପ୍ରକୃତିର ଖ୍ରୀଷ୍ଟପ୍ରକାର ସହିତ ଜଡ଼ିତ ହୁଅନ୍ତି, କାରଣ ତାଙ୍କର ବିପରୀତ କିମ୍ବା ବିରୋଧୀ ପକ୍ଷ ଅଧା ବିସ୍ତାରିତ ହୋଇଯାଏ ଏବଂ ଗର୍ବରେ ଛାତି ବାହାରକୁ ବାହାର କରିଦିଆଯାଏ । ହଂସର ପ୍ରତୀକ ଧୀରେ ଧୀରେ ତାଙ୍କ ମନକୁ ଅଧିକାର କରିନେଲା । ଏକ ହଂସ ସହିତ ମିଶିଗଲା, ଦିବ୍ୟ ଶକ୍ତିର ପ୍ରତିଛବି । ଏହା 'ବାୟୁର ନିଷ୍ଠୁର ରକ୍ତ' ହୋଇଯାଏ ଯାହା ଯୌନ ମିଳନ ପାଇଁ ଲେଡ଼ା ଉପରେ ଅବତରଣ କରିଥିଲା

ଦ୍ୱିତୀୟ ଆଗମନରେ ମଧ୍ୟ ଅନେକ ଅର୍ଥ ଅଛି । ୟେଟ୍‌ସଙ୍କ ନାଟକରେ ୟୁନିକର୍ଣ୍ଣ ଏକ ପ୍ରମୁଖ ପ୍ରତୀକ ଭାବରେ ଉଭା ହୋଇଛି । ଦି ପ୍ଲେୟାର ରାଣିରେ, ଏହା "ବିନାଶ ଏବଂ ନବୀକରଣ" ସହିତ ଜଡ଼ିତ ହୋଇଯାଏ । ଏଠାରେ ରାଣୀଙ୍କ ସହ ୟୁନିକର୍ଣ୍ଣର ମିଳନକୁ ଉଲ୍ଲେଖ କରାଯାଇଛି, ଯାହା ପବିତ୍ରତାର ପ୍ରତୀକ । ଏହି ଅଦ୍ଭୁତ "ମିଳନ", ସତୀତ୍ୱର ମିଳନ ହେଉଛି ବିପରୀତର ମିଶ୍ରଣ, ଏକ ଚମତ୍କାର ପ୍ରକାଶ, ଯାହା ନିଶ୍ଚିତ ଭାବରେ ଲେଡ଼ା ସହିତ ହଂସ ପରି କିଛି ଭୟଙ୍କର ଏପିଫାନି ଆଡ଼କୁ ନେଇଯିବ । ଏହିପରି ୟୁନିକର୍ଣ୍ଣ ପ୍ରତିଛବି 'ଦିବ୍ୟ ହଂସ' ସହିତ ମିଶ୍ରିତ ହୁଏ, ଯାହା ଏକ ସଭ୍ୟତାକୁ ଜନ୍ମ ଦେଇଥାଏ । ଏହା ଦ୍ୱିତୀୟ ଆଗମନର ନିର୍ଲଜ୍ଜ ସ୍ପନ୍ଦନ ସହିତ ମଧ୍ୟ ମିଶ୍ରିତ ହୁଏ, ଯାହା ବର୍ତ୍ତମାନର ଖ୍ରୀଷ୍ଟିଆନ ସଭ୍ୟତାର ଧ୍ୱଂସାବଶେଷରୁ ଏକ ନାଟ୍ୟ ବିରୋଧୀ ସଭ୍ୟତାର ଏକ ନୂତନ ହିଂସାତ୍ମକ ଜନ୍ମର ପ୍ରତୀକ, ଯେଉଁଠାରେ କିଛି ନାହିଁ । "ଏକ ଅତ୍ୟନ୍ତ ଭୟଙ୍କର ବନ୍ୟ ପଶୁ ଅଛି, ଯାହାର ଲୁହା ଦାନ୍ତ ଏବଂ ପିତ୍ତଳ ନଖ ଅଛି ଯାହା ସ୍ୱାଇର ଏବଂ ଟର୍ଭରକୁ ମୂଳପୋଛ କରିପାରେ, ଆଖି କଠିନ ଏବଂ ଥଣ୍ଡା ଏବଂ ନୀଳ, ନୀଳମଣି ପରି" ।

ନୃତ୍ୟ ହେଉଛି ଏକ ପୁନରାବୃତ୍ତି ପ୍ରତୀକ । "ଅପନ୍ ଏ ଡାଇଙ୍ଗ୍ ଲେଡି" କବିତାରେ, ମହିଳାଙ୍କ ଆତ୍ମା "ପୂର୍ବନିର୍ଦ୍ଧାରିତ ନୃତ୍ୟ ସ୍ଥାନକୁ ଦିଆଯାଇଛି । ଏହି ପୂର୍ବନିର୍ଦ୍ଧାରିତ ନୃତ୍ୟ ସ୍ଥାନଟି ସମ୍ପୂର୍ଣ୍ଣ ଆନନ୍ଦ ସହିତ ଜଡ଼ିତ, ସମ୍ପୂର୍ଣ୍ଣ ଶାନ୍ତି ଏବଂ ସମ୍ପୂର୍ଣ୍ଣ ଏକତା । 'ସ୍କୁଲ ପିଲାମାନଙ୍କ ମଧ୍ୟରେ' କବିତାର ଶେଷ ପଦରେ ନୃତ୍ୟର ପ୍ରତୀକ ପୁନର୍ବାର ଏକତାର ଧାରଣାକୁ ଆହ୍ୱାନ କରେ । ପଦର ପ୍ରଥମାର୍ଦ୍ଧ ସନ୍ତୁଳନ ଏବଂ ଏକତାର ଏକ ସ୍ୱର୍ଗୀୟ କିମ୍ବା ଆଦର୍ଶ ଅବସ୍ଥାକୁ ଚିତ୍ରଣ କରେ । ଏହି ପଦର ପରବର୍ତ୍ତୀ ଅର୍ଦ୍ଧଭାଗ ଜୀବନକୁ ଧ୍ୟାନରେ ରଖେ । ଚତୁର୍ଥ ପଦ ନୃତ୍ୟକୁ ଟ୍ରାନ୍‌ସ ସହିତ ସମକକ୍ଷ କରେ, ଯାହା ମଣିଷକୁ ଭୌତିକ ଜଗତର ଜଟିଳତା ଏବଂ ପାର୍ଥିବ ଜଗତରୁ ମୁକ୍ତ କରେ ।

ବାଇଜାଣ୍ଟିୟମ୍‌କୁ ୟେଟ୍‌ସ ଏକତା ଏବଂ ପୂର୍ଣ୍ଣତାର ପ୍ରତୀକ ଭାବରେ ବ୍ୟବହାର କରନ୍ତି । ସେ ବାଇଜାଣ୍ଟେୟମ୍ ଏବଂ ଏହାର ସୁବର୍ଣ୍ଣ ସମୟ ପ୍ରତି ଆକର୍ଷିତ ହୋଇଥିଲେ କାରଣ ଏହା ଏକ ଅତୁଳନୀୟ ଏକତା ଏବଂ ପୂର୍ଣ୍ଣତା ପାଇଁ ଠିଆ ହୋଇଥିଲା । ପ୍ରାରମ୍ଭିକ ବାଇଜାଣ୍ଟେୟମ୍ ୟେଟ୍‌ସଙ୍କ ଅନୁସାରେ, ଧାର୍ମିକ, ସୌନ୍ଦର୍ଯ୍ୟ ଏବଂ ବ୍ୟବହାରିକ ଜୀବନ ଏକ ଥିଲା । ଏଠାରେ କଳା ଏବଂ ଜୀବନ ପରସ୍ପର ସହିତ ଜଡ଼ିତ ଥିଲେ । "ବାଇଜାଣ୍ଟେୟମ୍‌କୁ ଯାତ୍ରା" କବିତାରେ, ବାଇଜାଣ୍ଟେୟମ୍ ଏକ ସିଦ୍ଧ ବିଶ୍ୱର ପ୍ରତୀକ ହୋଇଯାଏ । ସେ ପକ୍ଷୀମାନଙ୍କର ଇନ୍ଦ୍ରିୟଗତ ସଙ୍ଗୀତକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ସୁବର୍ଣ୍ଣ ଡାଳରେ ଥିବା ଏକ ସୁନା ପକ୍ଷୀର ଆଧ୍ୟାତ୍ମିକ ସଙ୍ଗୀତକୁ ଗ୍ରହଣ କରନ୍ତି । ସମାନ ନାମ ଥିବା ଅନ୍ୟ ଏକ କବିତାରେ ବାଇଜାଣ୍ଟେୟମ୍ ଏକ ଶୁଦ୍ଧିକରଣସ୍ଥଳୀ ହୋଇଯାଏ । ■

ଇଂରାଜୀ ବିଭାଗ
କାହ୍ନୁଚରଣ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟ
କୋରେଇ, ଯାଜପୁର
ମୋ: ୯୪୩୮୨୧୪୯୮୯

# ଦୀପ



ମୂଳ ହିନ୍ଦୀ: ବ୍ରଜ ଶ୍ରୀବାସ୍ତବ
ଅନୁବାଦ: ଇପ୍‌ସିତା ଷଡ଼ଙ୍ଗୀ

ଗୋଟିଏ ସମୟ ଥିଲା
ଯେତେବେଳେ ମାଟି ସବୁଠି ପ୍ରାଧାନ୍ୟ ବିସ୍ତାର କରିଥିଲା ।
ଖେଳିବା ସମୟରେ ପିଲାମାନେ ଏହାକୁ ଖାଇ ଦେଉଥିଲେ,
ମହିଳାମାନେ ଏହାକୁ କେଶ ଧୋଇବା ପାଇଁ ବ୍ୟବହାର କରୁଥିଲେ,
ମାଟି ଚିକିତ୍ସା ପାଇଁ ମଧ୍ୟ ଉପଯୋଗୀ ଥିଲା ।

ସମଗ୍ର ଗାଁକୁ ମାଟିପାତ୍ର ଯୋଗାଉଥିଲା କୁମ୍ଭାର
ସେଥିପାଇଁ ତାଙ୍କୁ ପ୍ରଜାପତି ବୋଲି କୁହାଯାଉଥିଲା

କବୀର ତାଙ୍କ 'ସାଖୀ'ରେ ମାଟି ବିଷୟରେ କହିଛନ୍ତି ।
ବିବାହର ସମୟରେ ବି ପ୍ରଥମେ ହେଉଥିଲା ମାଟିପୂଜା ।

ଗୋଟିଏ ସମୟ ଥିଲା ଯେତେବେଳେ
କିଏ ମାଟିରେ ମିଶିଯିବାର ଖବର ଶୁଣି
ଦୁଃଖରେ ଭାଙ୍ଗି ପଡୁଥିଲେ ଲୋକେ ।
ନାଟକରେ ମାଟିଗାଡ଼ିର ମଧ୍ୟ ଏକ ବଡ଼ ଭୂମିକା ଥିଲା ।
ଦେଶକୁ ରାଷ୍ଟ୍ର ନୁହେଁ, ବରଂ ମାଟି କୁହାଯାଉଥିଲା ।
ଯେତେବେଳେ ଆମେ ବାହାରୁ ଘରେ ପ୍ରବେଶ କରୁଥିଲୁ,
ମାଟି ଛଡ଼ାଉଥିଲୁ, ଚିନ୍ତା ନୁହେଁ ।
କ୍ଷେତର ମାଟିକୁ ମା' ପରି ପୂଜା କରାଯାଉଥିଲା ।

ମାଟିର ହାତୀ ଏବଂ ଘୋଡ଼ା ସବୁଠାରୁ ଭଲ ଖେଳଣା ଥିଲା ।
ମାଟି ଘରେ ହିଁ ରହୁଥିଲେ ମହାପୁରୁଷମାନେ ।
ମାଟିର ଗନ୍ଧ କିନ୍ତୁ ମିଶି କରିନଥିଲା ମାଟିରେ ।

ଗୋଟିଏ ସମୟ ଥିଲା
ଯେତେବେଳେ ସୂର୍ଯ୍ୟ ଏବଂ ଚନ୍ଦ୍ର ବ୍ୟତୀତ
ଆଲୋକ ବିସ୍ତାର କରିବାର ଦାୟିତ୍ୱ
ସେହି ଦୀପର ଥିଲା
ଯାହାର ମାଟି
କାର୍ତ୍ତିକ ଅମାବାସ୍ୟା ଦିନ ବହୁତ ଉଲ୍ଲସିତ ରହୁଥିଲା । ■

# ସ୍ୱାଧୀନତା



ମେଘରୁ ଅଲଗା ହେବା ପରେ
ପାଣିଟୋପା ମୁକ୍ତି ପାଏ,
ଏକ ବୀଜ ମୁକ୍ତ ହୁଏ,
ପ୍ରସ୍ଫୁଟିତ ହେବାପରେ ,
ଅକ୍ଷର ଲେଖିବା ପରେ ଯାଇ
ମୁକ୍ତ ହୋଇପାରେ କଲମ ।

କାନ୍ଦିଦେଇ ବେଶ୍ ମୁକ୍ତ ଅନୁଭବ କରେ
ନବଜାତ ଶିଶୁ
ଗୋଟିଏ ସ୍ୱର ମୁକ୍ତ ହୋଇପାରେ
ବାହାରି ଆସିବା ପରେ
ହାରମୋନିୟମର କଣ୍ଠରୁ ।


ଗୋଟିଏ ସ୍ୱର ମୁକ୍ତ ହୁଏ
ସତକୁ ଉଚ୍ଚ ସ୍ୱରରେ କହିବା ପରେ
ସତକୁ ଉଚ୍ଚ ସ୍ୱରରେ କହିବା ପରେ । ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି,କଟକ
ମୋ: ୯୯୩୮୩୭୦୨୮୯
୯୮୬୧୩୩୯୪୪

ପୁସ୍ତକ ପରିଚୟ

## ପାପୁଲିଏ ବିଶ୍ୱାସ

### ପ୍ରକାଶ ଚନ୍ଦ୍ର ରାଉତ




ବନଫୁଲ
ଭି.ଏସ୍. ଏସ୍. ନଗର
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୭୫ ଟଙ୍କା

"ପ୍ରେମ ଧାରେ ସର୍ଜିଦେଲା ପରେ/ ଚେଇଁଉଠେ ଜହ୍ନଭିଜା ରାତି/ ପ୍ରଲମ୍ବି ଯାଏ/ ନିଘଞ୍ଚ ପ୍ରେମର କିଆରି ଆଖି ପାଇବା ପର୍ଯ୍ୟନ୍ତ/ ଚିଠି ସବୁ ଟୁକୁଡ଼ା ହେଇ/ ବାଣ୍ଟୁଥାନ୍ତି ସ୍ମୃତି/ କହୁଥାନ୍ତି ପ୍ରେମ ଅଟେ ଚିରନ୍ତନ ସତ୍ୟ ଓ ଶାଶ୍ୱତ ।" (ପ୍ରେମ ପାଇଁ ଚିଠିଟିଏ) ପ୍ରେମ ସର୍ବଦା ଶାଶ୍ୱତ, ଚିରନ୍ତନ । ପ୍ରେମର ଗଭୀରତା ମାପି ହୁଏ ନାହିଁ, କେବଳ ଅନୁଭବ କରିହୁଏ । ପ୍ରେମ, ଫଗୁଣ, ସ୍ମୃତି, ଅନୁଭୂତିର ଛଳ ଛଳ ଭାବ ଉକୁଟି ଉଠିଛି ପ୍ରକାଶ ଚନ୍ଦ୍ର ରାଉତଙ୍କ 'ପାପୁଲିଏ ବିଶ୍ୱାସ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ଏକାବନଟି କବିତା ସଂକଳିତ ହୋଇଛି । 'ପାପୁଲିଏ ବିଶ୍ୱାସ', 'ପ୍ରେମ ପାଇଁ ଚିଠିଟିଏ', 'ସ୍ୱପ୍ନଭିଜା ଝିଅ ଆଉ କବିତା', 'ଉର୍ଦ୍ଧ୍ୱ ଉଡ଼ାଣ', 'ରୂପାନ୍ତର', 'ଛଳନା', 'ରାତିଟିଏ ପାହିବା ଆଗରୁ', 'ଅବସୋସ', 'କାକୁସ୍ଥ ଜୀବନ', 'ମୋହାବିଷ୍ଟ', 'ନିର୍ବାଣ', 'ଆସଥରେ ଈଶ୍ୱରଙ୍କୁ ଭେଟିବା', 'କୃଷ୍ଣହସ', 'ଯାତ୍ରାପଥେ ମୁଁ', 'ଈଶ୍ୱର', 'ଜୀବନ', 'ଛଦ୍ମବେଶ', 'ସ୍ୱପ୍ନ ଏକ ଫଗୁଣ ବେଳର' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ କବିତାରେ ପ୍ରେମ,ଈଶ୍ୱର ଭକ୍ତି, ଜୀବନବୋଧ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ଜୀବନର ମହାର୍ଘ୍ୟ ମୁହୂର୍ତ୍ତ ସବୁ କବିତାର ରୂପ ନେଇଛି । ନିର୍ବାଣ ପାଇଁ କବି କେତେବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି ପୁଣି କେତେବେଳେ ସ୍ୱପ୍ନଭିଜା ଝିଅ ପାଇଁ କବିତା ଲେଖୁଛନ୍ତି । 'ପାପୁଲିଏ ବିଶ୍ୱାସ' ପୁସ୍ତକର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

## ଅନୁଭବ ଅନାହତ

### ସୁଧାଂଶୁ ଶେଖର ପଟ୍ଟନାୟକ



ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର
ପ୍ରଥମ ପ୍ରକାଶନ : ୨୦୨୪
ମୂଲ୍ୟ: ୧୨୦ ଟଙ୍କା

ଜୀବନରେ ଅନେକ ମଣିଷଙ୍କ ସାନ୍ନିଧ୍ୟ ମିଳିଥାଏ । ତେବେ କେତେକଙ୍କ ଭଲ ପାଇବା, ଆତ୍ମୀୟତା ସାରା ଜୀବନ ଭୁଲି ହୁଏନାହିଁ । ପୁଣି କେଉଁ ମୁହୂର୍ତ୍ତରେ ନିରବତା ନେଇ ଆସେ ଝଡ଼ର ରୂପ । ଏମିତି ଜୀବନର ବାସ୍ତବତାର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ସୁଧାଂଶୁ ଶେଖର ପଟ୍ଟନାୟକଙ୍କ 'ଅନୁଭବ ଅନାହତ' ପୁସ୍ତକର କବିତାଗୁଡ଼ିକରେ । "ଜୀବନରେ କେଉଁ ମୁହୂର୍ତ୍ତରେ,/ କେଜାଣି ଧସେଇ ଆସେ ଆକସ୍ମାତ/ କୋଳାହଳର ଦୁନିଆରେ/ ନିରବତାର ଝଡ଼ ନେଇ ।" (ନିରାଶା) ଏହି ପୁସ୍ତକରେ ସଂକଳିତ 'ବୁଦ୍ଧ ଆହ୍ୱାନ', 'ଶୀତସ୍ପର୍ଶ', 'ନିରବଦ୍ରଷ୍ଟା', 'ଭିଟାମାଟି', 'ଜୀବନ', 'ଭୟ', 'ଆଶା', 'ନିରାଶା', 'ବିଫଳତା', 'ଭୋକ', 'ବଞ୍ଚିବାକୁ ଦିଅ', 'ନିରବତା', 'ମୋହଭଙ୍ଗ', 'ଚଲାପଥ', 'ରାସ୍ତା' ଆଦି କବିତାରେ ବାସ୍ତବ ଜୀବନ ନିଚ୍ଛକ ଚିତ୍ର ପ୍ରତିଫଳିତ ହୋଇଛି । ଜୀବନରେ ଦୁଃଖ, ଯନ୍ତ୍ରଣା, ନିରାଶା, ବିଫଳତା ରହିଛି । ତଥାପି ଜୀବନ ସବୁ ମତେ ସୁନ୍ଦର ଓ ଅନୁପମ - ଏଭଳି ମହାନ ଅନୁଭବ ଅନେକ କବିତାରେ ଉତ୍‌କୀର୍ଣ୍ଣ ହୋଇଛି । ଜୀବନର ଅନେକ ଅକୁହା ବେଦନା କବିତାରେ ରୂପ ଲାଭ କରିଛି । ସେଭଳି 'ବୋଉ', 'ବାପା', 'ବୁଢ଼ାଲୋକ', 'ସଂପର୍କର ସେତୁ', 'ସଂପର୍କ' ଆଦି କବିତାରେ ମାନବୀୟ ସଂପର୍କ,ମାନବିକତାର ସ୍ୱର ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି । ଗଭୀର ଜୀବନାନୁଭବ, ନିବିଡ଼ ଅନୁଭୂତି, ଅଭୁଲା ସ୍ମୃତି, ମଣିଷପଣିଆ, ସାମାଜିକ ବାସ୍ତବତାର ବର୍ଣ୍ଣନା କବିତାଗୁଡ଼ିକକୁ ଅଧିକ ମର୍ମସ୍ପର୍ଶୀ କରିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ୫୦୦ ଟଙ୍କା ପାଇଁ ପତ୍ନୀକୁ ପିଟିପିଟି ହତ୍ୟା

ରାଉରକେଲା,୨୮।୬(ସମିସ): ରାଉରକେଲା ସହରର ଟାଙ୍ଗରପାଲ୍ଲୀ ଥାନା ଫେଟକଲ ନିକଟ ହାଟିଙ୍ଗଟୋଲା ବସ୍ତିରେ ୫୦୦ ଟଙ୍କା ପାଇଁ ଜଣେ ଯୁବକ ତାର ପତ୍ନୀକୁ ଏକ କାଠ ଫାଳିଆରେ ପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି। ଟାଙ୍ଗରପାଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀ ରାଇସିଂହ ମୁଣ୍ଡାକୁ ଗିରଫ କରିଥିବା ସୂଚନା ମିଳିଛି।

ସୂଚନା ମୁତାବକ, ସ୍ଥାନୀୟ ହାଟିଙ୍ଗଟୋଲାରେ ରାଇ ସିଂହ ମୁଣ୍ଡା, ତାର ପତ୍ନୀ ସବିତା ମୁଣ୍ଡା ଏବଂ ୨ଟି ସନ୍ତାନ ସହ ବାସ କରୁଥିଲେ। ତେବେ ଗତକାଲି ରଥଯାତ୍ରା ଦେଖିବାକୁ ଯାଇଥିବା ପତ୍ନୀ ସବିତା ମୁଣ୍ଡା ବିଳମ୍ବରେ ଘରକୁ ଫେରିବାକୁ କେନ୍ଦ୍ର କରି ଗତ ରାତିରେ ସେମାନଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ଘରୁ ୫୦୦ ଟଙ୍କା ଚୋରି କରି ନେଇଥିବା ସନ୍ଦେହ କରି ରାଇ ସିଂହ ପତ୍ନୀ ସବିତା ସହ ଝଗଡ଼ା କରିଥିଲା। ତେବେ ରାଇ ସିଂହ ପ୍ରଚୁର ମଦ୍ୟପାନ କରିଥିବାରୁ ସେ ହିତାହିତ ଜ୍ଞାନ ହରାଇ ବସିଥିଲା। ତେବେ ଝଗଡ଼ା ଉଗ୍ର ହେବା ପରେ ରାଇସିଂହ ଏକ କାଠ ଫାଳିଆରେ ପତ୍ନୀକୁ ପିଟି ଗୁରୁତର କରିଥିଲା। ପତ୍ନୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲା। ଆଜି ସକାଳେ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀଙ୍କ ସମେତ ସାଇଣ୍ଟିଫିକ୍ ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ସବିତା ମୁଣ୍ଡାର ଶବ ଇନକ୍ୱେଷ୍ଟ ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହାସହ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀ ରାଇସିଂହ ମୁଣ୍ଡାକୁ ପୁଲିସ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତ ଲାଗିଥିବା କାଠ ଫାଳିଆକୁ ଜବତ କରିଥିଲେ। ଆସନ୍ତାକାଲି ଅଭିଯୁକ୍ତ ରାଇସିଂହକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷେ ପରକୀୟା ପ୍ରୀତିକୁ ନେଇ ପତ୍ନୀର ଚରିତ୍ରରେ ସନ୍ଦେହ କରିଆସୁଥିବା ସ୍ୱାମୀ ରାଇସିଂହ ମୁଣ୍ଡା ପତ୍ନୀକୁ ହତ୍ୟା କରିଥିବା ମଧ୍ୟ ଚର୍ଚ୍ଚା ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶୃଙ୍ଖଳା ପାଇଁ...

କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି। "ଏକ୍ସ'ରେ ନବୀନ କହିଛନ୍ତି ଯେ ନନ୍ଦିଘୋଷ ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆମେ ଚାହୁଁନାହୁଁ। କିନ୍ତୁ ଆମ ରାଜ୍ୟର ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି, ସେଥିପାଇଁ ଆମର ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନ'କରି ରହି ହେଉନାହିଁ। ଗତ ବର୍ଷ ଆଡ଼ପ ପହଣ୍ଡି ବିଜେ ସମୟରେ ଭଗବାନ ବଳଭଦ୍ର ପଡ଼ିଯିବା ଘଟଣାକୁ ଏଯାଏଁ ଆମେ କେହି ଭୁଲି ପାରୁନାହୁଁ; ଏହା ଏପରି ଏକ ମୁହୂର୍ତ୍ତ ଥିଲା ଯାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଥିଲା। ଏବର୍ଷ ସମସ୍ତେ ଦେଖିଲେ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ସନ୍ଧ୍ୟା ୭:୪୫ ପର୍ଯ୍ୟନ୍ତ ଅଟକି ରହିଥିଲା ଏବଂ ଦିନ ଶେଷ ହେବା ପୂର୍ବରୁ ମାତ୍ର କିଛି ମିଟର ଗଡ଼େଇ ଦିଆଗଲା। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଏହା ସମ୍ପୂର୍ଣ୍ଣ ଭାବେ ନିରାଶ ଓ ହତାଶ କରିଛି। ଭିଡ଼ ନିୟନ୍ତ୍ରଣରେ ଅପାରଗତା ହେତୁ ଶହ ଶହ ଭକ୍ତ ଆହତ ହୋଇଛନ୍ତି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା ଯେ 'ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ।' ମୁଁ ଆଶା କରିବି ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ। ଶେଷରେ ଚକା ଆଖି ସବୁ ଦେଖୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

ଅପରପକ୍ଷେ ନବୀନଙ୍କ ପରାମର୍ଶକୁ ରାଜ୍ୟ ସରକାର ବିନା ଦ୍ୱିଧାରେ ଗ୍ରହଣ କରିବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଗତବର୍ଷ ରଥଯାତ୍ରାରେ ଏକାଧିକ ବିଭ୍ରାଟ ଘଟିଥିଲେ ହେଁ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କଲେନାହିଁ। ବଡ଼ଠାକୁର ବଳଭଦ୍ର ରଥରୁ ପଡ଼ିଯିବା ପରି ମହାବିଭ୍ରାଟ ଘଟିଥିଲେ ହେଁ ଏହାର ତଦନ୍ତ ରିପୋର୍ଟ ଏଯାବତ୍ ସାର୍ବଜନୀନ କରାଗଲା ନାହିଁ କିମ୍ବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ସରକାରଙ୍କ ଏପରି ଖାମଖିଆଲି ମନୋଭାବ ଚଳିତବର୍ଷର ଅବ୍ୟବସ୍ଥା, ବିଭ୍ରାଟକୁ ବାଟ କଢ଼ାଇ ନେଲା। ଏହାପରେ ବି ସରକାର ନିଜ ତ୍ରୁଟିକୁ ଗ୍ରହଣ କରିବାକୁ ନାରାଜ। କେଉଁ ପରିସ୍ଥିତିରେ ଏକାଧିକ ବିଭ୍ରାଟ ଘଟିଲା, ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ। ଗୁଣ୍ଡିଚା ଯାତ୍ରାର ବାକି ଉତ୍ସବ, ନୀତିକାନ୍ତି ଯେପରି ଶୃଙ୍ଖଳାର ସହ ସମାପନ ହେବ, ତାହାକୁ ସରକାର ସର୍ବାଧିକ ପ୍ରାଥମିକତା ଦେବାକୁ ଭକ୍ତ ମହଲରେ ଦାବି ହୋଇଛି।

### ମହାକାଶରୁ ଭବ୍ୟ...

ନିଜ ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ବାର୍ତ୍ତା ଦେଇଛନ୍ତି। 'ସ୍କାଇ ଇଜ ନେଭର ଦ ଲିମିଟ୍' (ଆକାଶର କୌଣସି ସୀମା ନାହିଁ) ବୋଲି କହିଛନ୍ତି। ଶୁଭାଂଶୁଙ୍କ ମହାକାଶ ଯାତ୍ରା ପାଇଁ ଭାରତ ଅକ୍ସିଅମ-୪ ଅଭିଯାନରେ ୫୦୦ରୁ ୫୫୦ କୋଟି ଟଙ୍କା ନିବେଶ କରିଛି। ଏଥିରେ ତାଙ୍କ ସିଟ୍ ଏବଂ ପ୍ରଶିକ୍ଷଣ ଖର୍ଚ୍ଚ ମଧ୍ୟ ସାମିଲ ରହିଛି।

### ଚାପିଦେଲା ବସ୍...

ବାଇପାସ୍ ନିକଟରେ ଏହି ଅଘଟଣ ଘଟିଥିଲା। ପିପିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ୩ ଛାତ୍ରୀଙ୍କ ଶବ ଜବତ କରି ପିପିଲି ଡାକ୍ତରଖାନାକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ରିମ୍‌ଜିମ୍, ଏଲିନା ଓ କାଜଲ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ। ସେମାନେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହନ୍ତି। ରଥଯାତ୍ରା ଦେଖିବାକୁ ଆଜି ଏକ ସ୍କୁଟିରେ ସେମାନେ ପୁରୀ ବାହାରିଥିଲେ। ପିପିଲି ଓଭରବ୍ରିଜ୍ ବାଇପାସ୍ ନିକଟରେ ରଙ୍ଗରୁଟ୍‌ରେ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେବାରୁ ୩ଜଣ ଯାକ ତଳେ ପଡ଼ି ଯାଇଥିଲେ। ଏହି ସମୟରେ ପଛରୁ ଆସୁଥିବା ଓଏସ୍ଆରଟିସିର ଏକ ଟୁରିଜିମ୍ ବସ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ସଂପୃକ୍ତ ବସ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି।

ଅପରପକ୍ଷେ ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୁରୁଣା ଭୁବନେଶ୍ୱର ବହୁ ବାସିନ୍ଦା ପିପିଲି ମେଡିକାଲରେ ପହଞ୍ଚି ପାଟିତୁଣ୍ଡ କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ରଙ୍ଗରୁଟ୍‌ରେ ଆସୁଥିବା ଉକ୍ତ ବାଇକ୍ ଚାଳକ ଓ ବେପରୁଆ ବସ୍‌ର ଚାଳକଙ୍କୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ପରିବାରଲୋକଙ୍କ ସହ ସଂପର୍କୀୟମାନେ କ୍ଷତିପୂରଣ ଦାବିରେ ମେଡିକାଲ ସମ୍ମୁଖ ରାସ୍ତାରେ ପ୍ରତିବାଦ କରିଥିଲେ। ଖବର ପାଇ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ପୁରୁଣା ଭୁବନେଶ୍ୱର କର୍ପୋରେଟର୍ ଶିବପ୍ରସାଦ ବେହେରା ପ୍ରମୁଖ ପିପିଲି ମେଡିକାଲରେ ପହଞ୍ଚି ମୃତ ପରିବାରଲୋକଙ୍କ ସହ ଆଲୋଚନା କରିବା ସହ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଦୁଇଟି ଦୁର୍ଘଟଣାରେ...

ଥାନା ଗଡ଼ଗଡ଼ବାହାଲି ଗାଁର ରାଇସିଂ ରଣାଙ୍କ ପୁଅ ପୂରବ ରଣା(୨)। ସେହିପରି ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ, ଲଳିତଙ୍କ ସ୍ତ୍ରୀ ଲେମ୍ବୁବତୀ (୩୦) ଏବଂ ରୋହନ ଶବର (୧୨)।

ଶନିବାର କୋମନା ଥାନା ପଲସିପାଣି ଗାଁର ଲଳିତ ନିଜ ପରିବାର ସହ ବାଇକ୍‌ରେ ନିକଟସ୍ଥ ବଞ୍ଜାରି ଗାଁକୁ ରଥଯାତ୍ରା ଦେଖିବାକୁ ଯାଉଥିଲେ। ଗୋଟିଏ ବାଇକ୍‌ରେ ସ୍ତ୍ରୀ ଲେମ୍ବୁବତୀ, ଝିଅ ଡୋଲେଶ୍ୱରି ଓ ସୁନାଫୁଲ ଏବଂ ପୁଅ ନରେଶ (୫)ଙ୍କୁ ମିଶାଇ ୫ଜଣ ବସିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ସେମାନେ ପଲସିପାଣି ଛକ ପାର୍ ହେଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସେଥିରେ ୩ଜଣ ବସିଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ତୁରନ୍ତ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଲଳିତ, ତାଙ୍କ ଝିଅ ଡୋଲେଶ୍ୱରୀ ଓ ଅନ୍ୟ ଏକ ବାଇକ୍‌ରେ ଥିବା କ୍ଷୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଚିକିତ୍ସାଧୀନ ଅବସ୍ଥାରେ ସୁନାଫୁଲଙ୍କ ସେଠାରେ ମୃତ୍ୟୁ ଘଟିଥିଲା।

ସେହିପରି ଅନ୍ୟ ଏକ ଦୁର୍ଘଟଣାରେ ସ୍ଥାନୀୟ ଗଡ଼ଗଡ଼ ବାହାଲିଗାଁର ରାଇସିଂ ନିଜର ଦୁଇ ସନ୍ତାନଙ୍କୁ ନେଇ ବଞ୍ଜାରୀକୁ ରଥଯାତ୍ରା ଦେଖିବାକୁ ଯାଉଥିଲେ। ବାଟରେ ବାଞ୍ଜିବାହାଲ ଛକ ନିକଟରେ ତାଙ୍କ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ୩ ଜଣଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଡାକ୍ତର ରାଇସିଂଙ୍କ ପୁଅ ପୂରବଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଘଟଣା ସ୍ଥଳରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ପହଞ୍ଚି ପରିସ୍ଥିତି ସମ୍ପର୍କରେ ବୁଝି ସମବେଦନା ଜଣାଇଛନ୍ତି। ପୁଲିସ୍ ସବିଶେଷ ତଦନ୍ତ ଚଳାଇଛି।

### ଗଛରେ ବାଇକ୍ ପିଟିହୋଇ...

ଅବସ୍ଥାରେ ଆଉଜଣଙ୍କର ମୃତ୍ୟୁ ହୋଇଥିଲା। ଆହତ ହାଡ଼ି ପିଡିକାକା ଏବେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଅପରପକ୍ଷେ, ମୁନିଗୁଡ଼ା ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା। ଏହାସହ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

### କାରଣ କ'ଣ...

୧୦ ଲକ୍ଷ ଭକ୍ତଙ୍କୁ ସମ୍ଭାଳିବାରେ ସରକାର କିଭଳି ନୟାନ୍ତ ହୋଇପଡ଼ିଲେ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ରଥଯାତ୍ରାର ସୁପରିଚାଳନା ପାଇଁ 'କାର୍ ଫେଷ୍ଟିଭାଲ୍ କୋଡ୍-୧୯୮୩' ବ୍ୟବସ୍ଥା ରହିଛି। ସେହି କୋଡ୍ ଅନୁସାରେ, ରଥଟଣା ସମୟରେ 'କର୍ଡନ ପାସ୍' ବୈଧ ହୋଇ ନଥାଏ। ତେବେ ଏଥର ରଥଟଣା ପାଇଁ ନିର୍ଦ୍ଧାରିତ ସମୟ ହୋଇଯାଇଥିଲେ ବି କାହା ସ୍ୱାର୍ଥରେ କର୍ଡନ୍ ପାସ୍‌ଧାରୀଙ୍କୁ ରଥ ନିକଟକୁ ଆସିବାକୁ ଅନୁମତି ଦିଆଯାଇଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି। ରଥଯାତ୍ରା ଦାୟିତ୍ୱରେ ଥିବା ଆଇପିଏସ୍ ଅଧିକାରୀ ଏବଂ ଖୋଦ୍ ଆଇନମନ୍ତ୍ରୀ ଏହି ବିଧି ବ୍ୟବସ୍ଥା ସମ୍ପର୍କରେ କିଭଳି ଜାଣିପାରିଲେନି ବୋଲି ଅଭିଯୋଗ ହେଉଛି।

କେବଳ ଏତିକି ନୁହେଁ; ରଥଟଣା ବିଳମ୍ବ ନେଇ ବଡ଼ଠାକୁରଙ୍କ ରଥ ମୋଡ଼ ନେବା ବିଭ୍ରାଟର ଅନ୍ୟ ଏକ ବଳିଷ୍ଠ କାରଣ ବୋଲି କୁହାଯାଉଛି। ହେଲେ କାର୍ ଫେଷ୍ଟିଭାଲ୍ କୋଡ୍ ନିୟମାନୁସାରେ, ବଳଭଦ୍ରଙ୍କ ରଥର ଦାୟିତ୍ୱ ସ୍ଥାନୀୟ ଏସ୍‌ପିଙ୍କ ଉପରେ ନ୍ୟସ୍ତ। ପୂର୍ବଦିନରୁ ରଥ ମୋଡ଼ ନେବା ଘଟଣା ଜଣାପଡ଼ିଥିଲେ ବି ସ୍ଥାନୀୟ ଏସ୍‌ପି ଏହାକୁ କେମିତି ଅଣଦେଖା କଲେ। ସେହିଭଳି ଜଗନ୍ନାଥଙ୍କ ରଥ ଦାୟିତ୍ୱ ଜିଲ୍ଲାପାଳଙ୍କର ଥିବାବେଳେ ସୁଭଦ୍ରାଙ୍କ ରଥର ଦାୟିତ୍ୱ ଅତିରିକ୍ତଙ୍କ ଜିଲ୍ଲାପାଳଙ୍କ ଉପରେ ରହିଛି। ଏହି ଅଧିକାରୀମାନେ ମହାରଣା ଓ ଭୋଇ ସେବାୟତଙ୍କ ସାହାଯ୍ୟରେ ରଥଟଣା କାର୍ଯ୍ୟକୁ ସୂଚାର ରୂପେ କରିବା କଥା। ମାତ୍ର ଏଥିପ୍ରତି ଦୃଷ୍ଟି ଦିଆଗଲାନି। ଫଳସ୍ୱରୂପ ଏଭଳି ମହାବିଭ୍ରାଟ ଦେଖିବାକୁ ପଡ଼ିଲା। ତେଣୁ ସରକାର ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ରଥଟଣା ବିଳମ୍ବର କାରଣ ଖୋଜିବା ସହ ପୁନର୍ବାର ଯେମିତି ଏଭଳି ଅଘଟଣ ନ ଘଟେ, ତା'ଉପରେ ଦୃଷ୍ଟିଦେବାକୁ ଭକ୍ତମହଲରୁ ଦାବି ହେଉଛି।

### ତିନି ଦିନରେ...

ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ବିଳମ୍ବିତ ହୋଇ ଚାଲିଥିଲା। ଏହାକୁ ନେଇ ଦଳୀୟ ସଂଗଠନ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସୂଚନା ଦଳ ଭିତରେ ନୂଆ ଉନ୍ମାଦନା ଆଣିଛି।

ସୂଚନା ଅନୁଯାୟୀ, ସଭାପତି ପଦ ଦୌଡ଼ରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଟଣାଓଟରା ସ୍ଥିତି ଲାଗି ରହିଛି। ଜିଲ୍ଲା ସଭାପତି ନିର୍ବାଚନରେ ଏହି ଟଣାଓଟରା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା। ଏପରିକି ଗୋଟିଏ ଗୋଷ୍ଠୀ ସଂଖ୍ୟାଧିକ ସଭାପତି ପଦବୀ ହାତେଇଥିବା ଦାବି କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଆଶୀର୍ବାଦ ରହିଛି ବୋଲି ସେମାନଙ୍କ ସମର୍ଥକ କହି ବୁଲୁଛନ୍ତି। ଏପରି ସ୍ଥିତିରେ ଗତ କିଛି ମାସ ଧରି ସଭାପତି ପଦବୀ ହାତେଇବାକୁ ଉଭୟ ଗୋଷ୍ଠୀ ନିଜ ନିଜ ସ୍ତରରେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି।

କେନ୍ଦ୍ର ନିର୍ବାଚନ ଅଧିକାରୀ ଡ. ବି. ଲକ୍ଷ୍ମଣଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ଜୁନ୍ ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୩ ଦିନ ଧରି ହେବାକୁ ଥିବା ଏହି ନିର୍ବାଚନ ପ୍ରକ୍ରିୟା ଜୁଲାଇ ୧ ସୁଦ୍ଧା ଶେଷହେବ। ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

ଅପରପକ୍ଷେ ଓଡ଼ିଶାରେ ସଭାପତି ନିର୍ବାଚନ ସହ ଖୁବଶୀଘ୍ର ଜାତୀୟ ସ୍ତରରେ ମଧ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ଦଳ ପାଗ ଭିଡ଼ିଛି। ବିଜେପିର ସମ୍ବିଧାନ ଅନୁଯାୟୀ, ଦଳର ୩୭ଟି ସାଂଗଠନିକ ସଭାପତି ପଦରୁ ୫୦ ପ୍ରତିଶତ ଅର୍ଥାତ୍ ୧୯ଟି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ସଭାପତି ନିଯୁକ୍ତ ହେବା ଆବଶ୍ୟକ। ମାତ୍ର ଶନିବାର ସୁଦ୍ଧା ଦଳ ମାତ୍ର ୧୪ଟି ରାଜ୍ୟରେ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ସାରିବା ସହ ସଭାପତିଙ୍କ ନାମ ଘୋଷଣା କରିପାରିଛି। ଗତ ୨୭ ତାରିଖରେ ଦଳ ପକ୍ଷରୁ ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗରେ ରାଜ୍ୟ ବିଜେପି ସଭାପତି ଚୟନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଖୁବଶୀଘ୍ର ଏହିସବୁ ରାଜ୍ୟରେ ସଭାପତି ନିଯୁକ୍ତ ହେବେ। ଏହାସହ ୨୯ ତାରିଖ ସୁଦ୍ଧା ତ୍ରିପୁରା ଏବଂ ଆସନ୍ତା ୧ ତାରିଖ ସୁଦ୍ଧା ଆନ୍ଧ୍ର ପ୍ରଦେଶରେ ଦଳ ନୂଆ ସଭାପତିଙ୍କ ନାମ ଘୋଷଣା କରିବ। ଏହାପରେ ରାଷ୍ଟ୍ରୀୟ ସଭାପତିଙ୍କ ନାମ ଘୋଷଣା ପାଇଁ ବାଟ ଫିଟିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି।

### ଘରେ ପଶି...

ବସାଇବାକୁ ସେ ନାବାଳିକାକୁ ଅନୁରୋଧ କରିଥିଲା। କିନ୍ତୁ ନାବାଳିକା ଜଣଙ୍କ ମନା କରିବାରୁ ସେ ତାଙ୍କ ଘରେ ଜୋରଜବରଦସ୍ତ ପଶିଯିବା ସହ ତାଙ୍କୁ ଦୁଷ୍କର୍ମ କରିଥିଲା। ଘରକୁ ଫେରିବା ପରେ ଝିଅଠାରୁ ସବୁ କଥା ଶୁଣିବା ପରେ ଏ ସଂପର୍କରେ ତାଙ୍କ ମା' ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ସହ ପରେ ଅଭିଯୁକ୍ତ ଟାରଜନ୍‌କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## କଟକରେ ଏସ୍ଆଇଟି ବୈଠକ

## ଦୁର୍ନୀତିଗ୍ରସ୍ତ ବିଭାଗ ଉପରେ ନଜର ରଖିବାକୁ ଗୁରୁତ୍ୱାରୋପ

କଟକ,୨୮।୬(ସମିସ): ଓଡ଼ିଶାରେ ଦୁର୍ନୀତି ନିବାରଣ ଆଇନ ମାମଲାରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଅଧିକ ଦେଖିବାକୁ ମିଳୁଛି। ତେବେ କେଉଁ ବିଭାଗରେ କେତେ ଦୁର୍ନୀତି ମାମଲା ଧରା ପଡୁଛି ତାହାର ଅନୁଧ୍ୟାନ କରାଯିବା ଉଚିତ ଓ ଏଭଳି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବା ଉପରେ ଏସଆଇଟି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏପରି ଦୁର୍ନୀତିକୁ କିଭଳି ନିୟନ୍ତ୍ରଣ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିବା ବେଳେ ନିଶା ଦ୍ରବ୍ୟ ସଂପର୍କିତ ମାମଲା ବୃଦ୍ଧି ନେଇ ଉଦବେଗ ପ୍ରକାଶ ପାଇଛି। କଳାଧନ ସମ୍ପର୍କିତ ତଦନ୍ତ କରୁଥିବା ସ୍ପେସାଲ୍ ଇନଭେଷ୍ଟିଗେସନ୍ ଟିମ୍ (ଏସ୍ଆଇଟି)ର ଏକ ବୈଠକ କଟକରେ ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଂଗରେ ଆଲୋଚନା କରାଯାଇଛି।

ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ନିକଟରୁ ବିପୁଳ ପରିମାଣ ଟଙ୍କା ଓ ସଂପତ୍ତି ଜବତ କରାଯିବା ଉଦବେଗଜନକ ପ୍ରସଂଗ ହୋଇଥିବା ବେଳେ ଯେଉଁ ସ୍ତରରେ ସରକାରୀ ଅଧିକାରୀ ଥାଆନ୍ତୁ ଯଦି ସେ ଦୁର୍ନୀତି କରନ୍ତି ତେବେ ତାଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ପଶାୟତ କହିଛନ୍ତି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରହଣ କରାଯାଇଥିବା ପଦକ୍ଷେପର ଅଗ୍ରଗତି ସଂକ୍ରାନ୍ତରେ ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଚିଟଫଣ୍ଡ ସଂସ୍ଥାରେ ନିବେଶ କରିଥିବା ଜମାକାରୀ ଟଙ୍କା ଫେରି ପାଇବାର ଆଶା ଭରଷା ହରାଇଥାନ୍ତି ଏଭଳି ସ୍ଥିତିରେ ଇଡି ଜବତ କରୁଥିବା ଟଙ୍କାରୁ ଜମାକାରୀ ସେମାନଙ୍କ ନିବେଶ ଅର୍ଥରୁ ଶତ ପ୍ରତିଶତ ନ ହେଲେ ମଧ୍ୟ ବହୁ ପ୍ରତିଶତ ଫେରସ୍ତ ପାଉଛନ୍ତି। ଗୋଟିଏ ଗୋଟିଏ ଚିଟଫଣ୍ଡ ମାମଲାରେ ୬ରୁ ୭ଶହ କୋଟି ଟଙ୍କା ଏପରି ପ୍ରକ୍ରିୟାରେ ଇଡି ମାଧ୍ୟମରେ ଜମାକାରୀ ଫେରସ୍ତ ପାଇଛନ୍ତି ଯାହା ଉଲ୍ଲେଖନୀୟ ବୋଲି ସେ କହିଛନ୍ତି। ଆସନ୍ତା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଅହମ୍ମଦାବାଦରେ ଏସଆଇଟିର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବା ପରେ ରିପୋର୍ଟ ଦାଖଲ କରାଯିବ ବୋଲି ଜଷ୍ଟିସ ପଶାୟତ ସୂଚନା ଦେଇଛନ୍ତି। ଏସ୍ଆଇଟି ଉପାଧ୍ୟକ୍ଷ ଜଷ୍ଟିସ୍ ପଶାୟତଙ୍କ ଅଧ୍ୟକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବୈଠକରେ ଇଡି ନିର୍ଦ୍ଦେଶକ ରାହୁଲ ନବୀନ, ଡିଆରଆଇ ଡିଜି ଏ.କେ.ଶ୍ରୀବାସ୍ତବ, ଭିଜିଲାନ୍ସ ନିର୍ଦ୍ଦେଶକ ୱାଇ.କେ.ଜେଠୱା, କ୍ରାଇମବ୍ରାଞ୍ଚଏଡିଜି ବିନୟତୋଷ ମିଶ୍ରଙ୍କ ସମେତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଓ ତଦନ୍ତକାରୀ ସଂସ୍ଥାର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ପ୍ରଣବ ପ୍ରକାଶଙ୍କ ଜନ୍ମଦିନ ଅବସରରେ ଦୀପଦାନ, ରକ୍ତଦାନ



ଯାଜପୁର, ୨୮।୬(ସମିସ): ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ୫୩ତମ ଜନ୍ମଦିନ ଅବସରରେ ଯାଜପୁର, କୋରେଇ ଓ ବରୀ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିବିଧ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ନିକଟରେ ବିଧାୟିକା ସୁଜାତା ସାହୁଙ୍କ ନେତୃତ୍ୱରେ ଏକ ସମୂହ ଦୀପଦାନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ବିଜେଡି ନେତା ବଳଭଦ୍ର ଦାସଙ୍କ ସମେତ ଯାଜପୁର ପୌରପାଳିକାର ସମସ୍ତ କାଉନସିଲର ଉପସ୍ଥିତ ରହି ଦୀପଦାନ କରିଥିଲେ। ସେହିପରି ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତରେ ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତାଙ୍କ ନେତୃତ୍ୱରେ ଯୁବ ବିଜେଡିର କର୍ମକର୍ତ୍ତାମାନେ ବୃକ୍ଷରୋପଣ କରିଥିଲେ। ପରେ ଯାଜପୁର ବ୍ଲକ୍ ଲଳିତେଶ୍ୱରସ୍ଥିତ ଅମ୍ବିକା ମଣ୍ଡପରେ ଅଶୋକ ଦାସ ଫାଉଣ୍ଡେସନ୍ ପକ୍ଷରୁ ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରୁ ଯୁବ ବିଜେଡି କର୍ମୀମାନେ ସାମିଲ ହୋଇ ରକ୍ତଦାନ କରିଥିଲେ। ଏଥିସହ ଜିଲ୍ଲାର ଅନେକ ପ୍ରାନ୍ତରେ ପ୍ରଣବଙ୍କ ଜନ୍ମଦିନ ଅବସରରେ ଯୁବ କର୍ମୀମାନେ କେକ୍ କାଟିବା ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଜାରି ରଖି ପୂର୍ବତନ ବିଧାୟକଙ୍କ ଦୀର୍ଘାୟୁ କାମନା କରିଥିଲେ। ସେହିପରି ଦଶରଥପୁର ବ୍ଲକ ବିଜେଡି ପକ୍ଷରୁ ଡାହାଣହତା ପଞ୍ଚାୟତ କୁଆଁସ ମା' ମଙ୍ଗଳାଙ୍କ ପୀଠରେ ସମୂହ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ବ୍ଲକ ଅଧ୍ୟକ୍ଷ ଦିଗମ୍ବର ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ସଭ୍ୟା ମନସ୍ୱିନୀ ଦାସ ପ୍ରମୁଖ ସାମିଲ ହୋଇଥିଲେ। ବରୀରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ କେକ୍ କଟାଯାଇ ଜନ୍ମଦିନ ପାଳନ କରାଯାଇଛି।

## ୧୩ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୮।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ୨୩ ଲକ୍ଷ ଇନାମ ଥିବା ମୋଟ ୧୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସୂଚନାନୁଯାୟୀ ବିଜାପୁର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଶନିବାର ପଶ୍ଚିମ ବସ୍ତର୍ ମାଓ ଡିଭିଜନ୍‌ର ୧୩ଜଣ ମାଓବାଦୀ ମାଓ ସଂଗଠନ ଛାଡ଼ି ସାଧାରଣ ଜୀବନଯାପନ ପାଇଁ ଆତ୍ମସମର୍ପଣ କରିଛନ୍ତି।


**AFFIDAVIT**

I, Gouri Rani Parida, aged about 51 years, W/o- Surendra Kumar Parida, resident of Plot No. 1289, Sastri Nagar, Nayapalli, Bhubaneswar, PIN-751001, Odisha declared by this affidavit No. 532, dtd- 26/06/2025 that now onwards I shall be known as **GOURI RANI BEHERA** for all future purposes.

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

**6370964966**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact

**GADHWAL GROUP**

**Mob.: 9437015112**

**AFFIDAVIT**

By virtue of an affidavit before The Notary Public, Titilagarh, on dated-27/06/2025. I, **Himanchal Bishi** (Applicant name), Son of Kartika Bishi, Permanent resident of AT- Banjipadar, P.O. Rigdol, P.S. Titilagarh, Dist. Balangir, (Odisha), PIN- 767033 affirm that I have changed my minor son's name from **Jopesh Bishi** (old name) To **Jupesh Bishi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Jupesh Bishi** (new name).

**Himanchal Bishi**

**AFFIDAVIT**

By virtue of an affidavit Sl. No. 378, dtd. 24.06.2025 before the Notary Public, Bhubaneswar, I, Bijoy Kumar Beura, have changed my name from Bijaya Kumar Beura to Bijoy Kumar Behera. Henceforth I shall be knownas Bijoy Kumar Beura for all purposes.

**Sd/- Bijoy Kumar Beura**

**AFFIDAVIT**

I Kalu Charan Parida, aged about 43 years, S/o- Raj Kishor Parida, resident of At/Po: Goda, Ps- Begunia, Dist- Khordha, Odisha Aadhar No- 3453 9768 8641, Khordha Executive Magistrate declared that **Kalu Charan Parida** and **Prasanta Kumar Parida** both the name same and one person for all purposes.

**Kalu Charan Parida**

**AFFIDAVIT**

By the virtue of an affidavit sworn before Notary Public Daringibadi, Dated 24.06.2025. I KANCHANI BALIARSINGH, D/o Mard Nayak, Address Simonbadi, Po: Simonbadi, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from KANJANI BALIYARSINGH to KANCHANI BALIARSINGH . Henceforth, I shall be known as **KANCHANI BALIARSINGH** for all purposes.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**TRUST FUND DEGREE COLLEGE, BARGARH**

Phone No. 06646 - 231498

**WALK IN INTERVIEW FOR GUEST FACULTY**

Desirous candidates having more than 55% of marks in concerned subject at P.G. Level may attend the walk in interview for Guest faculty in Physics to be held on **dt. 11.07.2025 at 10.00 A.M.** in college premises.

N.B.: No T.A. / D.A. will be provided to the candidate.

Sd/-
Principal in-Charge-cum-Secretary
TRUST FUND DEGREE COLLEGE,
BARGARH.

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

Ref.No:- Edn/2025 /63 Date:-28/06/2025

**ADVERTISEMENT**

**Ispat Vidyamandir,Sector-19, Rourkela (affiliated to CHSE, Odisha)**, run by SAIL, Rourkela Steel Plant requires **Short Term Teachers** for the **session 2025-26** (July, 2025 to April,2026). The subjects, vacancies and requisite qualification for eligibility are as follows :

| Category | Subjects & Vacancy | Minimum requisite qualification |
|---|---|---|
| Category-I (Class-XI to XII) | Lab Asst. (Chemistry)-01 | Minimum 50% marks in aggregate at Graduation level with Chemistry. OR Masters Degree in Chemistry |
| Category-I (Class-XI to XII) | PET - 01 | Bachelor Degree in Physical Education |

**Preference:** Candidates with a) B.Ed/ Higher Qualification, b) Better academic credentials / records, c) Teaching experience in Higher Secondary Schools or College affiliated to CHSE, Odisha.

**Upper Age Limit:** (i) Maximum 60 years (As on date of advertisement)

**Honorarium (Maximum) per month** (subject to 100 periods per month):
**Category-I : Rs.18,000/-**
**Essential documents:**
Interested Candidates, with the above mentioned requisite qualifications may apply in an Application format mentioning i) name ii) subject & category applied for iii) qualification iv) address v) contact nos vi) email-id vii) photograph to be affixed and self attested copies of certificates / mark sheets and submit the same at the Office of Asst. Mgr.(TS) Education, Ispat Vidyamandir, Sector-19, Rourkela Steel Plant, Rourkela by hand on or **before 05/ 07 /2025 ( Saturday) within 10.30 am to 1.00 pm.**

All communication shall be intimated to the candidate **by e-mail / sms only. Accordingly, candidates are requested to keep their e-mail active and check it regularly.** Candidates have to produce the original testimonials and ID proof for verification on the day of interview. Selection will be made through Classroom Demonstration followed by Personal Interview at the institution premises on the date and time to be specified in the intimation. **(No TA/DA will be paid for attending the interview)**

**Address for Communication**
Asst. Manager (TS) Education & Education Officer,
Rourkela Steel Plant,
Education Office,
Ispat Vidyamandir, Sec-19, RKL-5
sujit.naik@sail.in
Mob. 8895503237

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

There's a little bit of SAIL in everybody's life

# ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି



ନୟାଗଡ଼,୨୮।୬(ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଶନିବାର ଦ୍ୱିତୀୟ ଦିନରେ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ମା' ସୁଭଦ୍ରାଙ୍କୁ ଗୁଣ୍ଡିଚା ମନ୍ଦିର ନିକଟରେ ହଜାର ହଜାର ଭକ୍ତ ସନ୍ଧ୍ୟା ଦର୍ଶନ କରିଛନ୍ତି। ନୀତି ଶେଷ ହେବା ପରେ ରାତି ୯ଟା ବେଳକୁ ଚତୁର୍ଦ୍ଧାମୂର୍ତ୍ତି ଆଡ଼ପ ମଣ୍ଡପକୁ ବିଜେ କରିଥିବା ସୂଚନା ମିଳିଛି। ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଘୋଷଯାତ୍ରା ପାଇଁ ଦେବୋତ୍ତର ବିଭାଗ ଏବଂ ପୁଲିସ ପ୍ରଶାସନ ତତ୍ପର ରହିଥିବା ଦେଖାଯାଇଛି।

■ ଖଣ୍ଡପଡ଼ା ଗଡ଼ଜାତ ଜଗନ୍ନାଥଙ୍କ ରଥଯାତ୍ରା

# ଛେରାପହଁରା କଲେ ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ

ଖଣ୍ଡପଡ଼ା,୨୮।୬(ସମିସ): ଖଣ୍ଡପଡ଼ା ଗଡ଼ଜାତ ଜଗନ୍ନାଥଙ୍କ ରଥଯାତ୍ରାରେ ଛେରାପହଁରା ନୀତି ସମ୍ପନ୍ନ କରିଛନ୍ତି ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ। ଖଣ୍ଡପଡ଼ା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜଙ୍କ ଅସୁସ୍ଥତା କାରଣରୁ ତାଙ୍କ ପ୍ରତିନିଧି ଭାବେ ତାଙ୍କ ପୁତ୍ର ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ ଏହି ଦାୟିତ୍ୱ ତୁଲାଇଛନ୍ତି। ରୀତିନୀତି ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ପୁରୋହିତ ଓ ଅନ୍ୟ ମନ୍ଦିର ସେବାୟତମାନେ ରଥାରୂଢ଼ ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ ରାଜବାଟିକୁ ଆଣି ପୂଜାର୍ଚ୍ଚନା କରିବା ପରେ ଯୁବରାଜଙ୍କୁ ହଜାର ହଜାର ଭକ୍ତଙ୍କ ଗହଣରେ ରାଜନଅରରୁ ରଥ ଅଭିମୁଖେ ପଟୁଆରରେ ପାଛୋଟି ନେଇଥିଲେ। ଘଣ୍ଟ, ହୁଳହୁଳି, ପାରମ୍ପରିକ ବାଦ୍ୟ ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ପରିବେଶ କମ୍ପି ଉଠିଥିଲା।

ରଥ ଉପରେ ରାଜ ପୁରୋହିତ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଯୁବରାଜ ସିଦ୍ଧାର୍ଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଲଟ, ଚାମର, ଆଳତି ସେବା କରିବା ସହ ରଥ ଚାରିପାଖେ ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ। ଖଣ୍ଡପଡ଼ା ଗଡ଼ଜାତ ଅଞ୍ଚଳର ଇତିହାସ ଅନୁସାରେ, ଏଠାରେ ତତ୍କାଳୀନ ରାଜା ନୀଳାଦ୍ରି



ସିଂହ ମର୍ଦ୍ଦରାଜ (୧୭୭୫-୮୯ ମଧ୍ୟରେ) ପୁରୀ ଶ୍ରୀମନ୍ଦିର ଅନୁରୂପ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରି ପ୍ରଥମେ ରଥଯାତ୍ରା ଆରମ୍ଭ କରି ନିଜେ ଛେରାପହଁରା କରିଥିଲେ। ସେବେଠାରୁ ପୁରୀ ଜଗନ୍ନାଥଙ୍କ ରୀତିନୀତି ଅନୁସାରେ ନିରବଚ୍ଛିନ୍ନ ଭାବରେ ରଥଯାତ୍ରା ପାଳିତ ହୋଇଆସୁଛି। ପରବର୍ତ୍ତୀ ସମୟରେ ବିଭିନ୍ନ ରାଜାମାନେ ଏହି ପରମ୍ପରା ପାଳନ କରିଆସୁଛନ୍ତି। ୧୯୭୭ରେ ପିତା ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟଙ୍କ ଦେହାନ୍ତ ପରଠାରୁ ଖଣ୍ଡପଡ଼ାର ବର୍ତ୍ତମାନର ରାଜା ଭିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ଏହି ଛେରାପହଁରା ସେବା କରିଆସୁଛନ୍ତି। ଚଳିତ ବର୍ଷ ତାଙ୍କ ଦେହ ଅସୁସ୍ଥ ଥିବା କାରଣରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ସେ ରଥରେ ଏହି ଛେରାପହଁରା ନୀତି କରିବାରେ ଅସମର୍ଥ ପ୍ରକାଶ କରିଥିଲେ। ଫଳରେ ତାଙ୍କ ପୁତ୍ର ଯୁବରାଜ ସିଦ୍ଧାର୍ଥ ଶେଖର ସିଂହ ଏହି ଦାୟିତ୍ୱ ତୁଲାଇଛନ୍ତି।

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକ ଓ ପ୍ରତିମୂର୍ତ୍ତି ଅନାବରଣ

# ରାମଚନ୍ଦ୍ରଙ୍କ ନାଟକରେ ଶୋଷଣ, କଷଣ ପ୍ରତିଫଳିତ

ନୟାଗଡ଼,୨୮।୬(ସମିସ): ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୧୫ ଫୁଟ୍ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ତଥା ୩୩ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ପଠାଣୀ ସାମନ୍ତ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ପ୍ରଶାସନ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ପୌର




ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଜାତା କୁମାରୀ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ସାମିଲ୍ ହୋଇଥିଲେ। କଣ୍ଠଶିଳ୍ପୀ ରଜନୀକାନ୍ତ ମହାପାତ୍ର ଆବାହନ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଶରତ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ୧୯୨୦ ମସିହାରେ ଦଶପଲ୍ଲା ମାଟି କୁଞ୍ଜବନଗଡ଼ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ଜୀବନକାଳ ମଧ୍ୟରେ ସେ ଅନେକ ନାଟକ ରଚନା କରି ସୁନାମ ଅର୍ଜ୍ଜନ କରିଥିଲେ। ନୟାଗଡ଼ ବିଧାୟକ ତାଙ୍କ ବକ୍ତବ୍ୟରେ, ୫୦ ବର୍ଷ ତଳେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ଲିଖିତ ମୁଲିଆ ନାଟକ ଏବଂ ବର୍ତ୍ତମାନର ନାଟକ ମଧ୍ୟରେ ଏକ ତୁଳନାତ୍ମକ ଉପସ୍ଥାପନା ରଖିଥିଲେ। ଦଶପଲ୍ଲା ବିଧାୟକ ତାଙ୍କ ବକ୍ତବ୍ୟରେ ରାମଚନ୍ଦ୍ର ମିଶ୍ରଙ୍କ ନାଟକ ମଧ୍ୟରେ ସାମାଜିକ ଚଳନି, ଶୋଷଣ, କଷଣ ପ୍ରତିଫଳିତ ହୋଇଥିବା ଦର୍ଶାଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଏବଂ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

● ଓଡ଼ଗାଁ ରାଜ୍ୟସ୍ତରୀୟ ପ୍ରଥମ ଡେଭିଡ୍ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଫାଇନାଲ୍ ମ୍ୟାଚ୍ ଖେଳିବେ ଜଟଣୀ ଓ କେନ୍ଦୁଝର

ଓଡ଼ଗାଁ,୨୮।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମ୍‌ରେ ସ୍ଥାନୀୟ ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ପ୍ରଥମ ଡେଭିଡ୍ ପ୍ରତିହାରୀ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଫାଇନାଲ୍ ମ୍ୟାଚ୍ ଖେଳିବେ ଜଟଣୀ ଓ କେନ୍ଦୁଝର। ଶନିବାର ୩ୟ ଦିନର ପ୍ରଥମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍‌ରେ କେନ୍ଦୁଝର ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ବଲାଙ୍ଗିର ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ୧୧.୪ ଓଭରରେ ସମସ୍ତ ୱିକେଟ୍ ହରାଇ ୭୯ ରନ୍ କରିଥିଲା। ଏହାର ମୁକାବିଲା କରିବାକୁ ଯାଇ କେନ୍ଦୁଝର ଦଳ ୬ ଓଭରରେ ୧ ୱିକେଟ୍ ବିନିମୟରେ ୮୦ ରନ୍ କରି ବିଜୟ ହାସଲ କରିଥିଲେ। ବିଜୟୀ ଦଳର ରାକେଶ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସେହିପରି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ କେନ୍ଦୁଝର ଓ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ପୁରୀ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୪ ରନ୍ କରିଥିଲା। ଏହାର ମୁକାବିଲାରେ କେନ୍ଦୁଝର ଦଳ ନିର୍ଦ୍ଧାରିତ ୧୧.୪ ଓଭରରେ ୭ ୱିକେଟ୍ ବିନିମୟରେ



୧୦୫ ରନ୍ କରି ମ୍ୟାଚ୍ ଜିତି ଫାଇନାଲ୍‌ରେ ପ୍ରବେଶ କରିଛି। ବିଜୟୀ ଦଳର ଭାଗିରଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଜ୍ଞାନ ରଞ୍ଜନ ସ୍ୱାଇଁ ଏବଂ ଶ୍ରୀକାନ୍ତ କୁମାର ଖେଳ ପରିଚାଳନା କରିଥିଲେ। ବଲାଙ୍ଗିର ଦଳର ଜଣେ ଜାତୀୟସ୍ତରର ଖେଳାଳି ଛୋଟାଆକାଶଙ୍କୁ ଖେଳ ମଣିଷ ତଥା ରଘୁନାଥ ଆଥ୍‌ଲେଟିକ୍ ଆସୋସିଏସନ୍ ସମ୍ପାଦକ ଦିବାକର ନାୟକଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

● ଖଣ୍ଡପଡ଼ାରେ ନିଶା ନିବାରଣ ପ୍ରହସନ

# ଦେଶୀ ମଦ ପାଇଁ ଲାଇସେନ୍ସ; ବିକ୍ରି ହେଉଛି ପାଉଚ୍

ନୟାଗଡ଼/ଖଣ୍ଡପଡ଼ା,୨୮।୬(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅବକାରୀ ବିଭାଗ ନିଶା ନିବାରଣ ନାଁରେ ପ୍ରହସନ କରୁଛି। ଲାଇସେନ୍ସପ୍ରାପ୍ତ ଦେଶୀ ମଦ ଦୋକାନ ଏବଂ ଏହାର ମାର୍ଫତ୍‌ଦାରଙ୍କ ତତ୍ତ୍ୱାବଧାନରେ ଅପମିଶ୍ରିତ ଦେଶୀ ମଦ ପାଉଚ୍ କାରବାର ସାଂଘାତିକ ସ୍ଥିତିରେ ପହଞ୍ଚିଛି। କଣ୍ଟିଲୋ ଓ ବାହାଡ଼ା ଦେଶୀ ମଦ ଦୋକାନଗୁଡ଼ିକରେ ଏଭଳି ସାଂଘାତିକ କାରବାର ଚାଲୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜଙ୍ଗଲ ମଧ୍ୟରେ ଅପମିଶ୍ରିତ ଦେଶୀ ମଦ ରନ୍ଧାଯାଇ ଏହାକୁ ପାଉଚ୍ କରାଯାଉଛି। ଏହି ପାଉଚ୍‌କୁ ସ୍ଥାନୀୟ ଅଞ୍ଚଳର ଛୋଟ ଛୋଟ ମଦ ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଉଛି। ଅବକାରୀ ବିଭାଗ ଏସବୁ ଜାଣି ଆଖିବୁଜି ଦେଇଥିବାବେଳେ ମଦ ବ୍ୟବସାୟୀମାନେ ଖୁଲମ୍‌ଖୁଲା ବେପାର କରୁଛନ୍ତି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ଚୋରା ମଦ ବ୍ୟବସାୟୀଙ୍କ ସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। କିଛି ଲୋକ ରାତାରାତି ବଡ଼ ଲୋକ ହେବା ଆଶାରେ ଗାଁ ଗହଳିରେ ଦେଶୀ ବିଦେଶୀ ମଦ ବିକ୍ରି କରି ଭଲ ମୁନାଫା କମେଇବା ସହ ଯୁବକଙ୍କୁ ନିଶାଡ଼ି ଏବଂ ପଥଭ୍ରଷ୍ଟ କରେଇବାରେ ମୁଖ୍ୟ ଭୂମିକା ନିଭାଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କିଛି ସ୍ଥାନରେ ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ଦିନ ଦ୍ୱିପହରରେ କ୍ୟାବିନ୍, ଝୁମ୍ପୁଡ଼ି ଘର ଏବଂ ଗାଁ ଭିତର ଗ୍ରୋସରି ଦୋକାନରେ ବେଆଇନ ଭାବେ କିଛି ଅସାଧୁ ବ୍ୟବସାୟୀ ଦେଶୀ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସେଇ ରାସ୍ତା ଦେଇ ପୁଲିସ କିମ୍ବା ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିଲେ ସୁଦ୍ଧା ଚୋରା ମଦ ବ୍ୟବସାୟୀଙ୍କ ଡର ଭୟ ନ ଥିବା ଜଣାପଡ଼ିଛି। ପୂର୍ବରୁ ଏନେଇ ବାରମ୍ବାର ଖବର ପ୍ରକାଶିତ ହୋଇଥିଲେ ମଧ୍ୟ କୌଣସି ପ୍ରଭାବ ନ ପଡ଼ିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

**କଣ୍ଟିଲୋ ଓ ବାହାଡ଼ାରେ ସର୍ବାଧିକ**

ଅଭିଯୋଗ ଅନୁଯାୟୀ, ଖଣ୍ଡପଡ଼ା ଥାନା ଅଧୀନ ପ୍ରାୟ ସମସ୍ତ ପଞ୍ଚାୟତରେ ଚୋରାରେ ଦେଶୀ ମଦ ବ୍ୟାପକ ଭାବେ ବିକ୍ରି ହେଉଥିବା ସାଧାରଣ ଲୋକେ ଅଭିଯୋଗ ଆଣିଛନ୍ତି। ଏହା ଦ୍ୱାରା ଗାଁ ଗହଳିରେ ସାମାଜିକ ଚଳଣିରେ ଧୀରେ ଧୀରେ ଅସ୍ଥିରତା ଦେଖାଦେଇଛି। ଏତଦ୍‌ବ୍ୟତୀତ ଗାଁମାନଙ୍କରେ ବେଆଇନ ଭାବରେ ୨୪ଘଣ୍ଟିଆ ମଦ ବିକ୍ରି ଯୋଗୁଁ ଯେକୌଣସି ସମୟରେ ନିଶା ଖାଇ କିଛି ଯୁବସମାଜ ପଥଭ୍ରଷ୍ଟ ହୋଇ ଚୋରି, ରାହାଜାନୀ କରିବା ସହ ଘରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ଆଉ କିଛି ନିଜ ଉପରୁ ନିୟନ୍ତ୍ରଣ ହରାଇ ଆତ୍ମହତ୍ୟା କରୁଥିବା ନଜରକୁ ଆସିଛି। ଖଣ୍ଡପଡ଼ା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳକୁ ମଦମୁକ୍ତ କରିବା ପାଇଁ ଆଗରୁ ଅନେକ ବୁଦ୍ଧିଜୀବୀ ଏବଂ ରାଜନେତା ଗାଁମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି। କେବେ ଏ ଚୋରା ବ୍ୟବସାୟକୁ ରୋକ୍ ଲଗାଯାଇ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବାଧ ଚାଲାଣ ବିରୋଧୀ ଦିବସ

ନୟାଗଡ଼,୨୮।୬(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଅବକାରୀ ବିଭାଗର ମିଳିତ ସହଯୋଗରେ ପାଳନ କରାଯାଇଥିଲା। ଏହି ଦିବସ ଅବସରରେ ପ୍ରଥମେ ନୟାଗଡ଼ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ତତ୍ତ୍ୱାବଧାନରେ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ନୟାଗଡ଼ ପଞ୍ଚାୟତ ସମିତି ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ କଲେଜ ଓ ସ୍କୁଲ ଛାତ୍ରଛାତ୍ରୀ, ନିଶା ନିବାରଣ କେନ୍ଦ୍ର (ସେବା)ର ଅନ୍ତେବାସୀ, ବୟୋଜ୍ୟେଷ୍ଠ ବ୍ୟକ୍ତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ଯୋଗଦେଇ ନିଶାସେବନର ଅପକାରିତା ବିଷୟରେ ସ୍ଲୋଗାନ ଦେଇଥିଲେ। ଏହି



ଦିବସ ପାଳନ ପରିପ୍ରେକ୍ଷୀରେ ନୟାଗଡ଼ ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଭାପତିତ୍ୱରେ ଏକ ସୁନ୍ଦର ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଶାସେବନର କୁପରିଣାମ ଏବଂ ଏଥିରୁ ନିବୃତ୍ତ ରହିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଉକ୍ତ ସଭାରେ ନୟାଗଡ଼ ନଗର ଉନ୍ନୟନ ଅଧ୍ୟକ୍ଷା ନିରୂପମା ଖଟେଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁକାନ୍ତ ପାତ୍ର, ଜିଲ୍ଲା ଅବକାରୀ ଅଧୀକ୍ଷକ ଜ୍ଞାନରଞ୍ଜନ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ଡ୍ରଗ୍ସ ଇନ୍‌ସପେକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। ଏଥସହ ନିଶା ନିବାରଣରୁ ଦୂରେଇଥିବା ୫ ଜଣ ଅନ୍ତେବାସୀଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ନିଶାନିବାରଣ ଉପରେ ହୋଇଥିବା ବିତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ୯ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବାଧ ଚାଲାଣ ନିରୋଧ ଦିବସ ପାଳିତ



ନୟାଗଡ଼,୨୮।୬(ସମିସ): ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ କ୍ରମେ ତଥା ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ତତ୍ତ୍ୱାବଧାନରେ ଖୁଣ୍ଟୁବନ୍ଧ ସରକାରୀ ଆଇଟିଆଇ କଲେଜରେ ଅନ୍ତର୍ଜାତୀୟ ଔଷଧ ଅପବ୍ୟବହାର ଓ ଅବାଧ ଚାଲାଣ ନିରୋଧ ଦିବସ ଏବଂ ପୋକ୍ସୋ ଆକ୍ଟ ଉପରେ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଚିବ ଅଞ୍ଜଳି ମଚ୍ଛଖଣ୍ଡ ପ୍ରଦୀପ ପ୍ରଜ୍ୱଳନ କରି ଅନ୍ତର୍ଜାତୀୟ ଔଷଧ ଅପବ୍ୟବହାର ଓ ଅବାଧ ଚାଲାଣକୁ ରୋକିବା ଉପରେ ସଚେତନତା କରାଇଥିଲେ। ସମ୍ମାନିତ ଅତିଥିରୂପେ ବରିଷ୍ଠ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା ପୋକ୍ସୋ ଆଇନ୍ ୨୦୧୨ର ଚାଇଲ୍ଡ ପର୍ଣ୍ଣୋଗ୍ରାଫି ନିରାକରଣ ଉପରେ ଆଲୋକପାତ କରିଥିଲେ। ସୋହମ ସମ୍ପାଦକ ଓକିଲ କାମାକ୍ଷା ଦାସ, ପିରାମଲ ଫାଉଣ୍ଡେସନର ଅମନ ମିଶ୍ର, ଆଇଟିଆଇ କଲେଜର ଟ୍ରେନିଂ ଅଫିସର ସୁଶାନ୍ତ କୁମାର ଜେନା, ଅଧ୍ୟାପକ ଜିତେନ୍ଦ୍ର ବରାଳ, ପ୍ରାଧିକରଣ କର୍ମଚାରୀ ପ୍ରଶାନ୍ତ ସାହୁ, ରାଜେଶ ବାରିକ, ଅଧିକାର ମିତ୍ର, ଶୁଭସ୍ମିତା ମିଶ୍ର, ପ୍ରଭାସିନୀ ରାଉତ, ମମତା ବେହେରା, ମିକି ରାଉତ ସହଯୋଗ କରିଥିଲେ। ଶେଷରେ ଅଧ୍ୟକ୍ଷ କାନ୍ତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣିଆ-ଦଶପଲ୍ଲା ରାସ୍ତା: ଫସିଗଲା ଟ୍ରକ୍, ଯାତାୟାତ ଠପ୍

ନୟାଗଡ଼,୨୮।୬(ସମିସ): ଗଣିଆ-ଦଶପଲ୍ଲା ମୁଖ୍ୟରାସ୍ତା କରଡ଼ାପଡ଼ାଠାରେ ଫସି ରହିଛି ଟ୍ରକ୍। ରାସ୍ତାରେ ଥିବା ଖାଲ ପାଇଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଉକ୍ତ ରାଜ୍ୟ ରାଜପଥରେ ଦୀର୍ଘଦିନ ହେବ ଗୋଟିଏ ଗାତ ହୋଇଥିଲା। ଲଗାଣ ବର୍ଷାରେ ଶୁକ୍ରବାର ରାତିରେ ପ୍ରଥମେ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଅଟକିଥିଲା। ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ଭ୍ୟାନ୍‌କୁ ଖାଲରୁ ବାହାର କରାଯିବା ପରେ ଶନିବାର ସକାଳୁ ଗୋଟିଏ ୧୪ ଚକିଆ ଟ୍ରକ୍ ଉକ୍ତ ରାସ୍ତାରେ ଫସିରହିଥିଲା। ଯାହା ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇଯାଇଥିଲା। ଦିନ ୧ଟାରେ ଆଉ ଗୋଟିଏ ଟ୍ରକ୍ ସେଠାରେ ଫସିଥିବା ଫଳରେ ଯାତାୟାତ ଏକପ୍ରକାର ଠପ୍ ହୋଇଯାଇଛି। ପୂର୍ବରୁ ଉକ୍ତ ରାସ୍ତା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେଲା ପରେ ବି ପ୍ରଶାସନର ନିଦ ଭାଙ୍ଗୁନି। ପୂର୍ତ୍ତ ବିଭାଗ ଅବହେଳାକୁ ଦାୟୀ କଲେ ଲୋକ। ସକାଳୁ ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ଦିନ ୨ଟା ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇପାରିନାହିଁ। ରାସ୍ତାର ଉଭୟ ପାଶ୍ୱର୍ରେ ଗାଡ଼ି ମୋଟର ଅଟକି ରହିଛି। ତୁରନ୍ତ ଉକ୍ତ ରାସ୍ତା ମରାମତି କରି ଯାତାୟାତ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହେଉଛି।



# ଯୁବକଙ୍କୁ ଛୁରାମାଡ଼ କରି ଟଙ୍କା ଲୁଟ୍

ବାଲୁଗାଁ,୨୮।୬(ସମିସ): ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ଅନ୍ତର୍ଗତ ନୂଆଗଡ଼ ଓଭରବ୍ରିଜ୍ ନିକଟରୁ ଶୁକ୍ରବାର ରାତିରେ ୩ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବସ୍‌ରୁ ଓହ୍ଲାଇଥିବା ଜଣେ ଯୁବକଙ୍କୁ ଛୁରାମାଡ଼ କରି ତାଙ୍କଠାରୁ ୫୦ହଜାରରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ସହ ଏକ ମୋବାଇଲ୍ ଫୋନ୍ ଲୁଟି ନେଇ ଫେରାର୍ ହୋଇଯାଇଥିଲେ।



ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇ ଯୁବକ ଜଣକ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଆହତ ଜଣକ ହେଲେ ନାଭାଲ ଫାଣ୍ଡି ଅନ୍ତର୍ଗତ ଖାରିବନ୍ଧ ପାଢ଼ନିବାସ ରୋଡ୍‌ର ବୃନ୍ଦାବନ ପ୍ରଧାନଙ୍କ ପୁଅ ମନୋଜ ପ୍ରଧାନ (୨୬)। ଆକ୍ରମଣର କାରଣ ଅସ୍ପଷ୍ଟ ଥିବାବେଳେ ବାଲୁଗାଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଖାରିବନ୍ଧ ପାଢ଼ନିବାସ ରୋଡ୍‌ର ମନୋଜ ନିଜର କାମ ସାରି ଶୁକ୍ରବାର ବସ୍‌ରେ ଭୁବନେଶ୍ୱରରୁ ଆସି ରାତି ପ୍ରାୟ ୯ଟାରେ ୧୬ ନଂ ଜାତୀୟ ରାଜପଥ ବାଲୁଗାଁ ନିକଟସ୍ଥ ନୂଆଗଡ଼ ଓଭରବ୍ରିଜ୍‌ଠାରେ ଓହ୍ଲାଇଥିଲେ। ଏହି ସମୟରେ ଏକ ବାଇକ୍ ଯୋଗେ ୩ଜଣ ଦୁର୍ବୃତ୍ତ ଆସି ମନୋଜଙ୍କୁ ଛୁରାମାଡ଼ କରି ବ୍ୟାଗ୍‌ରେ ରଖିଥିବା ନଗଦ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ମୋବାଇଲ୍ ଫୋନ୍ ଲୁଟି ନେଇ ଘଟଣାସ୍ଥଳରୁ ଗଞ୍ଜାମ ଅଭିମୁଖେ ପଳାଇଥିଲେ। ଆକ୍ରମଣରେ ମନୋଜଙ୍କ ପେଟରେ ଆଘାତ ଲାଗି ରକ୍ତଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବାବେଳେ ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରି ଦେଇଥିଲେ। ଖବରପାଇ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

କୁସୁମୀ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ

# ଦିନ ଗଡୁଛି; କାମ ସରୁନି

ନୟାଗଡ଼,୨୮।୬(ସମିସ)

ନୟାଗଡ଼ ସଦର ବ୍ଲକ୍ ଅନ୍ତର୍ଗତ ସୁନାଲଟିଠାରେ ନିର୍ମାଣ ହେଉଥିବା କୁସୁମୀ ପ୍ରକଳ୍ପ କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ପ୍ରକଳ୍ପ ଆରମ୍ଭରୁ ଏବେ ମଧ୍ୟରେ ଅନେକ ଅଧୀକ୍ଷଣ ଯନ୍ତ୍ରୀ ବଦଳି ହୋଇ ସାରିଥିଲେ ବି କାମ ଯେତିକି ଦ୍ରୁତ ଗତିରେ ଆଗେଇବା କଥା, ତାହା ହେଉନାହିଁ।

ନୟାଗଡ଼ ଜିଲ୍ଲାରେ ଜଳସେଚନ ପାଇଁ କୁଆଁରିଆ, ବୁଢ଼ାବୁଢ଼ିଆଣୀ ଡ୍ୟାମ୍ ସମେତ ଛୋଟ ଓ ମଧ୍ୟମ ଧରଣର ଅନେକ ଡ୍ୟାମ୍ ରହିଛି। ଜଳସେଚନ ବିଭାଗ ଅଧୀନରେ ଡାହୁକା ଜଳସେଚନ ବ୍ୟାରେଜ୍ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ବ୍ୟାରେଜ୍ ବ୍ୟବସ୍ଥା ନ ଥିଲା। ଯାହାକୁ ନେଇ ନୟାଗଡ଼ ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ସୁନାଲଟିଠାରେ ନିର୍ମାଣ କରାଯାଇଛି କୁସୁମୀ ଜଳସେଚନ ପ୍ରକଳ୍ପ ବା କୁସୁମୀ ବ୍ୟାରେଜ୍। ବ୍ୟାରେଜ୍ ନିର୍ମାଣ କାମ ଦେଢ଼ ବର୍ଷ ତଳୁ ଶେଷ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ କାମ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି। ୨୦୦୮ ମସିହା ଦୁର୍ଗାପୂଜା ସମୟରେ ବିଭିନ୍ନ ଗାଁ ବୁଲିବାବେଳେ ବଡ଼ପଣ୍ଡୁସର ଗ୍ରାମର କପିଳ ମହାରଣା ସୁନାଲଟିଠାରେ ଏକ ବନ୍ଧ ନିର୍ମାଣ କରିବାକୁ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କୁ ପ୍ରସ୍ତାବ ଦେଇଥିଲେ। କପିଳଙ୍କ ଚିନ୍ତାଧାରାକୁ ବିଧାୟକ ଗ୍ରହଣ କରିବା ପରେ



ଜଳସେଚନ ବିଭାଗ ଦ୍ୱାରା ସର୍ଭେ କରାଯାଇ ଏହାର ସମ୍ଭାବନା ଥିବା ଜଣାପଡ଼ିଥିଲା। ୨୦୦୮ରୁ ୨୦୧୯ ଦୀର୍ଘ ୧୦ ବର୍ଷର ଚେଷ୍ଟା ପରେ ୨୦୧୯

● ଏଯାଏଁ ହୋଇନି ବିଦ୍ୟୁତ୍ ବ୍ୟବସ୍ଥା
● ନିର୍ମାଣାଧୀନ ଅବସ୍ଥାରେ କୋଠା
● ପାର୍କ ଓ ବଙ୍ଗଳା ନିର୍ମାଣ କେବେ

ନଭେମ୍ବର ୩୦ରେ ପ୍ରକଳ୍ପ ନିର୍ମାଣ ନେଇ ଶୁଭ ଦିଆଯାଇଥିଲା। ୨ ବର୍ଷ ମଧ୍ୟରେ ପ୍ରକଳ୍ପ ନିର୍ମାଣ ଶେଷ ହେବ ଆକଳନ କରାଯାଇଥିଲା। କରୋନା ମହାମାରୀ ସେଥିରେ ବାଧା ସୃଷ୍ଟି କରିଥିଲା। ନୟାଗଡ଼ ବିଧାୟକଙ୍କ ବାରମ୍ବାର ଚେଷ୍ଟା ଓ ସମୀକ୍ଷା ଏବଂ କାର୍ଯ୍ୟ କରିବାର ତାଗିଦ୍ ପରେ ଗତବର୍ଷ ଫେବୃଆରୀ ମାସରେ ବ୍ୟାରେଜ୍ ନିର୍ମାଣ ଶେଷ ହୋଇଥିଲା। ନୟାଗଡ଼ ବ୍ଲକ୍ ଅନ୍ତର୍ଗତ ବାଉଁଶିଆପଡ଼ା ପଞ୍ଚାୟତ ସୁନାଲଟି ଗ୍ରାମଠାରେ ଦୁଆଣ୍ଟ ଏବଂ କୁସୁମୀ ନଦୀର ମିଳନସ୍ଥଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ତିନିଟି ବ୍ଲକ୍‌ର ୩୭୪୫ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ପାଇଁ ୩୨୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ସେଥିମଧ୍ୟରୁ ୭୦ କୋଟି ଟଙ୍କା ବ୍ୟୟରେ ବ୍ୟାରେଜ୍ ନିର୍ମାଣ ହୋଇଥିବାବେଳେ ୧୪୮ କୋଟି ଟଙ୍କାରେ ୟୁଜିପିଏଲ୍ ତଥା ଭୂମିତଳେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମୋଟ ୧୪ କି.ମି. ବଡ଼ ପାଇପ୍ ବ୍ୟବସ୍ଥା ଏବଂ ୪୭୦ କି.ମି. ଛୋଟ ପାଇପ୍ ଦ୍ୱାରା ଜଳସେଚନ ବ୍ୟବସ୍ଥା କରାଯାଇଛି।

ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବାବଦରେ ୧୪ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହା ସହିତ ନିକଟରେ ଏକ କାର୍ଯ୍ୟାଳୟ ଗୃହ ନିର୍ମାଣାଧୀନ ଅବସ୍ଥାରେ ରହିଛି। ଏହି ପ୍ରକଳ୍ପ ପାଇଁ ବିଦ୍ୟୁତ୍ ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ ହୋଇନାହିଁ। ସୌନ୍ଦର୍ଯ୍ୟକରଣ ତଥା ବଙ୍ଗଳା ଓ ପାର୍କ ନିର୍ମାଣ କାର୍ଯ୍ୟ ଏଯାଏଁ ଆରମ୍ଭ ହୋଇନାହିଁ। ଏହା ସହିତ ଆହୁରି ଅନେକ କାର୍ଯ୍ୟ ବାକି ରହିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ, ୫୦ କୋଟି ଟଙ୍କାର କାର୍ଯ୍ୟ ଏଯାଏଁ ଟେଣ୍ଡର ହୋଇନାହିଁ। କୁସୁମୀ ପ୍ରକଳ୍ପ ଦ୍ୱାରା ନୟାଗଡ଼ ବ୍ଲକ୍‌ର ସୁନାଲଟି, କୃଷ୍ଣପ୍ରସାଦ, ନୂଆଗାଁ, ବିରୁଡ଼ା, ସରପଡ଼ା, ରାମଚନ୍ଦ୍ରପୁର, ହରେକୃଷ୍ଣପୁର, ପୁରୁଷୋତ୍ତମପୁର, ମୃତ୍ୟୁଞ୍ଜୟପୁର, ଗୋଡ଼ିପାଟଣା, ଜହ୍ନିପଦା, ବିଜିପୁର, ବାଉଁଶଗାଡ଼ିଆ, ବଡ଼ପଣ୍ଡୁସର, ତୁଳସୀପୁର ସମେତ ଖଣ୍ଡପଡ଼ା ଓ ଭାପୁର ବ୍ଲକ୍‌ର ମୋଟ୍ ୫୦ରୁ ଊର୍ଦ୍ଧ୍ୱ ଗ୍ରାମର ଚାଷଜମି ଜଳସେଚିତ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏଥିରେ ନୟାଗଡ଼ ବ୍ଲକ୍‌ର ୨ହଜାର ୬୮ ହେକ୍ଟର, ଖଣ୍ଡପଡ଼ା ବ୍ଲକ୍‌ର ୯୧୨ ହେକ୍ଟର, ଭାପୁର ବ୍ଲକ୍‌ର ୭୬୫ ହେକ୍ଟର ଜମି ଜଳସେଚିତ ହେବ। ମୋଟ୍ ୩୭୪୫ ହେକ୍ଟର ଜମି ଜଳସେଚିତ ହୋଇପାରିବ ବୋଲି ଜଣାପଡ଼ିଛି। କେବେ କୁସୁମୀ ପ୍ରକଳ୍ପ କାର୍ଯ୍ୟ କେବେ ପୂର୍ଣ୍ଣାଙ୍ଗ ରୂପ ନେବ ଏବଂ ଏହା ଲୋକଙ୍କ ଜୀବନରେଖା ପାଲଟିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୨୦ ଫୁଟ୍ ତଳକୁ ଖସିଲା କାର୍; ୫ ଗୁରୁତର

**ବାଲୁଗାଁ, ୨୮।୬(ସମିସ):** ଶନିବାର ୧୬ ନମ୍ବର ଜାତୀୟ ରାଜପଥର ବାଲୁଗାଁ ଥାନା ଅନ୍ତର୍ଗତ ବାଇପାସ୍ ରାସ୍ତାର ଖଡ଼ିକାପଲ୍ଲୀ ଓଭରବ୍ରିଜ୍ ନିକଟରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇ ପ୍ରାୟ ୨୦ ଫୁଟ୍ ତଳକୁ ଖସି ପଡ଼ିଥିଲା। କାର୍‌ରେ ଥିବା ୩ଜଣ ମହିଳାଙ୍କ ସମେତ ୫ଜଣ ଯାତ୍ରୀ ଆହତ ହୋଇ ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ସୂଚନା ମୁତାବକ, ଏକ କାର୍‌ରେ ୩ଜଣ ମହିଳାଙ୍କ ସମେତ ୫ ଜଣ ଯାତ୍ରୀ ପୁରୀ ଆସି ବ୍ରହ୍ମପୁର ଅଭିମୁଖେ ଫେରୁଥିବାବେଳେ ଶନିବାର ସକାଳୁ ୧୬ ନମ୍ବର ଜାତୀୟ ରାଜପଥର ଖଡ଼ିକାପଲ୍ଲୀ ଓଭରବ୍ରିଜ୍ ନିକଟରେ କୌଣସି କାରଣବଶତଃ କାର୍‌ଟି ଭାରସାମ୍ୟ ହରାଇ ପ୍ରାୟ ୨୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣାରେ କାର୍‌ଟି ଭାଙ୍ଗିରୁଜି ଯାଇଥିବାବେଳେ ସମସ୍ତ ଯାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦେଖି ଆହତ ବ୍ୟକ୍ତିଙ୍କୁ ଗୁରୁତର ଭାବରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଆହତଙ୍କ ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ମେଡିକାଲକୁ ସ୍ଥାନାନ୍ତର କରିଦେଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି କାର୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଛି।

# ଭଗବତୀଙ୍କ ପୀଠରେ ସେବାୟତଙ୍କ ମଧ୍ୟରେ ଗଣ୍ଡଗୋଳ

**ବାଣପୁର, ୨୮।୬(ସମିସ)**



**ଜଣେ ଗୁରୁତର, ଜଣେ ଅଟକ**

ଶକ୍ତିପୀଠ ବାଣପୁରର ଆରାଧ୍ୟା ଦେବୀ ମା' ଭଗବତୀଙ୍କ ମନ୍ଦିରରେ ଶନିବାର ଜଣେ ନିଶାଶକ୍ତ ସେବାୟତଙ୍କ ଆକ୍ରମଣରେ ଅନ୍ୟ ଜଣେ ସେବାୟତ ଲହୁଲୁହାଣ ହୋଇଛନ୍ତି। ଆହତ ସେବାୟତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗୁରୁତର ସେବାୟତ ଜଣକ ହେଲେ ପବିତ୍ର ନାୟକ। ଅଭିଯୋଗ ପାଇ ପୁଲିସ ଅଭିଯୁକ୍ତ ସେବାୟତ କୈଳାଶ ଭୋପାଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁସାରେ, ଭଗବତୀ ସାହିର କୈଳାଶ ଭୋପା ଶନିବାର ଅପରାହ୍ଣରେ ନିଶାଶକ୍ତ ଅବସ୍ଥାରେ ଆସି ମନ୍ଦିର ପରିସର ଓ ସିଂହଦ୍ୱାର ସମ୍ମୁଖରେ ଦୀର୍ଘ ସମୟ ଧରି ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ। ଫଳରେ ଯାତ୍ରୀମାନେ ଭୟଭୀତ ହେବା ସହ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବାବେଳେ ମନ୍ଦିର ମଧ୍ୟରେ ଏକ ଅଶୋଭନୀୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିରରେ କାର୍ଯ୍ୟରତ ଅନ୍ୟ ଜଣେ ସେବାୟତ ପବିତ୍ର ନାୟକ ଏହାର ପ୍ରତିବାଦ କରିବା ସହ କୈଳାଶଙ୍କୁ ବୁଝାସୁଝା କରିଥିଲେ। ମନ୍ଦିର ମଧ୍ୟରେ ଏପରି ଗାଳିଗୁଲଜ କରିବା ଦ୍ୱାରା ଯାତ୍ରୀଙ୍କ ଉପରେ ଏହାର ଖରାପ ପ୍ରଭାବ ପଡ଼ିବା ସହ ମନ୍ଦିରକୁ ଯାତ୍ରୀଙ୍କ ଆଗମନ ହ୍ରାସ ପାଇବ ବୋଲି ପବିତ୍ର କୈଳାଶଙ୍କୁ ବୁଝାଇଥିଲେ। ଏଥିରେ ସେ ଉତ୍‌କ୍ଷିପ୍ତ ହୋଇ ଏକ କ୍ରିକେଟ୍ ବ୍ୟାଟ୍‌ରେ ପବିତ୍ରଙ୍କୁ ଆକ୍ରମଣ କରିବାରେ ତାଙ୍କ ମୁଣ୍ଡ ଫାଟି ସେ ଗୁରୁତର ଆହତ ହୋଇପଡ଼ିଥିଲେ। ପବିତ୍ରଙ୍କୁ ସୁରକ୍ଷା କରିବାକୁ ଯାଇ ଅନ୍ୟ ଜଣେ ସେବାୟତ ସୁଧାକର ଭୋପା ମଧ୍ୟ ଏଥିରେ ଆହତ ହୋଇଥିଲେ। ଗୁରୁତର ଅବସ୍ଥାରେ ପବିତ୍ରଙ୍କୁ ଉଦ୍ଧାର କରି ଅନ୍ୟ ସେବାୟତମାନେ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଏନେଇ ବାଣପୁର ଥାନାରେ ଅଭିଯୋଗ ହେବାରେ ପୁଲିସ କୈଳାଶଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଯୋଗ୍ୟ ଯେ, ରାଜ୍ୟର ଅନ୍ୟତମ ଶକ୍ତିପୀଠ ମା' ଭଗବତୀଙ୍କ ମନ୍ଦିରର ନବୀକରଣ କାର୍ଯ୍ୟ ଦୀର୍ଘ ଦିନ ହେଲା ଚାଲିଥିବାବେଳେ ମନ୍ଦିର ପରିସରରେ ଭଙ୍ଗାରୁଜା ହୋଇ ଇଟା ଓ ସିମେଣ୍ଟ କଂକ୍ରିଟ ଖଣ୍ଡମାନ ପଡ଼ିରହିଛି। ଉକ୍ତ ସ୍ଥାନରେ ବହୁଦିନ ବର୍ଷା ପାଣି ଜମି ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ବହୁ ଦିନ ଧରି ଏପରି ଅବ୍ୟବସ୍ଥା ଭିତରେ ମନ୍ଦିର କାମ ଚାଲିଥିବାରୁ ଯାତ୍ରୀମାନେ ମନ୍ଦିରକୁ ଆସିବା ପାଇଁ ଅନାଗ୍ରହ ପ୍ରକାଶ କରୁଥିବାବେଳେ ମନ୍ଦିର ମଧ୍ୟରେ ନିଶା ସେବନ ଓ ନିଶାଶକ୍ତ ଅବସ୍ଥାରେ କିଛି ସେବାୟତଙ୍କ ଅଶୋଭନୀୟ ଆଚରଣ ଯୋଗୁଁ ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ପୂର୍ବ ପରି ମନ୍ଦିର ପରିସରରେ ଏକ ପୁଲିସ ସହାୟତା କେନ୍ଦ୍ର କାର୍ଯ୍ୟକ୍ଷମ କରାଇବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

# ଚୋରିବେଳେ ଧରାପଡ଼ିଲେ ବିଦ୍ୟୁତ୍ କର୍ମଚାରୀ

## ଟ୍ରାନ୍ସଫର୍ମର ଭାଙ୍ଗି କରୁଥିଲେ ଚୋରି

**ବାଣପୁର, ୨୮।୬(ସମିସ):** ବାଣପୁର ଥାନା ଅନ୍ତର୍ଗତ ବରଡ଼ି ଗ୍ରାମ ମନ୍ଦିର ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ତିନି ଜଣ ଦୁର୍ବୃତ୍ତ ଏକ ବିପିଏଲ୍ ଟ୍ରାନ୍ସଫର୍ମର ଭାଙ୍ଗି ସେଥିରୁ ବିଭିନ୍ନ ପାର୍ଟସ ଚୋରି କରୁଥିବାବେଳେ ଗ୍ରାମର ଜଣେ ଯୁବକ ପରିସ୍ରା କରିବାକୁ ଉଠି ଦେଖି ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଗ୍ରାମର ଲୋକଙ୍କୁ ଡାକି ନେଇ ସେଠାରେ ପହଞ୍ଚିଯିବାରେ ଲୋକଙ୍କୁ ଦେଖି ଦୁଇ ଜଣ ଦୁର୍ବୃତ୍ତ ସେଠାରୁ ଦୌଡ଼ି ପଳାଇଥିବାବେଳେ ଅନ୍ୟ ଜଣେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲା। ତେବେ ଚୋରି କରି ଧରାପଡ଼ିଥିବା ବ୍ୟକ୍ତି ଜଣକ ବିଦ୍ୟୁତ୍ ବିଭାଗର ଜଣେ କର୍ମଚାରୀ ବୋଲି ଜଣାପଡ଼ିଛି। ଗ୍ରାମବାସୀ ତାଙ୍କୁ ଅଟକ ରଖିବା ସହ ସେମାନଙ୍କର ଗୋଟିଏ ସ୍କୁଟିକୁ ଜବତ କରି ବିଳମ୍ବିତ ରାତିରେ ପୁଲିସକୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଖବର ପାଇ ବାଣପୁର ପୁଲିସ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ଅଟକ ବିଦ୍ୟୁତ୍ କର୍ମଚାରୀଙ୍କୁ ନିଜ ହେପାଜତକୁ ନେଇଥିଲା।



# ଜଟଣୀ ଗଣେଶ ମହୋତ୍ସବ ପାଇଁ ଭୂମିପୂଜନ



**ଜଟଣୀ, ୨୮।୬(ସମିସ):** ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ମହୋତ୍ସବ ଲାଗି ଶୁକ୍ରବାର ବିଧିବଦ୍ଧ ଭାବେ ଭୂମିପୂଜନ ଉତ୍ସବ ଆୟୋଜିତ ହୋଇଯାଇଛି। ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମଭିତ୍ତିକ ଭାଇଚାରା ସମ୍ପର୍କକୁ ପାଥେୟ କରି ଜନସାଧାରଣଙ୍କ ମନୋରଞ୍ଜନ ପରିପ୍ରେକ୍ଷୀରେ କଳିଙ୍ଗ ଯୁବ ପରିଷଦ ଆନୁକୂଲ୍ୟରେ ଗଣେଶ ଚତୁର୍ଥୀ ପାର୍ବଣଠାରୁ ଗଣେଶ ମହୋତ୍ସବ ପାଳନ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏ ନେଇ ଶୁକ୍ରବାର ପବିତ୍ର ଗୁଣ୍ଡିଚା ଯାତ୍ରା ଅବସରରେ ବିଧିବିଧାନ ପୂର୍ବକ ପ୍ରାଣନାଥ ଉଚ୍ଚବିଦ୍ୟାଳୟ ନାମରେ ଥିବା ଜମିରେ ଅବସ୍ଥିତ ଶରତ ପାଇକରାୟ ଷ୍ଟାଡିୟମ୍ ପରିସରରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ସାଂସଦ ପ୍ରତିନିଧି ସତୀଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ରବିନାରାୟଣ ଦାଶ, ସମ୍ପାଦକ ସମୀର ଜେନା, କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ନାୟକ, ବିଜୟ ଛୋଟରାୟ, ସୁଶାନ୍ତ ରାଉତ, ସୂରଜ ପାଇକରାୟ, ବଦ୍ରିନାରାୟଣ ଦାଶ, ରୋଶନ ଦାସ, ପୁରୁଷୋତ୍ତମ ଜେନା, ଦୀନବନ୍ଧୁ ରଣସିଂହଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରୀଶ୍ରୀ ମହାବୀର ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ଖୋର୍ଦ୍ଧା, ୨୮।୬(ସମିସ):** ଖୋର୍ଦ୍ଧା ମୁକୁନ୍ଦ ପ୍ରସାଦ ହାଉସିଂ ବୋର୍ଡ କଲୋନୀରେ ନବନିର୍ମିତ ଶ୍ରୀଶ୍ରୀ ମହାବୀର ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। କଲୋନୀର ସମସ୍ତ ଅଧିବାସୀ ତଥା ପାଖ ଅଞ୍ଚଳରୁ ଶତାଧିକ ଧାର୍ମିକ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧାର ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ପୌରାଧ୍ୟକ୍ଷା ସଞ୍ଜୁକ୍ତାରାଣୀ ସାହୁ, ପୌରପାଳିକା ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୌରପାଳିକା ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, କାଉନ୍‌ସିଲର ଦିଲ୍ଲୀପ କୁମାର ପରିଡ଼ା, ପୂର୍ବତନ କାଉନ୍‌ସିଲର ନରେନ୍ଦ୍ର ପରିଡ଼ା, ସିଦ୍ଧାର୍ଥ ମିତ୍ର ଓ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କଲୋନୀର ଆବାଳ ବୃଦ୍ଧବନିତାଙ୍କ ସହ ପ୍ରଫେସର ନରସିଂହ ପ୍ରସାଦ ଆଚାର୍ଯ୍ୟ, ପ୍ରାକ୍ତନ ବିଚାରପତି ନୀଳକଣ୍ଠ ମିଶ୍ର, ଡ. ସୁବୋଧ ଚନ୍ଦ୍ର ପ୍ରହରାଜ, ଡ. ନିରଞ୍ଜନ ଦାଶ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଦାଶରଥି ପଟ୍ଟନାୟକ, ଜାନକୀ ସାମନ୍ତରାୟ, ଜୋଛନା ମାଝୀ, ବାବୁ ପାତ୍ର, ପ୍ରଶାନ୍ତ ଦାଶ, ବିଜୟ ବ୍ରହ୍ମା, ସୁରେନ୍ଦ୍ର ପୃଷ୍ଟିଙ୍କ ସହଯୋଗରେ ଉକ୍ତ ମାଙ୍ଗଳିକ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଯାଇଛି।

# ଦୁବାଇରୁ ଗାଁକୁ ଫେରିଲା ଗଜେନ୍ଦ୍ରଙ୍କ ମୃତଶରୀର

**ଟାଙ୍ଗୀ, ୨୮।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧୀନସ୍ଥ କୁଞ୍ଜୁରୀ ପଞ୍ଚାୟତ ଦୀକ୍ଷିତପଡ଼ାର ଜଣେ ଶ୍ରମିକ ଗଜେନ୍ଦ୍ର ବେହେରାଙ୍କର ସୁଦୂର ଦୁବାଇରେ କୌଣସି କାରଣରୁ ମୃତ୍ୟୁ ହୋଇଯାଇଛି। ଭୁବନେଶ୍ୱର ସାଂସଦ ଓ ଖୋର୍ଦ୍ଧା ବିଧାୟକଙ୍କ ପ୍ରଚେଷ୍ଟାରେ ତାଙ୍କ ମରଶରୀରକୁ ଶନିବାର ନିଜ ଗ୍ରାମକୁ ଅଣାଯାଇଛି। ସୂଚନାଯୋଗ୍ୟ, ଦୀକ୍ଷିତପଡ଼ାର ଗୋକୁଳ ବେହେରାଙ୍କ ଏକମାତ୍ର ପୁତ୍ର ଗଜେନ୍ଦ୍ର ୨୦୨୩ ଡିସେମ୍ବର ୯ରୁ ଦୁବାଇରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ୨୩ ତାରିଖରେ ତାଙ୍କର କୌଣସି କାରଣରୁ ମୃତ୍ୟୁ ଘଟିଥିବା ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଦୁବାଇରୁ ମୃତଶରୀର ଆଣି ନିଜ ଗ୍ରାମରେ ଅନ୍ତ୍ୟେଷ୍ଟିକ୍ରିୟା କରିବା ପାଇଁ ତାଙ୍କ ବାପା ଗୋକୁଳ ଭୁବନେଶ୍ୱର ସାଂସଦଙ୍କୁ ଲିଖିତ ଅନୁରୋଧ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବେଗୁନିଆ, ୨୮।୬(ସମିସ):** ବେଗୁନିଆ ଥାନା ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମର ଭୁବନେଶ୍ୱର ରାଉତରାୟଙ୍କ କନିଷ୍ଠ ପୁଅ ଅଜୟ (୫୫) ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି। ସୂଚନା ଅନୁଯାୟୀ, ଅଜୟ ଭୁବନେଶ୍ୱରରେ ବ୍ୟବସାୟ କରି ପରିବାରର ଗୁଜୁରାଣ ମେଣ୍ଟାଉଥିବାବେଳେ ଶନିବାର ପୂର୍ବାହ୍ଣରେ ବିଦ୍ୟୁତ୍ ଆଘାତ ପାଇଥିଲେ। ତାଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ଶବ ହସ୍ତାନ୍ତର ପରେ ଖୋର୍ଦ୍ଧାଠାରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିଲା। ତାଙ୍କ ମୃତ୍ୟୁରେ ବିଧାୟକ ପ୍ରଦୀପ କୁମାର ସାହୁ ଓ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ସାଇ ସମ୍ବିତ୍‌ଙ୍କ କୁନି ରଥରେ ତିନି ଠାକୁର

# କାଗଜ ଓ କାର୍ଡବୋର୍ଡରେ ପ୍ରସ୍ତୁତ ନନ୍ଦିଘୋଷ

**ଖୋର୍ଦ୍ଧା, ୨୮।୬(ସମିସ):** ଖୋର୍ଦ୍ଧା ବ୍ଲକ ପଲ୍ଲାତୋଟାପଡ଼ା ପଞ୍ଚାୟତ ଅନ୍ତର୍ଗତ ଲୋକେଶ୍ୱରପୁରରେ ରହୁଥିବା ଚତୁର୍ଥ ଶ୍ରେଣୀର ଛାତ୍ର ସାଇ ସମ୍ବିତ୍ ପଟ୍ଟନାୟକ କୁନି ନନ୍ଦିଘୋଷ ରଥ ନିର୍ମାଣ କରି ଚର୍ଚ୍ଚାରେ ଅଛନ୍ତି। ୧୫ଦିନ ଧରି ପରିଶ୍ରମ କରି ନିଜସ୍ୱ ଉଦ୍ୟମରେ କାଗଜ ଓ କାର୍ଡବୋର୍ଡରେ ନିର୍ମାଣ କରିଛନ୍ତି ଏହି କୁନି ରଥ। ପିଲାବେଳୁ ଈଶ୍ୱରଙ୍କ ଉପରେ ବିଶେଷକରି ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ରଖିଥିବା ସାଇ ସମ୍ବିତ ରଥଯାତ୍ରା ପୂର୍ବରୁ କୁନି ରଥ ନିର୍ମାଣ କରିବା ପାଇଁ ଘରେ ଥିବା ଅଦରକାରୀ କାଗଜ ଏବଂ କାର୍ଡବୋର୍ଡକୁ ନେଇ ଏହି ରଥ ନିର୍ମାଣ କରିଛନ୍ତି। ସେହି ରଥରେ ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କୁ ରଥାରୂଢ଼ କରି ନିଜେ ପୂଜା କରି ସାରିବା ପରେ ଦାଣ୍ଡରେ ଟାଣି ଟାଣି ନେବା ସମୟରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ବହୁ ସଂଖ୍ୟାରେ ଜନସାଧାରଣ ଏହାକୁ ଦେଖି ପ୍ରଶଂସା କରିଥିଲେ। ଜଣେ ମେଧାବୀ ଛାତ୍ର ଭାବରେ ମଧ୍ୟ ସେ ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀ ଏବଂ ସାଙ୍ଗ ସାଥିଙ୍କର ବେଶ୍ ପ୍ରିୟପାତ୍ର ହୋଇପାରିଛନ୍ତି। ପିଲାଟି ଦିନରୁ ନିଜସ୍ୱ ଜ୍ଞାନକୌଶଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିବାରେ ରୁଚି ରଖିଥିବା ସାଇ ସମ୍ବିତ୍ ଭବିଷ୍ୟତରେ ଜଣେ ଇଞ୍ଜିନିୟର ହେବେ ବୋଲି କହିଛନ୍ତି। ଏହି କୁନି ରଥ ନିର୍ମାଣ କରିବାରେ ତାଙ୍କୁ ଘରେ ତାଙ୍କ ବଡ଼ମା' ସ୍ମିତା ପଟ୍ଟନାୟକ, ମା' ସୌଦାମିନୀ ପଟ୍ଟନାୟକ ଏବଂ ଭଉଣୀ ସୌମ୍ୟା ସୋମାଲିକା ପଟ୍ଟନାୟକ ସାହାଯ୍ୟ କରିଥିବା ସେ କୁହନ୍ତି।



# ସ୍ୱୟଂ ସେବକ ସଂଘ ପକ୍ଷରୁ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ

**ନିରାକାରପୁର/ଟାଙ୍ଗୀ, ୨୮।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ନୂଆଗଡ଼ ପଞ୍ଚାୟତସ୍ଥିତ ଉଗ୍ରତାରା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ନୂଆଗଡ଼ ସ୍ୱୟଂସେବକ ସଙ୍ଘ, ହରିପୁର ପକ୍ଷରୁ ତୃତୀୟ ବାର୍ଷିକ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାବିତ୍ ଭାସ୍କର ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ପୂର୍ବତନ ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ପାଟଶାଣୀ, ସରପଞ୍ଚ ରଘୁନାଥ ମାଝୀ, ପ୍ରାକ୍ତନ ସରପଞ୍ଚ ଗିରିଶ ମହାରଣା, ପ୍ରାକ୍ତନ ସରପଞ୍ଚ ପ୍ରଫୁଲ୍ଲ ହରିଚନ୍ଦନ, ଶିଳ୍ପପତି ତରଣୀସେନ ଦଳାଇ, ସମାଜସେବୀ ସୁଶାନ୍ତ ଜେନା, ସୁଜାତା ଜେନା, ଶିକ୍ଷାବିତ୍ ରସିଦ୍ ଖାଁ, ମୋର୍‌ମୋର୍‌ସିଂହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସ୍ୱୟଂସେବକ ସଙ୍ଘ ସଭାପତି ମନୋରଞ୍ଜନ ମୁଦୁଲି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ସମୀର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ସ୍କୁଲର ମେଧାବୀ ଛାତ୍ରଛାତ୍ରୀଙ୍କ ସମେତ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅଜୟ ରଣସିଂହ, ଗୌରାଙ୍ଗ ସାହୁ, ଶଶିଭୂଷଣ ପାଟଶାଣୀ, ଗଣେଶ ମାଝୀ, ଆଲୋକ ସାମନ୍ତରାୟ, ଜ୍ୟୋତି ରଞ୍ଜନ ସ୍ୱାଇଁ, ମାନସ ଜେନା, ତପନ ପାଟଶାଣୀ, ନଳିନୀକାନ୍ତ ହରିଚନ୍ଦନଙ୍କ ସମେତ ସ୍ୱୟଂସେବକ ସଙ୍ଘର ସମସ୍ତ କର୍ମକର୍ତ୍ତା, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଗଞ୍ଜେଇ ଜବତ; ଅଭିଯୁକ୍ତ ଗିରଫ

**ବେଗୁନିଆ, ୨୮।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ସୁଜିତ କୁମାର ନାଗଙ୍କ ତତ୍ତ୍ୱାବଧାନରେ ଚଢ଼ଉ ହୋଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ଗ୍ରାମର ପାଟଣାସାହିର ପ୍ରକାଶ ସାହୁ(୩୮)ଙ୍କଠାରୁ ୩ କେଜି ଗଞ୍ଜେଇ ଜବତ କରାଯାଇଛି।

# ଲୋକେଶ୍ୱରପୁରରେ ରଥଯାତ୍ରା ପାଳିତ



**ଖୋର୍ଦ୍ଧା, ୨୮।୬(ସମିସ):** ସ୍ଥାନୀୟ ଲୋକେଶ୍ୱରପୁରଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ଦୁଇଜଣ ଛୋଟ ପିଲା ପ୍ରଦୀପ ମୁଦୁଲି ଓ ସାଇ ଅବିନାଶ ଦାସଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ରଥଯାତ୍ରା ଆଜି ସମସ୍ତଙ୍କ ସହଯୋଗରେ ବହୁ ସଂଖ୍ୟଙ୍କ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମାପ୍ତ ହେବା ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଦୀର୍ଘ ୩ କିଲୋମିଟର ଧରି ରଥ ଟାଣିଥିଲେ। ୯ଦିନ ବ୍ୟାପୀ ଭଜନ, କୀର୍ତ୍ତନ, ପାଲା, ଦାସକାଠିଆ ପ୍ରଭୃତି ଅନୁଷ୍ଠିତ ହେବ। ଜୁଲାଇ ୫ତାରିଖ ଦିନ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖି ଶାନ୍ତିଶୃଙ୍ଖଳା ବଜାୟ ନିମନ୍ତେ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା। ରଥଯାତ୍ରା ପରିଚାଳନା କମିଟିର ସଦସ୍ୟ ଅମ୍ବିକା ପ୍ରସାଦ ଦାସ, ରମେଶ ମୁଦୁଲି, କାଳିଆ, ସିନ, କୁନା, ପ୍ରଫୁଲ୍ଲ ପ୍ରମୁଖଙ୍କ ସହଯୋଗରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା।

# ବାଘମାରୀ ବଜାରରେ ପାନୀୟଜଳ ଯୋଗାଣ ପାଇଁ ଦାବି



**ବେଗୁନିଆ, ୨୮।୬(ସମିସ):** ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାର ଉପରେ ପାନୀୟଜଳ ଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ଶାସନ ସଚିବଙ୍କୁ ସମାଜସେବୀ ସନ୍ତୋଷ ପଣ୍ଡାଙ୍କ ସମେତ ବ୍ୟବସାୟୀମାନେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଏହି ବଜାର ଉପରେ ୨ଶହରୁ ଊର୍ଦ୍ଧ୍ୱ ବ୍ୟାବସାୟିକ ପ୍ରତିଷ୍ଠାନ କରି ଗୁଜୁରାଣ ମେଣ୍ଟାଉଥିବାବେଳେ ପାନୀୟଜଳ ପାଇଁ ସାହି ଭିତରେ ଥିବା ଖୋଲା କୂଅ ଓ ଦୁଇଟି ନଳକୂଅ ଉପରେ ନିର୍ଭର କରିଥା'ନ୍ତି। ତେବେ ପ୍ରତ୍ୟେକ ଦିନ ବ୍ୟବସାୟୀମାନେ ବିଶୁଦ୍ଧ ପାନୀୟଜଳ ପାଇବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତକୁ 'ବସୁଧା' ଯୋଜନାରେ ଜଳ ଯୋଗାଇ ଆସୁଥିବାବେଳେ ବାଘମାରୀ ବଜାରକୁ କାହିଁକି ଜଳଯୋଗାଣ କରାଯାଇପାରୁ ନାହିଁ ଯାହାକି କ୍ଷୋଭର ବିଷୟ ପାଲଟିଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ମେଗା ପାନୀୟଜଳ ଯୋଗାଣ ପାଇଁ କାର୍ଯ୍ୟ ଚାଲୁଥିବା ଦେଖିବାକୁ ମିଳୁଥିବାବେଳେ ତୁରନ୍ତ ସମସ୍ୟା ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏହି ବଜାର ଉପରେ ଜଳଯୋଗାଣ ପାଇଁ ପଞ୍ଚାୟତ ପକ୍ଷରୁ କାହିଁକ ଦୃଷ୍ଟି ଦିଆଯାଇନାହିଁ ବୋଲି ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ବର୍ଷା ଯୋଗୁଁ ମକୁନ୍ଦପୁର ସାହି ମୁଣ୍ଡ ରାସ୍ତାରେ କୃତ୍ରିମ ହ୍ରଦ

**ବେଗୁନିଆ, ୨୮।୬(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମକୁନ୍ଦପୁର ଗ୍ରାମର ସାହି ମୁଣ୍ଡ ରାସ୍ତା ବର୍ଷା ଯୋଗୁଁ କୃତ୍ରିମ ହ୍ରଦ ପାଲଟିଥିବାର ଦେଖିବାକୁ ମିଳୁଛି। ସୂଚନା ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଣ୍ଟାବାଡ଼ଠାରୁ ସାଲତରା ପର୍ଯ୍ୟନ୍ତ ସରକାର ପକ୍କା ସଡ଼କ କାର୍ଯ୍ୟଟି ଚଳିତ ବର୍ଷ ସରିଛି। ତେବେ ରାସ୍ତା ନିର୍ମାଣ ପୂର୍ବରୁ ଦୂରଦୃଷ୍ଟି ଅଭାବରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବା ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବାର ସାଧାରଣରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ଜନସାଧାରଣ ସାପ୍ତାହିକ ହାଟ ସହ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଯାତାୟାତ କରିଥା'ନ୍ତି। ଏହି ପାଣି ଜମି ରହିଥିବାରୁ ମଶାମାଛିଙ୍କ ବଂଶ ବିସ୍ତାର କରିବାର ଉପଯୁକ୍ତ ପରିବେଶ ସୃଷ୍ଟି ହୋଇଥିବାରୁ ମେଲେରିଆ ଏବଂ ଡାଇରିଆ ଭଳି ସଂକ୍ରମଣଜନିତ ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏପରିକି ବର୍ତ୍ତମାନ ସୁଦ୍ଧା ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ କୌଣସି ସଚେତନତା କାର୍ଯ୍ୟକ୍ରମ ହୋଇପାରି ନ ଥିବାର ଦେଖିବାକୁ ମିଳୁଛି। ଏଥିରେ ପଞ୍ଚାୟତ କିମ୍ବା ସ୍ଥାନୀୟ ଜନସାଧାରଣଙ୍କ ସଚେତନତା ଅଭାବରୁ ପାଣି ଜମି ରହିଥିବାରୁ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ ସମସ୍ୟା ସମାଧାନ କରିବା ପାଇଁ ପ୍ରଶାସନ ନିକଟରେ ସଚେତନ ନାଗରିକମାନେ ଦାବି କରିଛନ୍ତି।



# ବର୍ଷା ଯୋଗୁଁ ସାହି ରାସ୍ତା କାଦୁଅ ପଚପଚ



**ବେଗୁନିଆ, ୨୮।୬(ସମିସ):** ଅସରାଏ ବର୍ଷା ହେଲେ ସାହି ଭିତର ରାସ୍ତା କାଦୁଅ ପଚପଚ ହୋଇଯାଉଛି। ଲୋକଙ୍କ ଯାତାୟାତରେ ଅସୁବିଧା ଯୋଗୁଁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି।

ସୂଚନା ଅନୁଯାୟୀ, ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ନୂଆପାଇକରା ସାହିର ବିକ୍ରମ ଦାଶ ଘରଠାରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପର୍ଯ୍ୟନ୍ତ ୩୦ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଯାହାକୁ ବିଗତ ଦିନରେ ଗ୍ରାମର ମେଳଛ ମାଣିକ ରାସ୍ତା ମଧ୍ୟରେ ଯାଉଥିବା ସମୟରେ ଗୋଡ଼ ଖସିଯାଇ ଆହତ ହୋଇଥିବାବେଳେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣାମାନ ଘଟୁଛି ବୋଲି ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଗ୍ରାମର ସାହି ରାସ୍ତାକୁ ସିମେଣ୍ଟ ଢଳେଇ କରିଥିବାବେଳେ କାହିଁକି ଏଥିପ୍ରତି ଦୃଷ୍ଟି ଦିଆଯାଇ ନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟପ୍ରକଟ କରିଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ରାସ୍ତାଟିରେ ବର୍ଷା ଯୋଗୁଁ ପାଣି ଜମି ରହିବାର ଯଥେଷ୍ଟ ସମ୍ଭାବନା ରହିଥିବାରୁ ମଶା ଓ ମାଛିଙ୍କ ପାଇଁ ଡିମ୍ବ ସୃଷ୍ଟି କରିବା ପାଇଁ ଅନୁକୂଳ ପରିବେଶ ହୋଇପାରିବ ବୋଲି ସଚେତନ ନାଗରିକମାନେ କହିଛନ୍ତି। ତେଣୁ ଏଥିପ୍ରତି ତୁରନ୍ତ ଧ୍ୟାନ ଦେଇ ସମାଧାନ କରିବାକୁ ଦାବି କରିଛନ୍ତି।






# ନଦୀରେ ଫଟୋ ଉଠାଉଥିବାବେଳେ ଭାସିଗଲେ ପରିବାରର ୯ ସଦସ୍ୟ

ଇସଲାମାବାଦ, ୨୮।୬ (ଏଜେନ୍ସି): ପାକିସ୍ତାନ ଖୈବର ପଖ୍ତୁନଖ୍ୱା ଅଞ୍ଚଳରେ ଥିବା ସ୍ୱାତ ନଦୀରେ ଶୁକ୍ରବାର ଅଚାନକ ବନ୍ୟା ଆସିଛି। ଏଥିରେ ୧୭ ଜଣ ପ୍ରାଣ ହରାଇଛନ୍ତି। ଅନେକ ଲୋକ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୯ ସଦସ୍ୟ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ୧୮ ଜଣିଆ ପରିବାର ଶୁକ୍ରବାର ଭୋଜି କରିବାକୁ ସ୍ୱାତ ନଦୀ କୂଳକୁ ଯାଇଥିଲେ। ଏମାନେ ନଦୀ ଭିତରେ ଫଟୋ ଉଠାଉ ଥିଲେ। ଆଉ କିଛି ଜଣ ପାଣିରେ ଖେଳୁଥିଲେ। ଏହି ସମୟରେ ଅଚାନକ ବନ୍ୟା ଆସି ଯାଇଥିଲା। ଏହା ଛୋଟ ପିଲାଙ୍କୁ ଭସାଇ ନେଇଥିଲା। ସମ୍ପର୍କୀୟମାନେ ବଞ୍ଚାଇବାକୁ ଦୌଡ଼ି ଥିଲେ। କିନ୍ତୁ ସେମାନେ ବି ପାଣି ଭିତରେ ଫସି ଯାଇଥିଲେ। ଦୀର୍ଘ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ଉଦ୍ଧାରକାରୀ ଦଳ ପହଞ୍ଚି ଥିଲା। ୯ ଜଣଙ୍କ ମୃତଦେହ ଉଦ୍ଧାର କରିଛି। ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏବେ ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖାଯାଉଛି ଯେ କିଛିଲୋକ ଏକ ପଥର ଉପରେ ଛିଡ଼ା ହୋଇଛନ୍ତି। ଚାରିପଟେ ନଦୀର ପ୍ରଖର ସୁଅ ସେମାନଙ୍କୁ ଘେରି ରହିଛି।





# ସନ୍ଦେହରେ ଅଭିନେତ୍ରୀଙ୍କ ମୃତ୍ୟୁ

## ଦୁଇ ଥର ଶବ ବ୍ୟବଚ୍ଛେଦ ହେଲାଣି; ତଥାପି କାରଣ ଅସ୍ପଷ୍ଟ

ମୁମ୍ବାଇ, ୨୮।୬ (ଏଜେନ୍ସି): ସନ୍ଦେହଜନକ ଅବସ୍ଥାରେ ଅଭିନେତ୍ରୀ ଶେଫାଳି ଜରିୱାଲାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ତାଙ୍କୁ ୪୨ ବର୍ଷ ହୋଇଥିଲା। ଶୁକ୍ରବାର ରାତିରେ ତାଙ୍କର ହୃଦ୍‌ଘାତ ଆସିଥିଲା। ଏହା ପରେ ସ୍ୱାମୀ ପରାଗ ତ୍ୟାଗୀ ଶେଫାଳିଙ୍କୁ ମୁମ୍ବାଇର ସୁବରବନ ଅଞ୍ଚଳରେ ଥିବା ବେଲେଭ୍ୟୁ ମଲ୍ଟିସ୍ପେସିଆଲିଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କୁହାଯାଉଛି। କିନ୍ତୁ ଶେଫାଳିଙ୍କ ପରିବାର କିମ୍ବା ପ୍ରତିନିଧିଙ୍କ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ମୁମ୍ବାଇ ପୁଲିସ ଏହି ମାମଲାର ଯାଞ୍ଚ ଆରମ୍ଭ କରିଦେଇଛି। ସମ୍ପର୍କୀୟ ଏବଂ ଶେଫାଳିଙ୍କ ଘରର ଚାକରଙ୍କୁ ଏହି ମାମଲାରେ ପଚରାଉଚୁରା କରୁଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସ ମୋବାଇଲ ଫରେନସିକ୍ ୟୁନିଟ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଦେଇଛି। ଗୋଟିଏ ଟିମ୍ ଫେରି ଯାଇଥିବାବେଳେ ଆଉ ଗୋଟିଏ ଘଟଣାସ୍ଥଳରେ ରହିଛି। ଅନ୍ୟପଟେ କୁପର ହସ୍ପିଟାଲରେ ଶେଫାଳିଙ୍କ ମୃତଦେହ ଦୁଇଥର ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର କରାଯାଇଛି।

### ଶେଫାଳିଙ୍କ ମୃତ୍ୟୁରେ ବଲିଉଡ୍ ସ୍ତବ୍ଧ


କାଣ୍ଟା ଲଗା ଗୀତରୁ ପ୍ରସିଦ୍ଧି ଅର୍ଜନ କରିଥିବା ଶେଫାଳି ମୁମ୍ବାଇର ଗୋଲ୍ଡେନ ରେଜ୍-ୱାଇ ବିଲ୍ଡିଂରେ ରହୁଥିଲେ। ସୂଚନା ଅନୁଯାୟୀ ଶେଫାଳିଙ୍କୁ ଅଚେତ ଅବସ୍ଥାରେ ଶୁକ୍ରବାର ରାତି ୧୧ଟା ୧୫ରେ ଅନ୍ଧେରୀ ସ୍ଥିତ ବେଲେଭ୍ୟୁ ଡାକ୍ତରଖାନାକୁ ନିଆଯାଇଥିଲା। ହସ୍ପିଟାଲ କର୍ମଚାରୀଙ୍କ ଅନୁଯାୟୀ ତାଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ମୃତଦେହକୁ କୁପର ହସ୍ପିଟାଲକୁ ପଠାଇ ଦିଆଯାଇଛି। ସେଠାରେ ସମ୍ପର୍କୀୟ ଘନିଷ୍ଠ ବନ୍ଧୁ ଏବଂ ଫିଟନେସ୍ ଟ୍ରେନର ପହଞ୍ଚିଛନ୍ତି। ସେ କହିଛନ୍ତି ଯେ ଶେଫାଳି ନିଜ ଖାଦ୍ୟ ଅଭ୍ୟାସକୁ ନେଇ ସଚେତନ ଥିଲେ। ସବୁ ଦିନ ବ୍ୟାୟାମ କରୁଥିଲେ। ଦୁଇ ଦିନ ତଳେ ଟ୍ରେନର ତାଙ୍କୁ ଭେଟି ଥିଲେ। ଶେଫାଳିଙ୍କୁ ପିତ୍ତୁଳା ରୋଗ ଥିଲା। ଏଥିପାଇଁ ସେ ଥଣ୍ଡା ଜିନିଷ ଏବଂ ମୃଦୁ ପାନୀୟ ପିଉ ନ ଥିଲେ।

ଅନ୍ୟପଟେ ଶେଫାଳି ରହୁଥିବା କୋଠାର ସିକ୍ୟୁରିଟି ଗାର୍ଡ ଶତ୍ରୁଘ୍ନ କହିଛନ୍ତି ଯେ ଶୁକ୍ରବାର ରାତି ୯ଟାରେ ତାଙ୍କ ସ୍ୱାମୀ ପରାଗ ମୋଟରସାଇକେଲରେ ସୋସାଇଟିକୁ ଆସିଥିଲେ। ଗେଟ୍ ଖୋଲିବା ପରେ ସେ ରୁମ୍‌କୁ ଯାଇଥିଲେ। ଏହାର ଦେଢ଼ଘଣ୍ଟା ପରେ ପ୍ରାୟ ୧୦ଟା୩୦ରେ ଶେଫାଳିଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଏହାର କିଛି ସମୟ ପରେ ଶେଫାଳିଙ୍କ ଜଣେ ବନ୍ଧୁ ସୋସାଇଟିକୁ ଆସିଥିଲେ। ଅଭିନେତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା କହିଥିଲେ।

ସୂଚନାଯୋଗ୍ୟ ଯେ ୨୦୦୪ରେ ଶେଫାଳି ସଙ୍ଗୀତଜ୍ଞ ହରମିତ ସିଂହଙ୍କୁ ବିବାହ କରିଥିଲେ। ୨୦୦୯ରେ ଉଭୟେ ଛାଡ଼ପତ୍ର ନେଇଥିଲେ। ଏହା ପରେ ୨୦୧୫ରେ ଶେଫାଳି ପରାଗଙ୍କୁ ବାହା ହୋଇଥିଲେ। ସେ ନଚ୍ ବାଲିଏ ଏବଂ ବିଗ୍ ବସ୍ ୧୩ ହାଉସ୍‌ରେ ପ୍ରବେଶ କରି ପ୍ରଶଂସା ସାଉଁଟି ଥିଲେ। ଏହା ମଧ୍ୟରେ ବଡ଼ ସୂଚନା ମିଳିଛି। ଶେଫାଳି ୫ରୁ ୬ ବର୍ଷ ହେଲା ଆଣ୍ଟି-ଏଜିଂ ଟ୍ରିଟ୍‌ମେଣ୍ଟ (ବୟସ ପ୍ରଭାବ ପଡ଼ିବାକୁ ଦେଉ ନ ଥିବା ଚିକିତ୍ସା) ନେଉଥିଲେ। ତ୍ୱଚାର ସୁନ୍ଦରତା ଏବଂ ଯୁବା ଦେଖାଯିବା ଲାଗି ଏହି ଚିକିତ୍ସା ନେଉଥିଲେ। ଏହି ଚିକିତ୍ସାରେ ଭିଟାମିନ୍ ସି ଏବଂ ଗ୍ଲୁଟାଥିଓନ ବ୍ୟବହାର କରାଯାଏ। ଅଧିକ ଗୋରା ଦିଶିବା ଲାଗି ଏବଂ ମୁହଁ ପରିଷ୍କାର କରିବା ଲାଗି ଗ୍ଲୁଟାଥିଓନ ଡ୍ରଗ୍ସ ନିଆଯାଏ ବୋଲି ଜଣେ ଡାକ୍ତର କହିଛନ୍ତି। ତେବେ ଏହା ହୃତ୍‌ପିଣ୍ଡ ଉପରେ କୌଣସି ପ୍ରତ୍ୟକ୍ଷ ପ୍ରଭାବ ପକାଏ ନାହିଁ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

## ହୃଦ୍‌ଘାତ ନେଲାଣି ଅନେକ ସେଲିବ୍ରିଟିଙ୍କ ଜୀବନ

ମୁମ୍ବାଇ, ୨୮।୬ (ଏଜେନ୍ସି): ଶେଫାଳିଙ୍କ ପୂର୍ବରୁ ଅନେକ ସେଲିବ୍ରିଟି ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଶୁକ୍ଳା (୪୦ ବର୍ଷ), ପୁନୀତ ରାଜକୁମାର (୪୬), ଗାୟକ କ୍ରିଷ୍ଣାକୁମାର କୁନ୍ନଥ (୫୩), ନିର୍ଦ୍ଦେଶକ ରାଜ କୁଶଲ (୫୦), ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବ (୫୮), ସତୀଶ ଚନ୍ଦ୍ର କୌଶିକ (୬୬), ସିଦ୍ଧାନ୍ତ ବୀର ସୂର୍ଯ୍ୟବଂଶୀ (୪୬), ଚିରଞ୍ଜିବୀ ସରଜା (୩୫), ହାସ୍ୟ ଅଭିନେତା ବିବେକ (୫୯), ମଧୁବାଳା (୩୬), ବ୍ୟବସାୟୀ ସଞ୍ଜୟ କପୁର (୫୩) ପ୍ରମୁଖ ସାମିଲ ଅଛନ୍ତି।









## ଅହମଦାବାଦ ବିମାନ ଦୁର୍ଘଟଣା

# ପାଇଲଟଙ୍କ ପାଇଁ ବଞ୍ଚିଗଲା ୨ ହଜାର ଜୀବନ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଗତ ୧୨ ତାରିଖର ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏହି ଅଘଟଣରେ ୨୭୫ ଜଣଙ୍କ ଜୀବନ ଯାଇଥିଲା। ବିମାନର କ୍ୟାପ୍ଟେନ ସୁମିତ ସଭରୱାଲ (୫୬) ଉପସ୍ଥିତ ବୁଦ୍ଧି ପାଇଁ କ୍ଷୟକ୍ଷତି ଏବଂ ଜୀବନହାନୀ ବହୁତ କମ୍ ହୋଇଥିଲା, ନଚେତ୍ ଏହି ଦୁର୍ଘଟଣାରେ ୨ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଥାନ୍ତା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିମାନ ଉପରକୁ ନ ଉଠିବା ପରେ ଏହା ଦୁର୍ଘଟଣାଗ୍ରସ୍ତ ହେବ ବୋଲି କ୍ୟାପ୍ଟେନ ସୁମିତ ଜାଣିପାରି ଥିଲେ। ତେଣୁ ସେ ଉପସ୍ଥିତ ବୁଦ୍ଧି ଖଟାଇ କମ୍ ଜନବହୁଳ ଅଞ୍ଚଳରେ ବିମାନକୁ ଖସାଇ ଥିଲେ। କ୍ଷୟକ୍ଷତି କମ୍ କରିବା ପାଇଁ ସେ ଏହି ନିଷ୍ପତ୍ତି ନେଇଥିଲେ। ବୋଇଂ ୭୮୭ ବିମାନ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା। ଏହି ଅଞ୍ଚଳରେ ଜନସଂଖ୍ୟା ଘନତ୍ୱ ବହୁତ କମ୍ ଥିଲା। ମାତ୍ର ଏହାର ଚାରିପାଖରେ ବସ୍ତି ଏବଂ ତିନୋଟି ବଡ଼ ହସ୍ପିଟାଲ ରହିଥିଲା। ଯଦି ବିମାନ ତିନି ସେକେଣ୍ଡ ପୂର୍ବରୁ କିମ୍ବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତା ତେବେ ଭୟଙ୍କର ବିପର୍ଯ୍ୟୟ ହୋଇଥାନ୍ତା। ଦୁର୍ଘଟଣାସ୍ଥଳର ଡାହାଣ ପାର୍ଶ୍ୱରେ ସେନା ହସ୍ପିଟାଲ ଥିଲା। ଆଗରେ ଏକ ସିଭିଲ ହସ୍ପିଟାଲ ଏବଂ ଆଉ କିଛି ଦୂରରେ ଗୁଜରାଟ କ୍ୟାନସର ସୋସାଇଟି ମେଡିକାଲ କଲେଜ ରହିଥିଲା।



ଦୁର୍ଘଟଣା ପରେ ମାମଲାର ଯାଞ୍ଚ କରୁଥିବା ଜଣେ ବେସାମରିକ ବିମାନ ଚଳାଚଳ ଅଧିକାରୀ କହିଛନ୍ତି ଯେ ବିମାନର ଗତି ଅନୁଯାୟୀ ଏହା ସିଧା ୧୨୦୦ ବେଡ୍ ବିଶିଷ୍ଟ ସିଭିଲ ହସ୍ପିଟାଲରେ ମାଡ଼ ହେବାକୁ ଯାଉଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ପାଇଲଟ କିଛି ସମୟ ପୂର୍ବରୁ ବିମାନକୁ ତଳକୁ ନେଇଆସିଥିଲେ। ଏଥିଯୋଗୁ ବିମାନ ମେଡିକାଲ କଲେଜ ହଷ୍ଟେଲର ଛାତରୁ ଖସି ଗଛ ଉପରେ ପଡ଼ିଥିଲା। ସୂଚନାଯୋଗ୍ୟ ଯେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା କ୍ୟାପ୍ଟେନ ସୁମିତଙ୍କ ଗତ ୧୭ ତାରିଖରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ୮୨୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା।

# ଆତ୍ମଘାତୀ ଆକ୍ରମଣ; ୧୬ ପାକ୍ ସୈନିକ ମୃତ

### ନିଜକୁ ଦାୟୀ କଲା ଟିଟିପି

ଇସଲାମାବାଦ, ୨୮।୬ (ଏଜେନ୍ସି): ଆତଙ୍କବାଦୀ ଆକ୍ରମଣ କରି ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ନିଜେ ଏହାର ଶିକାର ହୋଇଛି। ଭାରତରେ ପୁଲୱାମା ଆକ୍ରମଣ ପାଇଁ ଦାୟୀ ପାକିସ୍ତାନରେ ଏଭଳି ଆକ୍ରମଣ ହୋଇଛି।



ଖୈବର ପଖତୁନଖ୍ୱା ପ୍ରଦେଶର ଉତ୍ତର ବଜିରସ୍ଥାନ ଜିଲ୍ଲାରେ ଶନିବାର ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ନେଇ ଜଣେ ଆତଙ୍କବାଦୀ ପାକିସ୍ତାନୀ ସେନାର କନଭୟକୁ ଧକ୍କା ଦେଇଛି। ପରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଛି। ଏହି ବିସ୍ଫୋରଣରେ ୧୬ ଯବାନ ପ୍ରାଣ ହରାଇଛନ୍ତି। ୨୪ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ପାକିସ୍ତାନୀ ତାଲିବାନ (ଟିଟିପି) ନିଜକୁ ଦାୟୀ କରିଛି। ଏହି ଅଞ୍ଚଳକୁ ଟିଟିପିର ଗଡ଼ ଧରାଯାଉଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଦୁଇଟ ଘରର ଛାତ ଭୁଶୁଡି ଯାଇଛି। ଏଥିରେ ୬ରୁ ଅଧିକ ଶିଶୁ ଆହତ ହୋଇଛନ୍ତି। ପାକିସ୍ତାନ ତାଲିବାନର ଏକ ଗୋଷ୍ଠୀ ହାଫିଜ ଗୁଲ ବାହାଦୂର ଆର୍ମ୍ଡ ଗ୍ରୁପର ଆତ୍ମଘାତୀ ଏହି କାଣ୍ଡ ଘଟାଇଛନ୍ତି।

୨୦୨୧ ମସିହାରେ ଆଫଗାନିସ୍ତାନରେ ତାଲିବାନ କ୍ଷମତାସୀନ ହେବା ପରଠାରୁ ପାକିସ୍ତାନର ଏହି ଅଞ୍ଚଳରେ ହିଂସା ଲାଗି ରହିଛି। ଅନବରତ ଭାବେ ସେନା ଉପରେ ଆକ୍ରମଣ ହେଉଛି। ତାଲିବାନ ସରକାର ଏଥିପାଇଁ ସହାୟତା କରୁଛନ୍ତି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଉଛି। ତେବେ ତାଲିବାନ ଏହି ଅଭିଯୋଗକୁ ଖାରଜ କରିଆସିଛି।

# ପୁଣି ବିବାଦ ଘେରରେ ନିର୍ବାଚନ କମିସନ

ନୂଆଦିଲ୍ଲୀ, ୨୮।୬(ଏଜେନ୍ସି): ବିଭିନ୍ନ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦରେ ଥିବା ଭାରତର ନିର୍ବାଚନ କମିସନ ପୁଣି ଆଉ ଏକ ନୂଆ ବିବାଦରେ ଫସିଯାଇଛନ୍ତି। ଏଥର ଘରଘର ବୁଲି ଯାଞ୍ଚ ପ୍ରକ୍ରିୟାକୁ ନେଇ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରେ। ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଭୋଟର ତାଲିକାରେ ସଂଶୋଧନ କରାଯାଉଛି। ଏହି ପ୍ରକ୍ରିୟାରେ ନୂଆ ଓ ପୁରୁଣା ଭୋଟରଙ୍କୁ ଭାରତୀୟ ନାଗରିକତ୍ୱ ପ୍ରମାଣ ଦେବାକୁ କୁହାଯାଉଛି। ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ସଂପର୍କରେ ପ୍ରମାଣପତ୍ର ଲୋଡୁଛନ୍ତି ନିର୍ବାଚନ ଅଧିକାରୀ। ଏହାକୁ ନେଇ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଅଭିଯୋଗ କରିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ବାହାନାରେ ସରକାର କମିସନଙ୍କୁ ଅସ୍ତ୍ର କରି ଏନ୍‌ଆର୍‌ସି ବା ଜାତୀୟ ନାଗରିକ ପଞ୍ଜୀକରଣ କରାଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବେଆଇନ ଶରଣାର୍ଥୀଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ଲାଗି ନିର୍ବାଚନ କମିସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ବୁଥ୍ ସ୍ତରରେ ନିର୍ବାଚନ ଅଧିକାରୀ ଘର ଘର ବୁଲି ସର୍ଭେ କରିବା ସହିତ ନୂଆ ଏବଂ ପୁରୁଣା ଭୋଟରଙ୍କ ଠାରୁ ତଥ୍ୟପ୍ରମାଣ ସଂଗ୍ରହ କରୁଛନ୍ତି। ସେମାନେ ଭାରତୀୟ ନାଗରିକ କି ନୁହନ୍ତି? ଯଦି ଭାରତୀୟ ନାଗରିକ, ତାହାହେଲେ ସେମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖ ସଂପର୍କରେ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। କେବଳ ନିଜର ନୁହେଁ, ସେମାନଙ୍କ ପିତାମାତାଙ୍କର ପ୍ରମାଣପତ୍ର ମଧ୍ୟ ଲୋଡ଼ାଯାଉଛି। ୧୯୮୭ପୂର୍ବରୁ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖର ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। ସେହିଭଳି ଜୁଲାଇ ୧୯୮୭ରୁ ଡିସେମ୍ବର ୨୦୦୪ ମଧ୍ୟରେ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ସହିତ ପିତାମାତାଙ୍କର ଜନ୍ମସ୍ଥାନ ଓ ଜନ୍ମତାରିଖ ସଂପର୍କରେ କାଗଜପତ୍ର ଦାଖଲ କରିବାକୁ କୁହାଯାଉଛି।

- ଜନ୍ମ ପ୍ରମାଣପତ୍ର ଦେବାକୁ ଭୋଟର ବାଧ୍ୟ
- ପ୍ରମାଣପତ୍ର ନଦେଲେ ତାଲିକାରୁ ନାଁ କଟିବ
- କମିସନଙ୍କୁ ଘେରିଲେ ବିରୋଧୀ ଦଳ
- ତାଲିକା ସଂଶୋଧନ ନାମରେ ଏନ୍‌ଆର୍‌ସି ?

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ। ରାଷ୍ଟ୍ରୀୟ ଜନତା ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଏମିତି ଲକ୍ଷ ଲକ୍ଷ ପରିବାର ଅଛନ୍ତି ଯେଉଁମାନଙ୍କ ପାଖରେ ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ନାହିଁ। ସେମାନଙ୍କୁ ମତଦାନରୁ ବଞ୍ଚିତ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର। ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଏହାକୁ ଏନ୍‌ଆରସି ଠାରୁ ଅଧିକ ଭୟଙ୍କର ଓ ବିପଜ୍ଜନକ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ କମିସନଙ୍କ ଏଭଳି ନିଷ୍ପତ୍ତି ଗଣତନ୍ତ୍ର ପାଇଁ ବିପଦ। ରାଜ୍ୟ ସରକାର ଓ ଜାତୀୟ ରାଜନୈତିକ ଦଳଙ୍କ ସହିତ ବିଚାରପରାମର୍ଶ ନକରି କମିସନ ଏଭଳି ଏକତରଫା ନିଷ୍ପତ୍ତି ନେଇପାରିବେ ନାହିଁ। କେବଳ ବିଜେପିକୁ ସୁହାଇଲା ଭଳି କମିସନ ନିଷ୍ପତ୍ତି ନେଉଛନ୍ତି। ଗରିବ ଓ ଅଶିକ୍ଷିତ ପରିବାର ସେମାନଙ୍କର ପ୍ରମାଣପତ୍ର କେଉଁଠୁ ଆଣିବେ ? କେନ୍ଦ୍ର ସରକାର ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି ଏନ୍‌ଆର୍‌ସି ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଅଭିଯୋଗ କରି ମମତା କହିଛନ୍ତି ଯେ ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଭୋଟ ଅଧିକାରରୁ ବଞ୍ଚିତ ହେବେ। ସମାଜବାଦୀ ପାର୍ଟି ମୁଖ୍ୟ ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ମଧ୍ୟ ମମତାଙ୍କୁ ସମର୍ଥନ କରି କହିଛନ୍ତି ଯେ କେନ୍ଦ୍ରରେ ବିଜେପି ସରକାରକୁ ସହଜରେ ବିଶ୍ୱାସ କରାଯାଇପାରିବ ନାହିଁ। ସେମାନେ ପଛଦ୍ୱାର ଦେଇ ଏନ୍‌ଆରସି ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୬ରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ସେଠାରେ ମଧ୍ୟ ଏଭଳି ଅଭିଯାନ ଚଳାଇବାକୁ ଯୋଜନା କରିଛନ୍ତି ନିର୍ବାଚନ କମିସନ।

# ଆଇନ ଛାତ୍ରୀଙ୍କୁ ଗଣଦୁଷ୍କର୍ମ: ସୁରକ୍ଷାକର୍ମୀ ଗିରଫ

କୋଲକାତା, ୨୮।୬ (ଏଜେନ୍ସି): କୋଲକାତା ଆଇନ କଲେଜରେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଗଣଦୁଷ୍କର୍ମକୁ ନେଇ ରାଜ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଏହା ବିରୋଧରେ ପ୍ରତିବାଦ ଆରମ୍ଭ କରିଦେଇଛନ୍ତି। ଏହା ମଧ୍ୟରେ କୋଲକାତା ପୁଲିସ ଶନିବାର ଏହି କଲେଜର ସୁରକ୍ଷାକର୍ମୀ ପିନାକୀ ବାନାର୍ଜୀଙ୍କୁ ଗିରଫ କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଟିଏମସି ନେତା ମନୋଜିତ ମିଶ୍ର ସହିତ ୪ ଜଣଙ୍କୁ ଗିରଫ କରାଗଲାଣି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଗଣଦୁଷ୍କର୍ମ ସମୟରେ ସୁରକ୍ଷାକର୍ମୀ ଉପସ୍ଥିତ ଥିଲା। ଅଭିଯୁକ୍ତର ନିର୍ଦ୍ଦେଶରେ ସେ ଗାର୍ଡରୁମ୍‌ରେ ମହିଳାଙ୍କୁ ଏକାକୀ ଛାଡ଼ି ପଳାଇ ଥିଲା। ଛାତ୍ରୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସୁରକ୍ଷାକର୍ମୀ ତାଙ୍କୁ ସହାୟତା କରି ନ ଥିଲା। ଏ ବିଷୟରେ ସେ କଲେଜ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାର ଥିଲା। କିନ୍ତୁ ସେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା। ତଦନ୍ତ ବେଳେ ଏହା ଜଣାପଡ଼ିବାରୁ ସୁରକ୍ଷାକର୍ମୀଙ୍କୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ପୀଡ଼ିତାଙ୍କ ମେଡିକାଲ ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ ଦୁଷ୍କର୍ମ ହୋଇଥିବା ସ୍ପଷ୍ଟ ହୋଇଛି। ପୁଲିସ ଅଧିକାରୀଙ୍କ ଅନୁଯାୟୀ ଜୋରଜବରଦସ୍ତି କରିଥିବାରୁ ପୀଡ଼ିତାଙ୍କ ଶରୀରରେ କଟା ଏବଂ ଆଞ୍ଚୁଡ଼ା ଦାଗ ରହିଛି। ମାର୍‌ପିଟ ମଧ୍ୟ କରାଯାଇଛି। ସେହିପରି ଗଣଦୁଷ୍କର୍ମର ତିନି ଅଭିଯୁକ୍ତଙ୍କୁ କୋର୍ଟ ୧ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଏହା ମଧ୍ୟରେ ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଯଦି ବନ୍ଧୁ ବନ୍ଧୁକୁ ଦୁଷ୍କର୍ମ କରିବ ତେବେ କ'ଣ କରାଯାଇପାରିବ ବୋଲି ସେ କହିଛନ୍ତି।

# ଆଇଏସ୍‌ଆଇଏସ୍‌ର ଭାରତ ମୁଖ୍ୟ ସାକିବ ନାଚନ ମୃତ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ ଅଫ୍ ଇରାକ ଆଣ୍ଡ ସିରିଆ (ଆଇଏସଆଇଏସ) ର ଭାରତ ମୁଖ୍ୟ କୁହାଯାଉଥିବା ତଥା ନିଷିଦ୍ଧ ସଂଗଠନ ଷ୍ଟୁଡେଣ୍ଟସ୍ ଇସଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ (ସିମି)ର ପୂର୍ବତନ ସଦସ୍ୟ ସାକିବ ନାଚନ (୫୭) ମସ୍ତିଷ୍କାଘାତରେ ପ୍ରାଣ ହରାଇଛି। ମସ୍ତିଷ୍କାଘାତ ହେବା ପରେ ତାକୁ ଶନିବାର ଦ୍ୱିପହରେ ଦିଲ୍ଲୀର ସଫଦରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନ୍‌ଆଇଏ ଦ୍ୱାରା ଗିରଫ ହେବା ପରେ ନାଚନ ୨୦୨୩ରୁ ତିହାର ଜେଲ୍‌ରେ ଥିଲା। ମହାରାଷ୍ଟ୍ରର ପଦଘା ଏବଂ ଦିଲ୍ଲୀରେ ଆଇଏସଆଇଏସର ଶାଖା ଗଢୁଥିବା ଅଭିଯୋଗରେ ତାକୁ ଗିରଫ କରାଯାଇଥିଲା। ମସ୍ତିଷ୍କାଘାତ ହେବାପରେ ମଙ୍ଗଳବାରଠାରୁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।



# ସାମ୍ବାଦିକା ସ୍ୱେଚାଙ୍କ ଆତ୍ମହତ୍ୟା

ହାଇଦରାବାଦ, ୨୮।୬ (ଏଜେନ୍ସି): ସୁପ୍ରସିଦ୍ଧ ସାମ୍ବାଦିକା ତଥା ତେଲୁଗୁ ଚ୍ୟାନେଲର ଉପସ୍ଥାପିକା ସ୍ୱେଚା ଭୋଟରାକର ଆତ୍ମହତ୍ୟା କରିଛନ୍ତି। ହାଇଦରାବାଦ ସ୍ଥିତ ବାସଭବନରୁ ଶୁକ୍ରବାର ରାତିରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ଏତଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଝିଅର ମୃତ୍ୟୁ ପାଇଁ ବାପା ଜଣେ ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି। ସ୍ୱେଚାଙ୍କ ମୃତ୍ୟୁରେ ବିଆରଏସ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟି ରାମା ରାଓ ଗଭୀର ଶୋକ ପ୍ରକାଶ କରିଛନ୍ତି।



# ସାଧୁ ମହାରାଜଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

କୋଲକାତା, ୨୮।୬ (ଏଜେନ୍ସି): ପଶ୍ଚିମବଙ୍ଗର ପଦ୍ମଶ୍ରୀ ବିଜେତା ସାଧୁ କାର୍ତ୍ତିକ ମହାରାଜଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି। ସ୍କୁଲରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ୨୦୧୩ ପରଠାରୁ ସେ ଜଣେ ମହିଳାଙ୍କୁ ଅନେକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ବିଜେପି ସହ ଘନିଷ୍ଠ ଥିବା ଏହି ସାଧୁ ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି। ପୀଡ଼ିତା ଅଭିଯୋଗ କରିଛନ୍ତି ଯେ ଭାରତ ସେବାଶ୍ରମ ସଂଘର ଏହି ସାଧୁ ତାଙ୍କୁ ମୁର୍ଶିଦାବାଦ ଆଶ୍ରମକୁ ନେଇ ଯାଇଥିଲେ। ଏହି ପରିସରରେ ଥିବା ବିଦ୍ୟାଳୟରେ ଚାକିରି ଦେବାକୁ କହି ରହିବାକୁ ଦେଇଥିଲେ। ତେବେ ଦିନେ ରାତିରେ କାର୍ତ୍ତିକ ମହାରାଜ ଜୋର ଜବରଦସ୍ତି ତାଙ୍କ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରିଥିଲେ। ୨୦୧୩ ଜାନୁଆରୀରୁ ଜୁନ୍ ମଧ୍ୟରେ ୧୨ ଥର ଦୁଷ୍କର୍ମ କରିଥିଲେ। କାହାକୁ କହିଲେ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ସେ ନିସହାୟ ହୋଇ ଏ ପର୍ଯ୍ୟନ୍ତ ଅଭିଯୋଗ କରି ନ ଥିଲେ ବୋଲି ପୀଡ଼ିତା ଏତଲାରେ କହିଛନ୍ତି।





## କୋରିଆନ୍ ଟପ୍ ଫେଶନ

ସମୟ ଅନୁସାରେ ଫେଶନ ଟ୍ରେଣ୍ଡରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ସେହିପରି ବର୍ତ୍ତମାନ ସମୟରେ ଯୁବତୀଙ୍କ ମଧ୍ୟରେ କୋରିଆନ୍ ଟପର କ୍ରେଜ୍ ଦେଖିବାକୁ ମିଳୁଛି । ଅନ୍‌ଲାଇନ୍‌ରେ ଏହା ବିଭିନ୍ନ ଡିଜାଇନରେ ରହିଛି । ଏହା ଷ୍ଟାଇଲିଶ୍ ସାଙ୍ଗକୁ ଆକର୍ଷଣୀୟ ଦେଖାଯାଏ । ତେବେ ଏ ପ୍ରକାର ଟପ୍ସ ବିଶେଷ କରି ବଟନ୍ ୱେୟାର୍ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

- ଧଳା ରଙ୍ଗ କୋରିଆନ୍ ଟପ୍ ଏବେର କଲେଜ ପଢୁଆ ଯୁବତୀଙ୍କ ମଧ୍ୟରେ ଖୁବ୍ ଚାହିଦା ରହିଛି । ଏହାକୁ ଟ୍ରାଉଜର୍, କଳା ଷ୍ଟ୍ରେଟ୍ ପ୍ୟାଣ୍ଟ, ଜିନ୍ସ, ଲଙ୍ଗ୍ ସ୍କର୍ଟରେ ପିନ୍ଧିପାରିବେ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।
- ସେହିପରି ଏହାକୁ ପେନ୍‌ସିଲ୍ ହିଲ୍ କିମ୍ବା ବୁଟ୍ ଭଲ ମାନିଥାଏ । ଏଥିସହ ସ୍ଲିଙ୍ଗ୍ ବ୍ୟାଗ୍, ମିନି କ୍ଲଚ୍, ତଥା ଲେଦର ବ୍ୟାଗ ବ୍ୟବହାର କରିପାରିବେ ।
- ରଙ୍ଗିନ କୋରିଆନ୍ ଟପ୍ସକୁ ଜିନ୍ସ ଭଲ ମାନିଥାଏ । ଏହି ଆଉଟ୍‌ଫିଟ୍‌ରେ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ଆଧୁନିକ ଅଳଙ୍କାର ମାନିଥାଏ ।

## ଭାଇରାଲ ଗର୍ଲ

ଏବେ ଲୋକମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏକ ଉତ୍ତମ ମାଧ୍ୟମ ପାଲଟିଛି ସାମାଜିକ ଗଣମାଧ୍ୟମ । ଏଥିରୁ ସେମାନଙ୍କୁ ପରିଚୟ, ଖ୍ୟାତି, ସମ୍ପତ୍ତି, ସମ୍ମାନ ମିଳିପାରୁଛି । ଏପରିକି ରାତାରାତି ସାଧାରଣ ମଣିଷରୁ ସୋସିଆଲ ମିଡିଆ ତାରକା ପାଲଟିଥାନ୍ତି । ତେବେ ସାମାଜିକ ଗଣମାଧ୍ୟମରୁ ପ୍ରସିଦ୍ଧି ଲାଭ କରି ଚର୍ଚ୍ଚା ସାଉଁଟିଥିବା ସେଭଳି କେତେ ଜଣ ଭାଇରାଲ ଗର୍ଲଙ୍କୁ ନେଇ ଏହି ଉପସ୍ଥାପନା ।



### ପ୍ରିୟା ପ୍ରକାଶ ବାରିୟର

ସୋସିଆଲ ମିଡିଆରେ ରାତାରାତି ଭାଇରାଲ ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣେ ହେଲେ ପ୍ରିୟା ପ୍ରକାଶ ବାରିୟର୍ । ମଲୟାଲମ୍ ଏବଂ ତେଲୁଗୁ ଅଭିନେତ୍ରୀ ଭାବେ ପ୍ରିୟା ୧୮ ବର୍ଷ ବୟସରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ । 'ଓରୁ ଅଦାର ଲଭ୍' ଫିଲ୍ମରେ ସେ ଅଭିନେତାଙ୍କୁ ଆଖିମାରୁଥିବାର ଏକ ଦୃଶ୍ୟକୁ ଭାଇରାଲ୍ ହୋଇଥିଲା । ୨୬ ସେକେଣ୍ଡର ଏହି ଭିଡିଓକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । 'ୱିଙ୍କ ଗର୍ଲ' ନାମରେ ପରିଚିତ ପ୍ରିୟା ୨୦୧୮ ମସିହାରେ ସାମାଜିକ ଗଣମାଧ୍ୟମରେ ଅଧିକ ସର୍ଚ୍ଚ କରାଯାଇଥିବା ମହିଳା ଥିଲେ ।

### ମୋନାଲିସା ଭୋସଲେ



ପ୍ରୟାଗରାଜ କୁମ୍ଭମେଳାରେ 'ଭାଇରାଲ ଗର୍ଲ' ଭାବରେ ମୋନାଲିସା ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାରେ ରହିଥିଲେ । ତାଙ୍କର ସୁନ୍ଦରତା ଆକର୍ଷଣୀୟ ଆଖି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ମଧ୍ୟ ପ୍ରଦେଶ ଇନ୍ଦୋରରୁ ଆସିଥିବା ଜଣେ ସାଧାରଣ ଯୁବତୀ ଥିଲେ ମୋନାଲିସା । ରୁଦ୍ରାକ୍ଷ ମାଳି ବିକାଳୀରୁ ସେ ରାତାରାତି ସୋସିଆଲ ମିଡିଆ ସେନସେସନ୍ ପାଲଟିଥିଲେ । ମହାକୁମ୍ଭରେ କିଛି ୟୁଟ୍ୟୁବ୍‌ର ତାଙ୍କ ଭିଡିଓ ସୁଟ୍ କରି ତାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ । ଫଳରେ ଏଥିରୁ ସେ ଭାଇରାଲ ହୋଇଥିଲେ । ପରେ ତାଙ୍କୁ 'ଦି ଡାଏରୀ ଅଫ୍ ମଣିପୁର' ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା ।

### ଗରିମା ଚୌରାସିଆ




'ବହୁତ ହାର୍ଡ ଗର୍ଲ' ନାମରେ ପରିଚିତ ଗରିମା ଚୌରାସିଆ ଟିକ୍‌ଟକ୍ ଭିଡିଓରୁ ଭାଇରାଲ ହୋଇଥିଲେ । ଗଲି ବୟ ଫିଲ୍ମ ଗୀତ ବହୁତ ହାର୍ଡରେ ଲିପ୍‌ସିଙ୍ଗ୍ କରି ସେ ଲୋକପ୍ରିୟତା ସାଉଁଟିଥିଲେ । କିଲର ଲୁକ୍ ସାଙ୍ଗକୁ ନୃତ୍ୟଶୈଳୀ ଲୋକଙ୍କୁ ଖୁବ୍ ପସନ୍ଦ ଆସିଥିଲା । ସେ ରାତିକ ମଧ୍ୟରେ ସୋସିଆଲ୍ ମିଡିଆ ତାରକା ପାଲଟିଥିଲେ । ଭାରତରେ ଟିକଟକ ବନ୍ଦ ହେବା ପରେ ମଧ୍ୟ ସେ ଇନ୍‌ଷ୍ଟାଗ୍ରାମ, ଏମ୍‌ଏକ୍ସ ଟକାଟକ୍ ଭଳି ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି । ସେ ୧୯୯୭ ମସିହାରେ ଉତ୍ତରାଖଣ୍ଡ ହରିଦ୍ୱାରରେ ଜନ୍ମ ହୋଇଥିଲେ । ଦିଲ୍ଲୀରେ ରହୁଥିବା ଗରିମା ସୋସିଆଲ ମିଡିଆରେ ଭିଡିଓ କରିବା ସହ ଅନେକ ମ୍ୟୁଜିକ୍ ଭିଡିଓ କରିଛନ୍ତି । ଏଥିସହ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାକୁ ଆଶା ରଖିଛନ୍ତି ।

### ଅଞ୍ଜଳି ଅରୋରା

'କଚ୍ଚା ବାଦାମ' ଗୀତରେ ନୃତ୍ୟ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହୋଇଥିଲେ ଅଞ୍ଜଳି । ତାଙ୍କର ନୃତ୍ୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ଏହି ସଫଳତା ପରେ ଅଞ୍ଜଳିଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଏହାପରେ ସେ ଲଗାତାର ଭିଡିଓ ପୋଷ୍ଟ କରିଥିଲେ । ତାଙ୍କର ଲୋକପ୍ରିୟତା ଯୋଗୁ 'ଲକ୍‌ଅପ ସିଜନ୍' -୧ ରେ ପ୍ରତିଯୋଗୀ ଭାବେ ଭାଗ ନେବାକୁ ସୁଯୋଗ ମିଳିଥିଲା । ଏହି ସୋ' ସେ ରେ ବିଜୟୀ ନ ହେଲେ ମଧ୍ୟ ବେଶ୍ ଲୋକପ୍ରିୟତା ସାଉଁଟିଥିଲେ । ଏବେ ସେ ରିଲ୍‌ସ କରିବା ସହ ଅନେକ ମ୍ୟୁଜିକ ଭିଡିଓରେ ମଧ୍ୟ ସେ କାମ କରୁଛନ୍ତି । ଏବେ ସେ ଜଣେ ୟୁଟ୍ୟୁବ୍‌ର , ମଡେଲ ତଥା ଅଭିନେତ୍ରୀ ଭାବେ ଜଣାଯାନ୍ତି । ସେ ନିଜର ନୃତ୍ୟ ମାଧ୍ୟମରେ ଏବେ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିଆସୁଛନ୍ତି । ତାଙ୍କର ସାମାଜିକ ଗଣମାଧ୍ୟମରେ ଅନେକ ପ୍ରଶଂସକ ରହିଛନ୍ତି ।



## ଏପରି କରନ୍ତୁ କାଚ ବାସନ ସଫା



କାଚ ବାସନ ଆଖିକୁ ଆକର୍ଷଣୀୟ ଦେଖାଯାଏ । ତେଣୁ ଲୋକେ ଏହାକୁ ବିଶେଷ ଦିନଗୁଡ଼ିକରେ ଯଥା- ପୂଜା,ପର୍ବ, ଉତ୍ସବ ଆଦିରେ ବ୍ୟବହାର କରିଥାନ୍ତି । ହେଲେ ପରବର୍ତ୍ତୀ ସମୟରେ ଏହାକୁ ସଫା କରିବା କଷ୍ଟକର ହୋଇଥାଏ । ତେଣୁ କାଚ ବାସନକୁ ସହଜ ଉପାୟରେ କିପରି ସଫା କରିବେ ଜାଣି ରଖନ୍ତୁ...

- ସର୍ବଦା ନଖ ଉଷୁମ ପାଣି ବ୍ୟବହାର କରି କାଚ ବାସନଗୁଡ଼ିକୁ ସଫା କରିବା ଆବଶ୍ୟକ । ଏହା ଦ୍ୱାରା ବାସନରେ ଲାଗିଥିବା ଦାଗ ଛାଡ଼ିଥାଏ ।
- କାଚ ବାସନର ଉଜ୍ଜ୍ୱଳତା ବୃଦ୍ଧି ପାଇଁ ଲେମ୍ବୁ ଖୁବ୍ ଉପକାରୀ ହୋଇଥାଏ । ତେଣୁ ଏହାକୁ ବ୍ୟବହାର କରି ବାସନ ସଫା କରିପାରିବେ । ଏଥିପାଇଁ ପ୍ରଥମେ ଦୁଇ, ତିନୋଟି ଲେମ୍ବୁ ଚିପୁଡ଼ି ରସ କାଢ଼ନ୍ତୁ । ସେହି ରସକୁ ସ୍ୱଞ୍ଜ ସାହାଯ୍ୟରେ ବାସନରେ ଘଷି ସଫା କରନ୍ତୁ । ଏହା ଦ୍ୱାରା ବାସନରେ ଚମକ ବୃଦ୍ଧି ପାଇଥାଏ ।
- ବେକିଂସୋଡ଼ା ବ୍ୟବହାର କରି କାଚବାସନ ସଫା କରିବା କରିପାରିବେ । ନଖ ଉଷୁମ ପାଣିରେ ବେକିଂ ସୋଡ଼ା ମିଶାଇ ବାସନକୁ କିଛି ସମୟ ବୁଡ଼ାଇ ରଖନ୍ତୁ । ଏହାପରେ ସ୍ୱଞ୍ଜ ବ୍ୟବହାର କରନ୍ତୁ ।

## ନଡ଼ିଆ ତେଲ, କର୍ପୂରରେ କେଶର ଯତ୍ନ

ନଡ଼ିଆ ତେଲ କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏଥିପାଇଁ ଅନେକ ନଡ଼ିଆ ତେଲରେ ମେଥି, ଭୃସଙ୍ଗ ପତ୍ର ପକାଇ ଲଗାଇଥାନ୍ତି । ଏହାଦ୍ୱାରା କେଶ ଘନ କଳା ଓ ମଜଭୂତ ହୋଇଥାଏ । ଚାହିଁଲେ ନଡ଼ିଆ ତେଲରେ କର୍ପୂର ମିଶାଇ ଲଗାଇପାରିବେ । ଏହା ଦ୍ୱାରା କେଶ ସମସ୍ୟା ଦୂର ହୋଇଥାଏ ।



- ଗୋଟିଏ ଛୋଟ ପାତ୍ରରେ ଅଧା କପ୍ ତେଲ ନେଇ ସେଥିରେ ଗୋଟିଏ କର୍ପୂର ମିଶାଇ ତେଲକୁ ଅଳ୍ପ ଉଷୁମ କରନ୍ତୁ । ତେଲ ଥଣ୍ଡା ହୋଇଗଲେ ଏହାକୁ ଏକ ବୋତଲରେ ରଖି ଷ୍ଟୋର କରନ୍ତୁ । ଏହା କେଶରେ ଚମକ ଆଣିଥାଏ ।
- ନିୟମିତ କେଶରେ ନଡ଼ିଆ ତେଲ କର୍ପୂର ଲଗାଇଲେ ଏହା କେଶ ବୃଦ୍ଧିରେ ସହାୟକ ହୁଏ । ଏଥିସହ କେଶ ଘନ ଓ କଳା ହୋଇଥାଏ ।
- ସେହିପରି କେଶରେ ରୂପି ସମସ୍ୟା ଥିଲେ, ଏହି ତେଲ ଲଗାଇପାରିବେ । ଏହା କେଶରୁ ରୂପି ସମସ୍ୟା ଦୂର କରିଥାଏ ।
- କେଶର ପ୍ରାକୃତିକ ଚମକବୃଦ୍ଧି କରିବା ସହ ରୁକ୍ଷକେଶକୁ ମଜଭୂତ କରିବାକୁ ଚାହୁଁଥିଲେ, ଏହି ତେଲ ଲଗାଇପାରିବେ ।

## ବର୍ଷାଦିନେ କପଡ଼ାରୁ ଦୁର୍ଗନ୍ଧ ଆସୁଥିଲେ

ସାଧାରଣତଃ ବର୍ଷା ହେଲେ ଆଶ୍ୱସ୍ତି ମିଳିଥାଏ । କିନ୍ତୁ ଲଗାତାର ବର୍ଷା ଲାଗି ରହିଲେ, ଲୁଗାପଟା ଶୁଖିବା ଏ ଦିନେ ମୁଖ୍ୟ ସମସ୍ୟା ପାଲଟିଥାଏ । କାରଣ ବର୍ଷାଦିନେ ପାଗ ଓଦା ଥିବାରୁ ଲୁଗାପଟା ଭଲରେ ଶୁଖିପାରେ ନାହିଁ । ଫଳରେ ସେଥିରୁ ଦୁର୍ଗନ୍ଧ ବାହାରି ଥାଏ । ତେଣୁ ବର୍ଷାଦିନେ କିଛି ଘରୋଇ ଉପାୟ ଆପଣାଇ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

### ବେକିଂ ସୋଡ଼ା, ଭିନେଗାର୍

ଲୁଗାପଟା ଧୋଇବା ସମୟରେ ଏକ ବାଲ୍‌ଟିରେ ସର୍ଫ ନେଇ ସେଥିରେ ଏକ ଚାମଚ ବେକିଂସୋଡ଼ା, ଅଳ୍ପ ଭିନେଗାର ଢାଳନ୍ତୁ । ଏହା କପଡ଼ାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିସହ କପଡ଼ାକୁ ସତେଜ ରଖିଥାଏ ।

### ଭଲରେ ଶୁଖାନ୍ତୁ କପଡ଼ା


ଅନେକ ସମୟରେ ଲୋକମାନେ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଅଧା ଶୁଖିଥିବା ଲୁଗାପଟାକୁ ଆଣି ଘରେ ରଖି ଦିଅନ୍ତି । ଫଳରେ ଏଥିରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ କପଡ଼ା ସମ୍ପୂର୍ଣ୍ଣ ଶୁଖିଯିବା ପରେ ଏହାକୁ ଭାଙ୍ଗି ରଖିବା ଆବଶ୍ୟକ ।

### ଖରାରେ ଶୁଖାନ୍ତୁ

ସାଧାରଣତଃ ବର୍ଷାଦିନେ ଖରା ଅଳ୍ପ ସମୟ ପାଇଁ ହୋଇଥାଏ । ଏଣୁ ଖରାହେବା ମାତ୍ରେ ଘରେ ଥିବା ଲୁଗାପଟାକୁ କିଛି ସମୟ ପାଇଁ ଖରାରେ ଶୁଖାଇ ଦିଅନ୍ତୁ । ଏହାଦ୍ୱାରା କପଡ଼ାରୁ ଦୁର୍ଗନ୍ଧ ଦୂର ହୋଇଥାଏ ।

### ଆଣ୍ଟି ବ୍ୟାକ୍ଟେରିଆଲ୍ ଫ୍ୟାବ୍ରିକ୍ ସ୍ପ୍ରେ

ବାରମ୍ବାର କପଡ଼ା ଧୋଇବାରେ ସମସ୍ୟା ହେଉଥିଲେ, ବଜାରରେ ମିଳୁଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଫ୍ୟାବ୍ରିକ୍ ସ୍ପ୍ରେ ବ୍ୟବହାର କରିପାରିବେ । ଏହା କପଡ଼ାରେ ଦୁର୍ଗନ୍ଧ କିଟାଣୁକୁ ଦୂର କରିଥାଏ ।



## ମୋ ହାଣ୍ଡିଶାଳରୁ...

## ପୋଟଳ ପକୁଡ଼ି ତରକାରୀ



### ଆବଶ୍ୟକ ସାମଗ୍ରୀ

ବଡ଼ୁରା ବୁଟ ଡାଲି – ଏକ କପ୍, ପୋଟଳ – ପାଞ୍ଚ- ସାତୋଟି, ଆଳୁ- ତିନିଗୋଟି, କଟା ପିଆଜ – ଏକ କପ୍, ଟମାଟୋ– ଗୋଟିଏ, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଭୃସଙ୍ଗ ପତ୍ର – ଦୁଇ ପାଖୁଡ଼ା, ହଳଦୀଗୁଣ୍ଡ, - ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଜୀରା ଗୁଣ୍ଡ – ଏକ ଚାମଚ, ଡାଲଚିନି – ଖଣ୍ଡେ, ଗୋଟା ଧନିଆ – ଏକ ଚାମଚ, କସୁରୀ ମେଥି – ଅଳ୍ପ, ଦହି – ଦୁଇ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବଡ଼ୁରା ବୁଟଡାଲିକୁ ପାଣିରୁ ଛାଣି ଜାର୍‌ରେ ଦେଇ ସେଥିରେ କଞ୍ଚାଲଙ୍କା, ରସୁଣ ପାଖୁଡ଼ା ପକାଇ ଗ୍ରାଇଣ୍ଡିଂ କରନ୍ତୁ । ଏହାକୁ ଗୋଟିଏ ପାତ୍ରରେ କାଢ଼ି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଜୀରାଗୁଣ୍ଡ, ଭୃସଙ୍ଗ ପତ୍ର ଲୁଣ ଦେଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ବୁଟଡାଲି ବଟାକୁ ଛୋଟ ଗୁଳା କରି ପକୁଡ଼ି ଭଳି ଛାଣି ଏକ ପ୍ଲେଟ୍‌ରେ ରଖନ୍ତୁ । ଏହାପରେ ଆଉ ଏକ କଡ଼େଇରେ ଅଳ୍ପ ତେଲ ଦେଇ ସେଥିରେ ଆଳୁ ପୋଟଳ ଭାଜନ୍ତୁ । ନାଲି ହୋଇଗଲେ ଏହାକୁ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ବଳକା ତେଲରେ ଅଳ୍ପ ଜିରା , ଡାଲଚିନି, କଟା ପିଆଜ ପକାଇ ଭାଜନ୍ତୁ । ଏହାପରେ ଅଦା ରସୁଣ ପେଷ୍ଟ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ଦିଅନ୍ତୁ । ଏହାପରେ ଦହି ଦେଇ ମସଲାକୁ ଏପାଖ ସେପାଖ କରନ୍ତୁ । ଅଳ୍ପ ପାଣି ଦେଇ ପାଞ୍ଚମିନିଟ୍ କଷି ଭାଜି ରଖିଥିବା ପୋଟଳ ଆଳୁ ଦିଅନ୍ତୁ । ପିଠାଖଡ଼ିକାରେ ଏପାଖସେପାଖ କରି ଢାଙ୍କୁଣି ଘୋଡ଼ାନ୍ତୁ । ପୋଟଳ ଆଳୁ ସିଝିଗଲା ପରେ ସେଥିରେ ଛାଣି ରଖିଥିବା ପକୁଡ଼ି ଦେଇ ଗରମ ମସଲା ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ପୋଟଳ ପକୁଡ଼ି ତରକାରୀ' ।

### ଭାରତୀୟ କ୍ରିକେଟ ଦଳର ଜୋର୍‌ଦାର୍ ଅଭ୍ୟାସ

# ଦ୍ୱିତୀୟ ଟେଷ୍ଟରେ ଖେଳି ନ ପାରନ୍ତି ବୁମ୍‌ରା



ଏଜ୍‌ବାଷ୍ଟନ, ୨୮ ।୬ (ଏଜେନ୍ସି)


ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଜୁଲାଇ ୨ରୁ ଆରମ୍ଭ ହେବ । ହେଡିଂଲେରେ ପ୍ରଥମ ଟେଷ୍ଟ ହାରିବା ପରେ ଗତକାଲିଠାରୁ ଭାରତୀୟ ଦଳ ଜୋରଦାର ଅଭ୍ୟାସ ଆରମ୍ଭ କରିଛି । ବିଶେଷ କରି ଦଳ ପ୍ରଥମ ଦୁଇ ଦିନ ଅଭ୍ୟାସରେ ବୋଲିଂ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଦଳର ଲକ୍ଷ୍ୟ ରହିଛି ଦ୍ୱିତୀୟ ଟେଷ୍ଟ ଜିତି ସିରିଜ୍‌କୁ ବରାବର ସ୍ଥିତି ଆଣିବା । ଏଥିଲାଗି ଦଳର ସମସ୍ତ ଖେଳାଳି ଦୁଇ ଦିନରେ ଭଲ ଅଭ୍ୟାସ କରିଛନ୍ତି । ପ୍ରଥମ ଦିନରେ ଦଳର ପ୍ରମୁଖ ବୋଲର ଅଭ୍ୟାସ କରି ନ ଥିଲେ । ଯଶପ୍ରୀତ୍ ବୁମ୍‌ରା ପଡ଼ିଆକୁ ଆସି ନ ଥିଲେ । କିନ୍ତୁ ଶନିବାର ଦ୍ୱିତୀୟ ଦିନରେ ସମସ୍ତ ପ୍ରମୁଖ ବୋଲର ଦୀର୍ଘ ସମୟ ଧରି ବୋଲିଂ କରିଥିଲେ । ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଅଭ୍ୟାସ କରିଥିଲେ । ପ୍ରଥମ ଦିନରେ ସିରାଜ ବ୍ୟାଟିଂ ଅଭ୍ୟାସ କରିଥିଲାବେଳେ ଅର୍ଶଦୀପ ସିଂ ଓ ଆକାଶ ଦୀପ୍ ଦୀର୍ଘ ସମୟ ଧରି ବୋଲିଂ ଅଭ୍ୟାସ କରିଥିଲେ । ଦ୍ୱିତୀୟ ଦିନରେ ପ୍ରମୁଖ ବୋଲର ବୋଲିଂ କରିବା ଫଳରେ ସମର୍ଥକ ଓ ମ୍ୟାନେଜ୍‌ମେଣ୍ଟ ନୂଆ ଉତ୍ସାହ ପାଇଛି ।

ଶନିବାର ପ୍ରଥମେ ସମସ୍ତ ଖେଳାଳି ଶାରିରୀକ ଅଭ୍ୟାସ କରିବା ପରେ ବ୍ୟାଟିଂ ଓ ବୋଲିଂ କରିଥିଲେ । ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲେ ପ୍ରଥମ ଟେଷ୍ଟର ନଂ-୩ ବ୍ୟାଟର ତଥା ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ । କିନ୍ତୁ ଦଳର ପ୍ରମୁଖ ବ୍ୟାଟର ତଥା ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ଋଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଆଜି ବ୍ୟାଟିଂ କରିବାକୁ ଆସି ନ ଥିଲେ । ଏମାନେ ସମସ୍ତେ ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିଲେ ଓ ପ୍ରଥମ ଦିନ ଦୀର୍ଘଦିନ ଧରି ଅଭ୍ୟାସ କରିଥିଲେ । ଏମାନଙ୍କ ମଧ୍ୟରେ ପନ୍ତ ସବୁଠାରୁ ଅଧିକ ସମୟ ଅଭ୍ୟାସ କରିଥିଲେ । ବୁମ୍‌ରା ଅଭ୍ୟାସ କରିବାକୁ ଆସିବା ଭାରତ ଲାଗି ଉତ୍ସାହଜନକ ଖବର । କିନ୍ତୁ ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି । ଏହି ୩୧ ବର୍ଷୀୟ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିଲେ । ସିରିଜ୍ ଆରମ୍ଭ ପୂର୍ବରୁ ବୁମ୍‌ରା ୫ଟି ମଧ୍ୟରୁ ୩ଟି ଟେଷ୍ଟ ଖେଳିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର କହିଥିଲେ । ତାଙ୍କ କଥାକୁ ଗୁରୁତ୍ୱ ଦେଲେ ୱାର୍କଲୋଡ୍ ଅନୁଯାୟୀ ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ । ଏହି ସମୟରେ ବୁମ୍‌ରା ତାଙ୍କ ବକ୍ତବ୍ୟକୁ ବଦଳାଇ ଦେଇଥିଲେ । ସେ କହିଥିଲେ ବୁମ୍‌ରା ଚାହିଁଲେ ଓ ତାଙ୍କ ଶରୀର ଫିଟ୍ ରହିଲେ ସେ କ୍ରମାଗତ ଟେଷ୍ଟ ଖେଳିପାରନ୍ତି, କିମ୍ବା ବିଶ୍ରାମ ନେଇପାରନ୍ତି । ପ୍ରଥମ ଟେଷ୍ଟ ହାରିବା ପରେ ଭାରତୀୟ ଦଳ କିଛି ରିସ୍କ ନେବାକୁ ଚାହିଁବ ନାହିଁ । ତାହା ନୁହେଁ ଯେ ଦଳରେ ବିରାଟ ପରିବର୍ତ୍ତନ ହେବ । ତାହା ମଧ୍ୟରେ ବୁମ୍‌ରା ଖେଳିବେ କି ନାହିଁ ସନ୍ଦେହ ରହିବା ସ୍ୱାଭାବିକ୍ । ସିରିଜ୍‌ରେ ସ୍ଥିତି ଯାହା ଥାଉନା କାହିଁକି ବୁମ୍‌ରାଙ୍କ ଶରୀର ଖେଳିବା ଲାଗି ଫିଟ୍ ନ ରହିଲେ ସେ ଖେଳିବେ ନାହିଁ ବୋଲି ଗମ୍ଭୀର କହିଛନ୍ତି ।

ପ୍ରଥମ ଟେଷ୍ଟରେ ବୋଲିଂ ଯେପରି ପ୍ରଭାବହୀନ ହୋଇଥିଲା, ତା’ଠାରୁ ଅଧିକ ଦୟନୀୟ ହୋଇଥିଲା ଫିଲ୍ଡିଂ । ପ୍ରଥମେ ଓ ଶେଷରେ ଖେଳାଳିମାନେ ଫିଲ୍ଡିଂ ଅଭ୍ୟାସ କରିଥିଲେ । ପ୍ରଥମ ଟେଷ୍ଟରେ ଭାରତ ପ୍ରାୟ ୧୦ଟି କ୍ୟାଚ୍ ହାତଛଡ଼ା କରିଥିଲାବେଳେ ଏହାକୁ ନ ଦୋହରାଇବା ଲାଗି ଭାରତୀୟ ଫିଲ୍ଡରମାନେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି । ନୂଆ ଟିମ୍, ନୂଆ ପୋଜିସନରେ ଖାପ୍ ଖୁଆଇବାକୁ ସମୟ ଲାଗିବ ବୋଲି ଗମ୍ଭୀର କହିଛନ୍ତି ।

### ● ପୁରୁଷ ୧୦୦ ମିଟର ରେସ୍

## ଥମ୍ପସନଙ୍କ ନାମରେ ଦଶନ୍ଧିର ଶ୍ରେଷ୍ଠ ଟାଇମିଂ




କିଙ୍ଗସଟନ, ୨୮ ।୬ (ଏଜେନ୍ସି): ବିଶ୍ୱ ଚାମ୍ପିଅନସିପ୍‌କୁ ଆଉ ୭୫ ଦିନ ବାକିଥିବାବେଳେ ଜାମାଇକା ସ୍ପ୍ରିଣ୍ଟର କିଶାନେ ଥମ୍ପସନ ପୁରୁଷ ୧୦୦ ମିଟରରେ ଦଶନ୍ଧିର ଶ୍ରେଷ୍ଠ ଟାଇମିଂ ହାସଲ କରିଛନ୍ତି । ଶୁକ୍ରବାର ରାତିରେ ଏଠାରେ ଅନୁଷ୍ଠିତ ଜାମାଇକାନ ଚାମ୍ପିଅନସିପ୍‌ରେ ୧୦୦ ମିଟର ରେସକୁ ଥମ୍ପସନ ୯.୭୫ ସେକେଣ୍ଡରେ ଫିନିଶ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ପ୍ୟାରିସ ଅଲିମ୍ପିକ ରୌପ୍ୟ ପଦକ ବିଜେତା ଥମ୍ପସନଙ୍କ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ହୋଇଛି । ଏଥିସହ ପୁରୁଷ ୧୦୦ ମିଟର ରେସ୍ ଇତିହାସରେ ଏହା ୬ଷ୍ଠ ଶ୍ରେଷ୍ଠ ଟାଇମିଂ । ପୁରୁଷ ୧୦୦ ମିଟର ରେସ୍‌ରେ ବିଶ୍ୱର ଶ୍ରେଷ୍ଠ ଟାଇମିଂ ଜାମାଇକାର ଉସେନ ବୋଲ୍ଟ (୯.୫୮ ସେକେଣ୍ଡ)ଙ୍କ ନାମରେ ରହିଛି । ସେହିଭଳି ବିଶ୍ୱ ଆଥ୍‌ଲେଟିକ୍ସ ପକ୍ଷରୁ ମଧ୍ୟ ଏହାକୁ ୨୦୧୫ ପରେ ଶ୍ରେଷ୍ଠ ଟାଇମିଂ ବୋଲି କୁହାଯାଇଛି ।

### ● ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ

## ମହିଳା ଦଳର ୭ମ ପରାଜୟ

ବର୍ଲିନ, ୨୮ ।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ୍ ଲେଗ୍ (ଚରଣ)ରେ ଭାରତୀୟ ମହିଳା ହକି ଦଳ କ୍ରମାଗତ ୭ମ ପରାଜୟବରଣ କରିଛି । ଶନିବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୦-୩ ଗୋଲ୍‌ରେ ଚାଇନା ମହିଳା ଦଳ ନିକଟରୁ ପରାସ୍ତ ହୋଇଥିଲା । ଫଳରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ସୁଦ୍ଧା ପ୍ରୋ ଲିଗ୍‌ରେ ୧୫ ମ୍ୟାଚ୍ ଖେଳି ୧୦ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି । ଭାରତ ଏହାର ଶେଷ ମ୍ୟାଚ୍‌ରେ ପୁଣିଥରେ ଚାଇନା ସହ ରବିବାର ଖେଳିବ । ଏହି ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସିଜନରୁ ଭାରତୀୟ ମହିଳା ଦଳ ବାଦ୍ ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି ।

### ● ଦ.ଆଫ୍ରିକା-ଜିମ୍ବାୱେ ପ୍ରଥମ ଟେଷ୍ଟ

## ପ୍ରିଟୋରିଅସ୍, ବୋଶ୍‌ଙ୍କ ଶତକ

ବୁଲାୱେ,୨୮।୬ (ଏଜେନ୍ସି): ଦୀର୍ଘ ୧୧ ବର୍ଷ ପରେ ଦକ୍ଷିଣ ଆଫ୍ରିକା ସହ ଟେଷ୍ଟ ମୁକାବିଲା କରିଛି ଜିମ୍ବାୱେ । ଏହି ଟେଷ୍ଟର ପ୍ରଥମ ଦିନରେ ଡେବ୍ୟୁଟାଣ୍ଟ ଲୁହାନ-ଡ୍ରେ ପ୍ରିଟୋରିଅସ ଓ କର୍ବିନ ବୋଶ୍ ଶତକ ହାସଲ କରିଛନ୍ତି । ୧୯ ବର୍ଷୀୟ ଯୁବ ଖେଳାଳି ପ୍ରିଟୋରିୟସ ୧୫୩ ଓ ୩୦ ବର୍ଷରେ ତୃତୀୟ ଟେଷ୍ଟ ଖେଳୁଥିବା ବୋଶ୍ ଅପରାଜିତ ୧୦୦ ରନ୍ କରିଛନ୍ତି । ଏହା ଫଳରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣ ଆଫ୍ରିକା ୯ ୱିକେଟରେ ୪୧୮ ରନ୍ କରିଛି । ଅନ୍ୟମାନଙ୍କ ମଧ୍ୟରେ ଡିୱାଲ୍ଡ ବ୍ରେଭିସ୍ ଡେବ୍ୟୁ କରିଥିଲାବେଳେ ୫୧ ଓ ଅନ୍ୟତମ ଡେବ୍ୟୁଟାଣ୍ଟ କୋଡି ୟୁସୁଫ୍ ୨୭ ରନ୍‌ର ଯୋଗଦାନ ଦେଇଛନ୍ତି । ଜିମ୍ବାୱେ ପକ୍ଷରୁ ତାନକା ଚିଭାଙ୍ଗା ୪ଟି ଓ ବ୍ଲେସିଂ ମୁଜରବାନି ୨ଟି ୱିକେଟ ପାଇଛନ୍ତି । ତେମ୍ବା ବଭୂମାଙ୍କ ଅନୁପସ୍ଥିତିରେ କେଶବ ମହାରାଜ ଦଳର ନେତୃତ୍ୱ ନେଉଛନ୍ତି । ମହାରାଜ ଏକମାତ୍ର ଖେଳାଳି ଭାବେ ଜିମ୍ବାୱେ ସହ ୧୧ ବର୍ଷ ତଳେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍ ଖେଳିଥିଲେ ।

## ଲକ୍ଷ୍ମୀପ୍ରିୟା ୨ୟ, ଦୟାନିଧି ୩ୟ

ଭୁବନେଶ୍ୱର, ୨୮ ।୬ (ସମିସ): ବେଙ୍ଗାଲୁରୁର କାନ୍ତିରଭା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଦୁଇ ଓଡ଼ିଆ କ୍ରୀଡ଼ାବିତ୍ ଲକ୍ଷ୍ମୀପ୍ରିୟା କିସାନ ଓ ଦୟାନିଧି ମୁଣ୍ଡା ପୋଡିୟମ ଫିନିଶ୍ କରିବାରେ ସଫଳ ହୋଇଛନ୍ତି । ମହିଳା ୮୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ୨ ମିନିଟ୍ ୧୦.୨୪ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ । ଆଇଓସିଏଲ୍‌ର ହୁଇଡ୍ରୋମ ଭୁବନେଶ୍ୱର (୨:୦୯.୩୦) ପ୍ରଥମ ସ୍ଥାନରେ ରହିଥିଲେ । ସେହିଭଳି ଦୟାନିଧି ପୁରୁଷ ୮୦୦ ମିଟରରେ ତୃତୀୟ ସ୍ଥାନ ହାସଲ କରିଥିଲେ । ସେ ଏହି ଦୂରତାକୁ ଅତିକ୍ରମ କରିବାକୁ ସେ ୧ ମିନିଟ୍ ୫୦.୪୮ ସେକେଣ୍ଡ ସମୟ ନେଇଥିଲେ । ଉଭୟ ଲକ୍ଷ୍ମୀପ୍ରିୟା ଓ ଦୟାନିଧି ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି ।

### ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦

## ମନ୍ଧାନାଙ୍କ ଶତକରେ ଭାରତ ବିଜୟୀ




ନଟିଂହାମ, ୨୮ ।୬ (ଏଜେନ୍ସି): ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଦମ୍‌ଦାର ଶତକ ବଳରେ ଶନିବାର ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଭ୍ରମଣକାରୀ ଭାରତ ୯୭ ରନରେ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳକୁ ପରାସ୍ତ କରିଛି । ଏହା ଫଳରେ ଇଂଲଣ୍ଡ ଟି-୨୦ରେ ସର୍ବବୃହତ୍ ପରାଜୟ ବରଣ କରିଛି । ଭାରତ ପକ୍ଷରୁ ଧାର୍ଯ୍ୟ ୨୧୧ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ଘରୋଇ ଇଂଲଣ୍ଡ ୧୪.୫ ଓଭରରେ ୧୧୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ(୬୬ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ ଇଂଲଣ୍ଡ ବ୍ୟାଟର୍‌ମାନେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ବିଜୟୀ ଭାରତ ପକ୍ଷରୁ ପ୍ରଦାର୍ପଣକାରୀ ବାମହାତୀ ସ୍ପିନର ଶ୍ରୀ ଚରଣି ସର୍ବାଧିକ ୪ ଏବଂ ରାଧା ଯାଦବ ଓ ଦୀପ୍ତି ଶର୍ମା ୨ଟି ଲେଖାଏ ୱିକେଟ୍ ନେଇଥିଲେ । ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ ।

ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅଧିନାୟିକା ମନ୍ଧାନାଙ୍କ ୧୧୨ ରନ ବଳରେ ୫ ୱିକେଟ୍ ହରାଇ ରେକର୍ଡ ୨୧୦ ରନ କରିଥିଲା । ୫୧ ବଲରେ ଶତକ ପୂରଣ କରିଥିବା ମନ୍ଧାନା ମୋଟ୍ ୬୨ ବଲ୍ ଖେଳି ୧୧୨ ରନ କରିଥିଲେ । ଏହି ମାରାଥନ ପାଳିରେ ସେ ୧୫ ଚୌକା ଓ ୩ ଛକା ମାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୪୩, ଶେଫାଳି ବର୍ମା ୨୦, ରିଚା ଘୋଷ ୧୨ ରନ କରିଥିଲେ । ଘରୋଇ ଇଂଲଣ୍ଡ ପାଇଁ ଲୌରେନ ବେଲ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ । ଏହି ଶତକୀୟ ପାଳିରେ ମନ୍ଧାନା ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ମହିଳା ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ହର୍‌ମନପ୍ରୀତ୍ କୌରଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ମନ୍ଧାନା ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ପୂର୍ବରୁ ୨୦୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ହର୍‌ମନପ୍ରୀତ୍ ୧୦୩ ରନର ମାରାଥନ ଇନିଂସ ଖେଳିଥିଲେ । ସେହିଭଳି ପ୍ରଥମ ଭାରତୀୟ ଭାବେ ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ଶତକ ହାସଲ କରିବାର କୀର୍ତ୍ତିମାନ କରିଛନ୍ତି । ଏହାବାଦ୍ ମନ୍ଧାନା ଓ ଶେଫାଳି ଯୋଡ଼ି ଟି-୨୦ କ୍ରିକେଟ୍‌ରେ ରେକର୍ଡ ୨୧ଥର ଲାଗି ଓପନିଂ ୱିକେଟ୍‌ରେ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ିଛନ୍ତି । ଏହିକ୍ରମରେ ଅଷ୍ଟ୍ରେଲିଆର ଆଲିସା ହେଲୀ ଓ ବେଥ୍ ମୁନୀ (୨୦ଥର)ଙ୍କୁ ପଛରେ ପକାଇଛନ୍ତି ।

### ● ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ବିଶ୍ୱକପ୍

## ଗୋଟିଏ ଗ୍ରୁପ୍‌ରେ ଭାରତ-ପାକିସ୍ତାନ

ଚେନ୍ନଇ, ୨୮ ।୬ (ଏଜେନ୍ସି): ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଚେନ୍ନାଇରେ ଆରମ୍ଭ ହେବ । ଏଥିଲାଗି ବିଶ୍ୱକପ୍‌ର ଡ୍ର ଉଠାଣ କାର୍ଯ୍ୟକ୍ରମ ଶନିବାର ସୁଇଜରଲାଣ୍ଡର ଲାଇସାନେଠାରେ ଥିବା ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍‌ର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆୟୋଜକ ଭାରତ ଓ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି । ଦୁଇଥରର ବିଶ୍ୱକପ୍ ବିଜେତା ଭାରତ ସମେତ ପାକିସ୍ତାନ, ସୁଇଜରଲାଣ୍ଡ ଓ ଚିଲି ଗ୍ରୁପ୍-ବି’ରେ ରହିଛନ୍ତି । ଏହି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ୬ଟି ଗ୍ରୁପ୍‌ରେ ସେମାନଙ୍କୁ ବିଭକ୍ତ କରାଯାଇଛି । ଡିଫେଣ୍ଡିଂ ତଥା ସର୍ବାଧିକ ୭ଥରର ଚାମ୍ପିଅନ ଜର୍ମାନୀ ଗ୍ରୁପ୍-ଏ’ରେ ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସହ ସ୍ଥାନ ପାଇଛି । ପ୍ରଥମଥର ଲାଗି କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ରେ ୨୪ ଦଳ ଅଂଶଗ୍ରହଣ କରିବେ । ତାମିଲନାଡୁର ଚେନ୍ନଇ ଓ ମଦୁରାଇରେ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ । ଶନିବାର ଡ୍ର ଉଠାଣ କାର୍ଯ୍ୟକ୍ରମରେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ, ନିର୍ଦ୍ଦେଶକ ଆର୍‌କେ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ରହିଥିଲେ । ଉଲ୍ଲେଖଯୋଗ୍ୟ, ଭାରତ ଦୁଇଥର (୨୦୦୧ ଓ ୨୦୧୬) କନିଷ୍ଠ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛି ।



### କେଉଁ ଗ୍ରୁପ୍‌ରେ କିଏ

| | |
|---|---|
| ଗ୍ରୁପ୍-ଏ | : ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା, ଆୟର୍ଲାଣ୍ଡ |
| ଗ୍ରୁପ୍-ବି | : ଭାରତ, ପାକିସ୍ତାନ, ଚିଲି, ସୁଇଜରଲାଣ୍ଡ |
| ଗ୍ରୁପ୍-ସି | : ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ, ଚାଇନା |
| ଗ୍ରୁପ୍-ଡି | : ସ୍ପେନ, ବେଲଜିୟମ, ଇଜିପ୍ଟ, ନାମ୍ବିଆ |
| ଗ୍ରୁପ୍-ଇ | : ନେଦରଲାଣ୍ଡସ, ମାଲେସିଆ, ଇଂଲଣ୍ଡ, ଅଷ୍ଟ୍ରିଆ |
| ଗ୍ରୁପ୍-ଏଫ୍ | : ଫ୍ରାନ୍ସ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ବାଂଲାଦେଶ |

### ପାୱାର ଗ୍ରୀଡ୍ ଆନ୍ତଃକ୍ଷେତ୍ରୀୟ ଚେସ୍

## କମଲେଶ, କଲ୍ପେଶଙ୍କୁ ଟାଇଟଲ



ଭୁବନେଶ୍ୱର, ୨୮।୬ (ସମିସ): ଏଠାରେ ଚାଲିଥିବା ପାୱାର ଗ୍ରୀଡ୍ ଆନ୍ତଃକ୍ଷେତ୍ରୀୟ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଗୁଡ୍‌ଗାଓଁସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟର ମକଲେଶ ଭୋରାନି ଓ ପଶ୍ଚିମାଞ୍ଚଳର କଲ୍ପେଶ ରବୀନ୍ଦ୍ର କୋଟୱାଲ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି । ମହିଳା ବିଭାଗରେ ହିମାଂଶି ଓ ସାହିସ୍ତା ହନିଫ୍ ଓ ପୁରୁଷ ବିଭାଗରେ ଉତ୍ତରାଞ୍ଚଳର ଗୌରବ କୁମାର ଓ ଦକ୍ଷିଣାଞ୍ଚଳର ହରିକ୍ରିଷ୍ଣା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଖେଳ ଶେଷରେ ପାୱାର ଗ୍ରୀଡ୍ (ପାୱାର ପ୍ରୋଜେକ୍ଟ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୁନୀତା ଚୌହାନ, ମହାପ୍ରବନ୍ଧକ (ମାନବ ସମ୍ବଳ) ଅଜିତ ପଣ୍ଡା ଓ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର ଆଦି ଖେଳ ପରିଚାଳନା କରିଥିଲେ ।

# ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆର ସହଜ ବିଜୟ

ବାର୍ବାଡସ୍, ୨୮ ।୬ (ଏଜେନ୍ସି)



ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ କେନିଙ୍ଗଟନ୍ ଓଭାଲ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୧୫୯ ରନର ବଡ଼ ବ୍ୟବଧାନରେ ପରାସ୍ତ ହୋଇଛି । ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ୩ୟ ଦିବସରେ ଦ୍ୱିତୀୟ ପାଳିରେ ୧୪୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଦ୍ୱିତୀୟ ପାଳିରେ ୱେଷ୍ଟଇଣ୍ଡିଜ ବ୍ୟାଟର୍ ମାତ୍ର ୩୩.୪ ଓଭର ଖେଳିବାକୁ ସମର୍ଥ ହୋଇଥିଲେ । ଦଳ ପକ୍ଷରୁ ବ୍ୟାଟିଂକ୍ରମର ୧୦ମ ସ୍ଥାନରେ ଆସିଥିବା ସାମରା ଜୋଶେଫ୍ ୨୨ ବଲରେ ୪ ଚୌକା ଓ ୪ ଛକା ସହାୟତାରେ ୪୪ ରନର ଦ୍ରୁତ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିନ ଗ୍ରେଭସ ଅପରାଜିତ ୩୮, ଜନ କ୍ୟାମ୍ପବେଲ୍ ୨୩ ଓ କେସି କାର୍ଟି ୨୦ ରନର ପାଳି ଖେଳିଥିଲେ । ଅନ୍ୟ ୭ଜଣ ଇଣ୍ଡିଜ ବ୍ୟାଟର୍ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ । ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜଲେଉଡ୍ ସର୍ବାଧିକ ୫, ନାଥନ ଲାୟନ ୨ ଏବଂ ମିଚେଲ ଷ୍ଟାର୍କ ଓ ଅଧିନାୟକ ପ୍ୟାଟ୍ କମିନ୍ସ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ ।

**୧୫୯ ରନରେ ହାରିଲା ୱେଷ୍ଟଇଣ୍ଡିଜ**

ପୂର୍ବରୁ ପ୍ରଥମ ପାଳିରେ ଅଷ୍ଟ୍ରେଲିଆ ୧୮୦ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ୧୯୦ ରନ କରି ୧୦ ରନରେ ଅଗ୍ରଣୀ ରହିଥିଲା । ଏହାପରେ ଅଷ୍ଟ୍ରେଲିଆ ୩୧୦ ରନ କରିବାକୁ ସମର୍ଥ ହୋଇଥିଲା । ପ୍ରଥମ ପାଳିରେ ୫୯ ଓ ୨ୟ ପାଳିରେ ୬୧ ରନ କରିଥିବା ଟ୍ରାଭିସ୍ ହେଡ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଏଥିସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ରେ ପ୍ରଥମ ଖେଳାଳି ଭାବେ ୧୦ଥର ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି । ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ୨ୟ ମ୍ୟାଚ୍ ଜୁଲାଇ ୩ରୁ ଆରମ୍ଭ ହେବ ।

### କମିନ୍ସଙ୍କ କୀର୍ତ୍ତିମାନ

ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଏହି ଟେଷ୍ଟର ପ୍ରଥମ ପାଳିରେ ୱେଷ୍ଟଇଣ୍ଡିଜ ଅଧିନାୟକ ରୋଷ୍ଟନ ଚେଜ୍‌ଙ୍କୁ ୪୪ ରନରେ ଆଉଟ୍ କରିଥିଲେ । ଏଥିସହ ସେ ବିଶ୍ୱର ପ୍ରଥମ ଅଧିନାୟକ ଭାବେ ଟେଷ୍ଟ ଖେଳୁଥିବା ସମସ୍ତ ୧୦ ଦେଶର ଅଧିନାୟକଙ୍କୁ ଆଉଟ୍ କରିବାର ରେକର୍ଡ କରିଛନ୍ତି । ପୂର୍ବରୁ ଭାରତର ରୋହିତ୍ ଶର୍ମା ୬ଥର, ଦକ୍ଷିଣ ଆଫ୍ରିକାର ଡିନ୍ ଏଲ୍‌ଗାର, ଇଂଲଣ୍ଡର ବେନ୍ ଷ୍ଟୋକ୍ସ, ତେମ୍ବା ବଭୁମା, ୱେଷ୍ଟଇଣ୍ଡିଜର କ୍ରେଗ୍ ବ୍ରାଥୱେଟ୍ ୩ଥର ଲେଖାଏ କମିନ୍ସଙ୍କ ଶିକାର ବନିଛନ୍ତି । ସେହିଭଳି ଟିମ୍ ସୌଦୀ, ଜୋ ରୁଟ୍, ଶାନ ମାସୁଦ, ଯଶପ୍ରୀତ୍ ବୁମ୍‌ରା, ଓ ରୋଷ୍ଟନ ଚେଜ୍ ମଧ୍ୟ ନିଜ ଦେଶର ନେତୃତ୍ୱ ନେଉଥିବାବେଳେ କମିନ୍ସଙ୍କ ବଲରେ ଆଉଟ୍ ହୋଇଥିଲେ । ଅପରପକ୍ଷରେ ଅଷ୍ଟ୍ରେଲିଆ ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ୱିକେଟ୍ ନେବାର ରେକର୍ଡ ମଧ୍ୟ କମିନ୍ସଙ୍କ ନାମରେ ଲିପିବଦ୍ଧ ହୋଇଛି । କମିନ୍ସ ଅଧିନାୟକ ଭାବେ ଟେଷ୍ଟରେ ୧୪୦ ୱିକେଟ୍ ନେଇ ରିଚି ବେନର୍ଡ (୧୩୮)ଙ୍କୁ ପଛରେ ପକାଇଛନ୍ତି ।

### ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପାଳି ପରାଜୟ

## ସିରିଜ୍ ଜିତିଲା ଶ୍ରୀଲଙ୍କା




କଲମ୍ବୋ, ୨୮ ।୬ (ଏଜେନ୍ସି): ବାମହାତୀ ସ୍ପିନ ବୋଲର୍ ପ୍ରବାଥ ଜୟସୂରିଆଙ୍କ ୫ ୱିକେଟ୍ ସଫଳତା ବଳରେ ଘରୋଇ ଶ୍ରୀଲଙ୍କା ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟରେ ଏକ ପାଳି ଓ ୭୮ ରନରେ ବାଂଲାଦେଶକୁ ପରାସ୍ତ କରିଛି । ଫଳରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଶ୍ରୀଲଙ୍କା ୧-୦ରେ ଜିତିନେଇଛି । ପୂର୍ବରୁ ଗଲ୍‌ରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ଅମୀମାଂସିତ ରହିଥିଲା ।

ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ବାଂଲାଦେଶ ପ୍ରଥମ ପାଳିରେ ୨୪୭ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଶ୍ରୀଲଙ୍କା ଓପନର୍ ପାଥୁମ ନିଶାଙ୍କା’ଙ୍କ ୧୫୮ ରନର ମାରାଥନ ଶତକୀୟ ପାଳି ବଳରେ ୪୫୮ ରନରେ ପ୍ରଥମ ପାଳି ସୀମିତ ରଖିଥିଲା । ବାଂଲାଦେଶର ତାଇଜୁଲ ଇସଲାମଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା । ଏହାପରେ ୨୧୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ବାଂଲାଦେଶ ଶୁକ୍ରବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା । ଶନିବାର ୪ର୍ଥ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ବାଂଲାଦେଶ ଆଉ ୧୮ ରନ ଯୋଡ଼ି ୧୩୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଫଳରେ ଶ୍ରୀଲଙ୍କା ଏକ ପାଳି ଓ ୭୮ ରନରେ ସହଜସାଧ ବିଜୟ ଲାଭ କରିଥିଲା । ବାଂଲାଦେଶ ପକ୍ଷରୁ ଦ୍ୱିତୀୟ ପାଳିରେ ମୁସଫିକର ରହିମ ସର୍ବାଧିକ ୨୬, ମେହଦୀ ହାସନ ମିରାଜ ୧୧, ଲିଟନ ଦାସ ୧୪, ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ଓ ଏନାମୁଲ୍ ହକ୍ ୧୯ ରନ ଲେଖାଏ କରିଥିଲେ । ବୋଲିଂରେ ଶ୍ରୀଲଙ୍କାର ପ୍ରବଥା ଜୟସୂରିଆ ୫୬ ରନ ବ୍ୟୟରେ ବାଂଲାଦେଶର ୫ ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଟେଷ୍ଟ କ୍ରିକେଟ୍‌ରେ ଏହା ତାଙ୍କର ୧୨ତମ ୫ ୱିକେଟ୍ ସଫଳତା । ପାଥୁମ ନିଶାଙ୍କା ମ୍ୟାଚ୍ ଓ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜ ବୁଧବାରଠାରୁ ଆରମ୍ଭ ହେବ ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS